# ପଟ୍ଟାମୁଣ୍ଡାଇ ସହରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

**ପଟ୍ଟାମୁଣ୍ଡାଇ,୨୭।୭(କଳ୍ପତରୁ ନାୟକ)**

■ ରାସ୍ତାକଡ଼ରେ ଜମିରହିଛି ଅଳିଆ ଆବର୍ଜନା
■ ମ୍ୟୁନିସିପାଲିଟି ନାକତଳୁ ଉଠୁନି ଅଳିଆ
■ ପୋତି ହୋଇଗଲାଣି ଡ୍ରେନ୍

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ବିପର୍ଯ୍ୟସ୍ତ ହୋଇପଡିଛି ପରିମଳ ବ୍ୟବସ୍ଥା । ରାସ୍ତାଘାଟ ସବୁଠି ଆବର୍ଜନା ପଡି ରହିଥିବା ବେଳେ ଦୁର୍ଗନ୍ଧରେ ନାକ ଫାଟିପଡୁଛି । ଅସରାଏ ବର୍ଷା ହେଲେ ଡ୍ରେନ୍‌ରେ ପାଣି ନିଷ୍କାସନ ନ ହୋଇ ରାସ୍ତାରେ ଜମିରହୁଛି । ସହରରେ ବିନା ପ୍ଲାନରେ ମାଳ ମାଳ କୋଠା ଗଢିଉଠୁଥିବା ବେଳେ ଡ୍ରେନେଜ ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ହେଉନାହିଁ। ଫଳରେ ବର୍ଷା ହେଲେ ରାସ୍ତାରେ ପାଣି ଜମି ରହି ଯାତାୟାତରେ ଅସୁବିଧା ସୃଷ୍ଟି ହେଉଛି । ଆବର୍ଜନା ଜଳ ଯୋଗୁ ମଶାଙ୍କ ବଂଶବୃଦ୍ଧି ଆଶଙ୍କା ଥିବା ବେଳେ ଏହାର ସମାଧାନ ପାଇଁ ସାଧାରଣରେ ଦାବି ହୋଇଛି ।

ଏ ସଂକ୍ରାନ୍ତରେ ପରିବେଶବିତ୍ ପ୍ରଦୀପ ନାୟକ କୁହନ୍ତି, ପଟ୍ଟାମୁଣ୍ଡାଇ ସହରର ପରିମଳ ବ୍ୟବସ୍ଥା ସୁଧୁରିବା ପରିବର୍ତ୍ତେ ବିଗିଡ଼ିବାରେ ଲାଗିଛି, ତା'ର ପ୍ରମାଣ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ନାକତଳେ ଦେଖିବାକୁ ମିଳିଛି। କାର୍ଯ୍ୟାଳୟ ସାମନା ଓ ପଛପଟ ରାସ୍ତାରେ ଗଦା ହୋଇଛି ଅଳିଆ। ସକାଳ ଯାଇ ସନ୍ଧ୍ୟା ହେଉଛି ପଛେ ଅଳିଆ ଉଠୁନାହିଁ। ଏହା ସୂଚାଇ ଦେଉଛି ପରିମଳ ପରିଚାଳନା ଦାୟିତ୍ୱ ନେଇଥିବା ସଂସ୍ଥା ସ୍ୱଚ୍ଛତା ନାଁରେ କିଭଳି ଠକି ଚାଲିଛି । କେବଳ ଅଳିଆ ଉଠାଣ ନୁହେଁ, ଡ୍ରେନ୍ ବି ସଫେଇ ହେଉନାହିଁ। ସହରର ଅଧିକାଂଶ ଡ୍ରେନ୍‌ରୁ ପଙ୍କ କଢ଼ାଯାଉନାହିଁ। ବସ୍ତି, ପୋଖରିଆପଡା ଆଦି ଏକାଧିକ ସ୍ଥାନରେ ଡ୍ରେନ୍‌ରୁ ପଙ୍କୋଦ୍ଧାର ହୋଇ ନ ଥିବା ଦୃଶ୍ୟ ଦେଖିବାକୁ ମିଳିଛି। ବଡ଼ କଥା ହେଉଛି, ଯେଉଁଠି ମ୍ୟୁନିସିପାଲଟି କାର୍ଯ୍ୟାଳୟ ନାକତଳୁ ଅଳିଆ ଉଠୁନାହିଁ, ସେଠାରେ ସାରା ସହରରେ ସଫେଇ କିଭଳି ହେଉଥିବ ତାହା ସହଜେ ଅନୁମେୟ।

ଯୁବ ବ୍ୟବସାୟୀ ରମେଶ ଦାସ କୁହନ୍ତି, ଚନ୍ଦନ ସିକ୍ୟୁରିଟି ନାମରେ ଏକ ଠିକା ସଂସ୍ଥା ଗତ ୮ ବର୍ଷ ହେବ ସହରର ପରିମଳ ଦାୟିତ୍ୱ ହାତକୁ ନେଲାଣି। କିନ୍ତୁ ସହରର ପରିମଳ ପରିଚାଳନାରେ ସେଭଳି ଆଖିଦୃଶିଆ ପରିବର୍ତ୍ତନ ଦେଖିବାକୁ ମିଳିଲା ନାହିଁ। ଦୁଇଓଳି ସଫେଇ କରିବାକୁ ଥିବା ବେଳେ କେବଳ ସକାଳ ଓଳି ସଫେଇ ହେଉଛି । ନିୟମିତ ଡ୍ରେନ୍‌ରୁ ପଙ୍କ କଢ଼ାଯାଉନାହିଁ। ସହରର ବିଭିନ୍ନ ଡ୍ରେନ୍‌ରେ ପଙ୍କ ଭର୍ତ୍ତି ହୋଇରହିଥିବା ଦେଖିବାକୁ ମିଳିଛି। ପ୍ରତ୍ୟେକ ୱାର୍ଡର ରାସ୍ତା ପାର୍ଶ୍ୱରେ ଅନାବନା ଗଛ ମାଡିଯାଇ ଜୀବଜନ୍ତୁଙ୍କ ଆଶ୍ରୟସ୍ଥଳୀ ପାଲଟିଲାଣି । କେତେକ ସ୍ଥାନରେ ମୁକୁଳା ଡ୍ରେନ୍ ରହିଥିବାବେଳେ ସେଥିରେ ମଶାମରା ଔଷଧ ସିଞ୍ଚନ କରାଯାଉନାହିଁ । ଏମିତି ଯେ ଡ୍ରେନ୍ ତଳ ଗୋଟିଏ ପରସ୍ତ ପଙ୍କରେ ପୋତି ହୋଇଗଲାଣି। ଏଭଳି ସ୍ଥିତି ଯୋଗୁ ବର୍ଷା ହେଲେ ନର୍ଦ୍ଦମା ପାଣିରେ ରାସ୍ତା ଭାସୁଛି । ସେହିପରି ଆହାର କେନ୍ଦ୍ର ଭେଣ୍ଡିଂ ଜୋନ୍ ପଛପଟରେ ଅଳିଆ ଗଦା ହୋଇ ପଡ଼ିଛି ।

ସାମାଜିକ କର୍ମୀ କାମଦେବ ଦାସ କୁହନ୍ତି, ପଟ୍ଟାମୁଣ୍ଡାଇର ପୌରାଞ୍ଚଳ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ଏକ ସାଧାରଣ ଘଟଣାରେ ପରିଣତ ହୋଇଛି। ଦାୟିତ୍ୱ ଥିବା ଠିକା ସଂସ୍ଥା ପରିମଳ ବ୍ୟବସ୍ଥାକୁ ସୁଧାରି ପାରୁ ନ ଥିବା ବେଳେ ଗତ ୮ ବର୍ଷହେବ କାହିଁକି ଓ କାହା ସ୍ୱାର୍ଥରେ ତାଙ୍କୁ ଦାୟିତ୍ୱ ଦିଆଯାଇଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ସ୍ୱଚ୍ଛତା ନାଁରେ ମାସକୁ ପ୍ରାୟ ୧୦ଲକ୍ଷରୁ ଅଧିକ ଟଙ୍କାର ସହରବାସୀଙ୍କ ଟିକସ ଅର୍ଥ ଅପବ୍ୟୟ ହେଉଛି। ଅନ୍ୟପକ୍ଷେ ବିନା ପୌରପ୍ଲାନ ଆପ୍ରୁଭାଲ ନ ନେଇ ମନଇଚ୍ଛା ସହର ସାରା କୋଠାବାଡ଼ି ଗଢିଉଠୁଥିବା ବେଳେ ଡ୍ରେନ୍ ସମସ୍ୟା ଦେଖା ଦେଉଛି। ଏ ବାବଦରେ ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରିଙ୍କୁ ପଚାରିବାରେ ଚନ୍ଦନ ସିକ୍ୟୁରିଟି କେସ୍ କରି ରହିଛି । ସେ ଯେତିକି ଆବର୍ଜନା ସଫା କରୁଛି ସେତିକି ବିଲ୍ ହେଉଛି ।



ମ୍ୟୁନିସିପାଲିଟି ଅଫିସ ପଛରେ ଜମାହୋଇଥିବା ଅଳିଆ ଆବର୍ଜନା।

# ଓଲଟିଲା କୋଇଲା ବୋଝେଇ ଟ୍ରକ୍



**ଚଣ୍ଡିଖୋଲ,୨୭।୭(ପ୍ରଦୀପ୍ତ କୁମାର ପୃଷ୍ଟି):** ବଡ଼ଚଣା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ବଡ଼ଚଣା ଗଳିପୋଲ ନିକଟରେ ଶନିବାର ଏକ କୋଇଲା ବୋଝେଇ ଟ୍ରକ (ଓଆର୍‌୦୨ବିଏନ୭୫୦୭) ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଏଥିଯୋଗୁ ଗଳି ପୋଲ ଦେଇ ଯାତାୟାତ ବାଧାପ୍ରାପ୍ତ ହୋଇଥିବାବେଳେ ପୋଲିସ ଜେସିବି ମେସିନ ସାହାଯ୍ୟରେ କୋଇଲା ଗୁଣ୍ଡଗୁଡ଼ିକ କାଢ଼ିବା ପରେ ଯାତାୟାତ ସ୍ୱାଭାବିକ ହୋଇଛି। ଟ୍ରକଟି କୋଇଲା ଗୁଣ୍ଡ ବୋଝେଇ କରି ମଙ୍ଗୁଳିରୁ ଚଣ୍ଡିଖୋଲ ଅଭିମୁଖେ ଯାଉଥିଲା। ଏଥିରେ ଡ୍ରାଇଭର ଓ ହେଲପରଙ୍କ କିଛି କ୍ଷତି ଘଟିନାହିଁ।

# ନିଟ୍ କୃତକାର୍ଯ୍ୟ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



କୃତି ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

**ଧର୍ମଶାଳା,୨୭।୭(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ଅଧୀନ ପାଖର ପଞ୍ଚାୟତ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୋନମ ବାହାଲିଆ ନିଟ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଏହି ଅବସରରେ ସ୍କୁଲ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଧାନଶିକ୍ଷକ କମଳାକାନ୍ତ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଏବିଇଓ ନମିତା ମହାନ୍ତି, ଅତିଥିଭାବେ ପୂର୍ବତନ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ଦାସ, ପ୍ରତିଷ୍ଠାତା ସଭ୍ୟ ସୁଦର୍ଶନ ବେହେରା, ପରିଚାଳନା କମିଟି ସଭାପତି ଦାମୋଦର ବାହାଲିଆ ପ୍ରମୁଖ ଯୋଗଦେଇ ଛାତ୍ରୀଙ୍କ ନିଷ୍ଠା, ଏକାଗ୍ରତା ଓ ଦୃଢ଼ଇଚ୍ଛାଶକ୍ତିର ପ୍ରଶଂସା କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ସୋନମ ନିଜର ଅଭିଜ୍ଞତା ବର୍ଣ୍ଣନା କରିବା ସହ ପିତାମାତା ଓ ଶିକ୍ଷକଙ୍କ ପ୍ରେରଣା ଯୋଗୁ ସେ ନିଟ୍ ପାଇବାରେ ସଫଳ ହୋଇଛନ୍ତି ବୋଲି କହିଥିଲେ। ଶିକ୍ଷୟିତ୍ରୀ ଦମୟନ୍ତୀ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଅନାଥ ୨ ଭାଇଙ୍କୁ ସହାୟତା ପ୍ରଦାନ

**ମାର୍ଶାଘାଇ,୨୭।୭(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**

ମାଆ, ବାପାଙ୍କୁ ହରାଇ ଅନାଥ ହୋଇଯାଇଥିବା ୨ଭାଇଙ୍କୁ ସହାୟତାର ହାତ ବଢ଼ାଇଛନ୍ତି କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା । ସୂଚନା ଅନୁଯାୟୀ, ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କୁହୁଡି ପଞ୍ଚାୟତ ନରେନ୍ଦ୍ରପୁର ଗ୍ରାମର ତ୍ରିଲୋଚନ ସେଠୀଙ୍କ ଗତ କିଛିବର୍ଷ ତଳେ ଦେହାନ୍ତ ହୋଇଯାଇଥିଲା । ଘରେ ତାଙ୍କର ସ୍ତ୍ରୀ ଓ ଦୁଇ ପୁଅ ଥିଲେ । ହେଲେ କିଛିଦିନ ତଳେ ମା'ଙ୍କ ପରଲୋକ ହୋଇଯାଇଥିଲା। ଫଳରେ ୨ ପୁଅ ବାପା ମା'ଛେଉଣ୍ଡ ହୋଇଯାଇଥିଲେ । ଘରେ ଆଉ କେହି ନ ଥିବାରୁ ଶୁଦ୍ଧିକ୍ରିୟା ଓ ଅନ୍ୟ କର୍ମ ପାଇଁ ୨ ଭାଇ ଗାଁରେ ହାତ ପତାଇ ଭିକ୍ଷା ମାଗୁଥିଲେ। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ କେନ୍ଦ୍ରାପଡ଼ା ଏମ୍‌ପି ପଣ୍ଡା ଦୁଃଖ ପ୍ରକାଶ କରିଥିଲେ । ଏଥି ସହିତ ଜିଲା ଭାଜପା ଉପସଭାପତି ସଞ୍ଜୟ ରଥ ଏମ୍‌ପିଙ୍କ ତରଫରୁ ୨ ଭାଇଙ୍କୁ ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଉପସଭାପତି ରଥଙ୍କ ସହିତ ୨୫ନମ୍ବର ଜୋନ୍ ଭାଜପା ସଭାପତି ପ୍ରକାଶ ଦାସ, ଜଗବନ୍ଧୁ ନାୟକ, ଦେବ ମଲିକ, ଶଙ୍କର୍ଷଣ ମଲିକ, ତାପସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।



# କାରଗିଲ ବିଜୟ ଦିବସ ପାଳିତ



କାରଗିଲ ବିଜୟ ଦିବସରେ ଯୋଗଦେଇଥିବା ଅତିଥିମାନେ।

**ରସୁଲପୁର,୨୭।୭(ରଂଜିତ ରାଉତ):**

ରସୁଲପୁର ବ୍ଲକ ଅଧୀନ ରସୁଲପୁର ପଞ୍ଚାୟତର କୁଆଖିଆ ପରିବାବଜାରଠାରେ ଶନିବାର ଅପରାହ୍ନରେ କାରଗିଲ ବିଜୟର ୨୫ବର୍ଷ ପୂର୍ତ୍ତି ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଏମ୍‌ପି, ବିଧାୟକ ଓ ଅନ୍ୟ ନେତୃମଣ୍ଡଳୀ ଯୋଗଦେଇ ଶହୀଦ ଯବାନଙ୍କ ବୀର ଗାଥାକୁ ବଖାଣିବା ସହ ବୀର ଯବାନମାନଙ୍କ ସାହସିକତା, ଦାମ୍ଭିକତା, ଦେଶପ୍ରେମ, ନିଷ୍ଠାପରତା, ଆତ୍ମବଳିଦାନର ଗୁଣାବଳୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମଞ୍ଚାସୀନ ନେତୃମଣ୍ଡଳୀ ଯବାନମାନଙ୍କ ଗୁଣଗାନରେ ଶତମୁଖ ହୋଇଉଠିଥିଲେ। ଯାଜପୁର ଜିଲା ଭାଜପା ସଭାପତି ଗୌତମ ରାୟଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବରେ ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା, ସମ୍ମାନିତ ଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, କୋରେଇ ବିଧାୟକ ଆକାଶ ଦାସନାୟକ, ବଡ଼ଚଣା ବିଧାୟକ ଅମର ନାୟକ, ପୂର୍ବତନ ବିଧାୟିକା ସଂଚିତା ମହାନ୍ତି, ବିଞ୍ଝାରପୁର ଭାଜପା ବିଧାୟିକା ପ୍ରାର୍ଥିନୀ ବବିତା ମଲିକ, ଯାଜପୁର ଜିଲା ଭାଜପା କାର୍ଯ୍ୟକାରୀ ସଭାପତି ଆଶୁତୋଷ ପରିଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

ପ୍ରାରମ୍ଭରୁ ସଭା ଆୟୋଜନରେ କେତେକ ବ୍ୟତୀକ୍ରମ ଦେଖାଦେଇଥିଲା। ସଭା ସମୟ ପୂର୍ବାହ୍ନ ୧୦ ଘଟିକା ଧାର୍ଯ୍ୟ କରାଯାଇଥିଲା। ଅତିଥିମାନେ ଅପରାହ୍ନ ୧ଟାରେ ମଞ୍ଚାସୀନ ହୋଇଥିଲେ। କେତେଜଣ ଖବରଦାତା ଚୌକି ନ ପାଇ ସଭା ମଞ୍ଚ ସମ୍ମୁଖରେ ଛିଡା ହୋଇଥିବା ଦେଖାଯାଇଥିଲା। ବିଜୟ ଉତ୍ସବରେ ଯୋଗଦେବାକୁ ଆସିଥିବା ଦଳୀୟ କର୍ମୀଙ୍କ ପାଇଁ ସଭାସ୍ଥଳରେ ଚୌକ ନମିଳିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସଭାସ୍ଥଳରେ ଯୁବକମାନେ ଚୌକି ମାଡି ବସିଥିବାବେଳେ ଅଧିକାଂଶ ମହିଳା କର୍ମୀଙ୍କୁ ମଞ୍ଚ ସମ୍ମୁଖରେ ବସିବାକୁ ଚୌକି ମିଳି ନ ଥିଲା। ଏପରିକି କର୍ମୀଙ୍କ ପାଇଁ ଆୟୋଜନ ହୋଇଥିବା ମଧ୍ୟାହ୍ନଭୋଜନ ସ୍ଥଳରେ ଠେଲାପେଲା ହୋଇଥିବା ଲକ୍ଷ୍ୟ କରାଯାଇଥିଲା।

# ଡେରାବିଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଭିଭାବକ ଓ ଶିକ୍ଷକମାନଙ୍କ ବୈଠକ

**ଡେରାବିଶ,୨୭।୭(ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅବିଭାବକ ଓ ଶିକ୍ଷକଙ୍କ ଏକ ମିଳିତ ବୈଠକ ଗତ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକ ପୌରୋହିତ୍ୟ କରିଥିଲେ। ପ୍ରବଳ ବର୍ଷା ସତ୍ତ୍ୱେ ବହୁ ସଂଖ୍ୟାରେ ଅବିଭାବକମାନେ ଯୋଗଦେଇ ଯୁକ୍ତ ଦୁଇ ଶ୍ରେଣୀରେ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କ ଶିକ୍ଷା ସମ୍ବନ୍ଧିୟ ବିଭିନ୍ନ ପ୍ରଶ୍ନ ପଚାରିବା ସହିତ ଏବାବଦରେ ଉପସ୍ଥିତ ଅଧ୍ୟାପିକା ଓ ଅଧ୍ୟାପକଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଯଦି ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ସମୟାନୁବର୍ତ୍ତିତା, ନିୟମିତତା, ନିଷ୍ଠାପର ଉଦ୍ୟମ ଓ କଠିନ ପରିଶ୍ରମକୁ ଅଗ୍ରାଧିକାର ଦେଇ କାର୍ଯ୍ୟ କରନ୍ତି ତେବେ ସେମାନେ ସଫଳତାର ଶୀର୍ଷରେ ପହଞ୍ଚି ପାରିବେ ବୋଲି ଅଧ୍ୟକ୍ଷ ନାୟକ ମତବ୍ୟକ୍ତ କରିଥିଲେ। ଏହି ବୈଠକରେ ଶତାଧିକ ଅବିଭାବକ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଧାପକ ଅଶ୍ୱିନୀ କୁମାର ପୃଷ୍ଟି, ଶାନ୍ତନୁ କୁମାର ମାଟି, ବିକ୍ରମ ମହାନ୍ତି ଏବଂ ଅଧ୍ୟାପିକା ଡ.ପ୍ରଜ୍ଞା ପଟ୍ଟନାୟକ ଓ ବିଜୟଲକ୍ଷ୍ମୀ ସାହୁଙ୍କ ସମେତ ଅଧ୍ୟାପକ ଗୁରୁଚରଣ ସେଠୀ, ବିଶ୍ୱଜିତ ସାହୁ, ସଞ୍ଜୟ କୁମାର ମିଶ୍ର, ଡ. କିଶୋର କୁମାର ବେଦାନ୍ତ, ଡ.ସନ୍ଦୀପ ବଳ, ଜ୍ୟୋତିର୍ମୟ ବ୍ରହ୍ମା ଓ ରଘୁନାଥ ସାହୁ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ର, ଅବିଭାବକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ସହ ସେମାନଙ୍କ ସହ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଅଧ୍ୟାପକ ବୃନ୍ଦାବନ ଦାସ ବୈଠକର ଆଭିମୁଖ୍ୟ ବାବଦରେ ସୂଚନା ପ୍ରଦାନ କରିଥିଲେ। ବୈଠକ ଶେଷରେ ଅଧ୍ୟାପିକା ଶୁଭାସିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକ ପରିଚାଳନାରେ କଲେଜ କର୍ମଚାରୀ ବାନାମ୍ବର ମଳିକଙ୍କ ସମେତ ଅନ୍ୟ ସମସ୍ତ କର୍ମଚାରୀମାନେ ସହଯୋଗ କରିଥିଲେ।

# ରାଷ୍ଟ୍ରର ହିତଚିନ୍ତା ଦ୍ୱାରା ସମୃଦ୍ଧ ଭାରତ ଗଠନ ସମ୍ଭବ

## ଭାରତ ବିକାଶ ପରିଷଦର ପ୍ରସ୍ତୁତି ବୈଠକ



ବୈଠକରେ ଯୋଗଦେଇଥିବା ଭାରତ ବିକାଶ ପରିଷଦର କର୍ମକର୍ତ୍ତା।

**କେନ୍ଦ୍ରାପଡ଼ା,୨୭।୭(ଜଗନ୍ନାଥ ଧଳ)**

ସମ୍ପର୍କ, ସହଯୋଗ, ସଂସ୍କାର, ସେବା ଓ ସମର୍ପଣ ଭାବ ଭାରତ ବିକାଶ ପରିଷଦର ଆଭିମୁଖ୍ୟ । ଏହି ଆଭିମୁଖ୍ୟରେ ରହି ରାଷ୍ଟ୍ରହିତରେ କାର୍ଯ୍ୟ କରିପାରିଲେ ସମୃଦ୍ଧ ଭାରତ ଗଠନ ସମ୍ଭବ । ଗତ ୬୧ ବର୍ଷ ଧରି ପରିଷଦ ଏହି କାର୍ଯ୍ୟ କରିଆସିଥିବା କେନ୍ଦ୍ରାପଡ଼ା ଜିଲାରେ ଶାଖା ବିସ୍ତାର ପ୍ରସ୍ତୁତି ବୈଠକରେ ଅତିଥିମାନେ ଶନିବାର ପ୍ରକାଶ କରିଛନ୍ତି । ସହରର ଗୋପସ୍ଥିତ କମଳ ଭବନରେ ଏହି ବୈଠକ ପକ୍ଷୀ ବିଶାରଦ ତଥା ସାମାଜିକ କର୍ମୀ ପ୍ରମୋଦ କୁମାର ଧଳଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡ଼ିଶା ପୂର୍ବ ପ୍ରାନ୍ତ ସଭାପତି ସତ୍ୟବାଦୀ ଦାସ, ପ୍ରାନ୍ତ ମହାସଚିବ ସୌମେନ୍ଦ୍ର ଦାସ, ମାନସ ଭୂଷଣ ପଣ୍ଡିତ ହୃଷୀକେଶ ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସେମାନେ କହିଥିଲେ, ମାତୃଭୂମିର ସେବା ପାଇଁ ଏହି ସଙ୍ଗଠନ ୧୯୬୩ ମସିହାରେ ଆରମ୍ଭ ହୋଇଥିଲା । ଏହାର ସ୍ଲୋଗାନ ଥିବା ସମର୍ଥ ଭାରତ ସଂସ୍କାରିତ ଭାରତକୁ ବୁଦ୍ଧିମନ୍ତ ପାଇଁ ପରିଷଦ ଦୀର୍ଘବର୍ଷ ଧରି କାର୍ଯ୍ୟ କରିଆସିଛି । ଭିନ୍ନକ୍ଷମଙ୍କୁ ସହଯୋଗ, ସମନ୍ୱିତ ଗ୍ରାମ ବିକାଶ, ଆଦିବାସୀଙ୍କ ସ୍ୱାର୍ଥ ସୁରକ୍ଷା, ରକ୍ତଦାନ, ଉତ୍ତମ ଚିକିତ୍ସା ବ୍ୟବସ୍ଥା, ନିଶା ମୁକ୍ତି ଆଦିକୁ ପରିଷଦ ଗୁରୁତ୍ୱ ଦେଇଥାଏ । ଏଥିସହିତ ଦେଶର ଭବିଷ୍ୟତ ପିଢ଼ିଙ୍କୁ ରାଷ୍ଟ୍ରବାଦୀରେ ପରିଣତ ପାଇଁ ସ୍କୁଲଗୁଡିକରେ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ପରିଷଦରେ ସମୃଦ୍ଧ ଓ ପ୍ରତିଷ୍ଠିତ ସଦସ୍ୟଙ୍କୁ ଗ୍ରହଣ କରା ଯାଉଥିବାରୁ ନିରନ୍ତର ଦେଶର ଆଭ୍ୟନ୍ତରରେ ଥିବା ଜନସାଧାରଣ ଉପକୃତ ହୋଇଥାନ୍ତି । କେନ୍ଦ୍ରାପଡ଼ା ଜିଲାରେ ପରିଷଦର ଏକ ଶାଖା ଖୋଲାଯାଉଥିବାରୁ ଏହାର ସୁପ୍ରଭାବ ଜିଲାବାସୀଙ୍କ ଉପରେ ପଡିବ ବୋଲି ସେମାନେ କହିଥିଲେ। ବୈଠକରେ ଭୁବନମୋହନ ଜେନା, ମାତୃଦତ୍ତ ମହାନ୍ତି, ସଞ୍ଜୟ କୁମାର ପତ୍ରୀ, ଅପର୍ଣ୍ଣା ମହାନ୍ତି, ନବଜ୍ୟୋତି ରାୟ, ଅତୁଳ ବଳ, ଚିତ୍ତରଞ୍ଜନ ଦାସ, ସର୍ବେଶ୍ୱର ସେଣ, ସରୋଜ ସାହୁ ପ୍ରମୁଖ ଯୋଗ ଦେଇ ଏ ସମ୍ପର୍କରେ ମତ ରଖିଥିଲେ । ସାହିତ୍ୟିକ ସରୋଜ କୁମାର ମହାନ୍ତି, ପ୍ରସନ୍ନ କୁମାର ପରିଡ଼ା ପ୍ରମୁଖ ଏହି ବୈଠକକୁ ପରିଚାଳନା କରିଥିଲେ ।

# ବିଦ୍ୟୁତ୍ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ

**ରାଜକନିକା,୨୭।୭ (ରବୀନ୍ଦ୍ର କୁମାର ଦାସ )**



ରାଜକନିକା ବ୍ଲକ ଅନ୍ତର୍ଗତ ପେଗରପଡ଼ା ପଞ୍ଚାୟତ ପେଗରପଡ଼ା ଗାଁ ଦାସସାହିର ବନମାଳୀ ମଲିକଙ୍କ ଘର ବିଦ୍ୟୁତ୍ ଶଟସର୍କିଟରୁ ଜଳିଯାଇଛି। ରାଜକନିକା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଏହି ଅଗ୍ନିକାଣ୍ଡରେ ବନମାଳୀଙ୍କ ଗୋଟିଏ ବଖରା ଘର ସମ୍ପୂର୍ଣ୍ଣ ଜଳି ଯାଇଛି । ଘରର ସମସ୍ତ ଜିନିଷପତ୍ର ପୋଡି ପାଉଁଶ ହୋଇଯାଇଥିବା ଅଗ୍ନିଶମ ବାହିନୀ ସୂଚନା ଦେଇଛି। ଏବେ ବନମାଳୀଙ୍କ ପରିବାର ଲୋକମାନେ ଖୋଲା ଆକାଶ ତଳେ ରହିଛନ୍ତି । ଏହି ପରିବାରକୁ ସରକାରୀ ସହାୟତା ପାଇଁ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଧର୍ମପରାୟଣ ମହିଳାଙ୍କ ପରଲୋକ

**ମାର୍ଶାଘାଇ,୨୭।୭(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**



କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ୍ ଗୋପେଇ (ପଣସୁଆପଡା) ଗ୍ରାମର ଧର୍ମପରାୟଣ ମହିଳା କଢି ସ୍ୱାଇଁଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି । ତାଙ୍କୁ ୯୪ବର୍ଷ ହୋଇଥିଲା । ସେ କିଛି ଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ । ଅପରାହ୍ନରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବଡ଼ ପୁଅ ହରପ୍ରସାଦ ସ୍ୱାଇଁ ମୁଖାଗ୍ନି ଦେଇଥିଲେ । ପୁତ୍ର ଅଶୋକ,ପ୍ରତାପ,ମନୋଜ,ପ୍ରଶାନ୍ତ ଓ ଝିଅ କାଞ୍ଚନବାଳାଙ୍କ ସମେତ ପୁତ୍ରବଧୂ, ବନ୍ଧୁ ପରିବାର ବର୍ଗ ଉପସ୍ଥିତ ଥିଲେ । ସ୍ୱାଇଁଙ୍କ ପରଲୋକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଏମ୍‌ପି ବୈଜୟନ୍ତ ପଣ୍ଡା, ବିଧାୟକ ଗଣେଶ୍ୱର ବେହେରା, ବିଜୟ ମହାପାତ୍ର, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ. ପୂର୍ବତନବିଧାୟିକା ସାବିତ୍ରୀ ଅଗ୍ରୱାଲ, ଚିନ୍ମୟ ବେଉରା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

# ବଡ଼କୁଳ ଲୁଣାନଦୀ ବନ୍ଧ ହେବ ତାଳବଣ

## ଚାରା ରୋପଣ ପାଇଁ ଅଣ୍ଟାଭିଡ଼ିଲେ ସୀତାରାମ ଚାରିଟେବଲ୍ ଟ୍ରଷ୍ଟ ସଦସ୍ୟ

**ମହାକାଳପଡ଼ା,୨୭।୭(ପ୍ରତାପ ଚନ୍ଦ୍ର ସ୍ୱାଇଁ)**

ବିଶ୍ୱରେ ତାପମାତ୍ରା ବୃଦ୍ଧି ପାଇବ ଯୋଗୁ ଜଳବାୟୁରେ ପରିବର୍ତ୍ତନ ଘଟିଛି । ଏହାର ପ୍ରଭାବରେ ପରିବେଶ ଧୀରେ ଧୀରେ ଅସନ୍ତୁଳିତ ହୋଇଛି । ଆଗାମୀ ପିଢ଼ି ପାଇଁ ନୂଆ ପରିବେଶ ସୃଷ୍ଟି କରିବା ଲାଗି ଆଗେଇ ଆସିଛନ୍ତି ଗାଁର ଯୁବକ ଓ କେତେଜଣ ସ୍ୱେଚ୍ଛାସେବୀ। କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ବଡ଼କୁଳ ଗ୍ରାମର ଲୁଣାନଦୀ ବନ୍ଧରେ ରୋପଣ କରାଯାଇଛି ୧ ହଜାରରୁ ଊର୍ଦ୍ଧ୍ୱ ତାଳଚାରା ଖୁଙ୍କୁଡ଼ି। ଉକ୍ତ ଗାଁର ସୀତାରାମ ଚାରିଟେବଲ୍ ଟ୍ରଷ୍ଟ ଓ ଉଚ୍ଚ ବିଦ୍ୟାଳୟ ଇକୋ କ୍ଲବ ମିଳିତ ସହଯୋଗରେ ଛାତ୍ରୀଛାତ୍ର ଓ ସ୍ୱେଚ୍ଛାସେବୀମାନେ ତାଳ ଚାରା ରୋପଣ କରିଛନ୍ତି। ସେମାନେ ଗାଁରେ ନୂଆ ପରିବେଶ ସୃଷ୍ଟି କରିବା ପାଇଁ ଶପଥ ନେଇଛନ୍ତି। ଗାଁର ଚାରିପାଖ ପ୍ରବାହିତ ହୋଇ ଥିବା ଲୁଣାନଦୀ ଘେରିବନ୍ଧରେ ସେମାନେ ତାଳ ଚାରା ସହିତ ନିମ, କରଞ୍ଜ, ଆକାଶିଆ, ପାହାଡ଼ିଆ ଶାଳ, ଫଳ ଫୁଲ ଚାରା ସହିତ ବିଭିନ୍ନ ଔଷଧୀୟ ଚାରା ରୋପଣ କରିଛନ୍ତି। ଏଥିପାଇଁ ଗ୍ରାମର ପରିବେଶବିତ୍, ବୁଦ୍ଧିଜୀବୀ, ଶିକ୍ଷାବିତ୍, କୃଷକ, ଚାଷୀ, କଳାକାରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି ବରିଷ୍ଠ କଳାକାର ଅକ୍ଷୟ କୁମାର ବେହେରା କହିଛନ୍ତି । ଏହି ମହତ୍ କାର୍ଯ୍ୟରେ ସାମିଲ ହୋଇଛନ୍ତି ରାମମନ୍ଦିର ମହନ୍ତ ବିଭୂତି ବାବା, ମାନସ ରଞ୍ଜନ ଲେଙ୍କା, ଲକ୍ଷ୍ମୀକାନ୍ତ ନାୟକ, ରାକେଶ ବେହେରା, ବିଜୟ କୁମାର ରାଉତ, ଆକାଶ ବାରିକଙ୍କ ସମେତ ଗ୍ରାମର ଯୁବକମାନେ । ଏପରି ପଦକ୍ଷେପକୁ ସାମାଜିକ କର୍ମୀ ପ୍ରମୋଦ କୁମାର ସ୍ୱାଇଁ ପ୍ରଶଂସା କରିଛନ୍ତି। ଆଗାମୀ ଦିନରେ ଏହି ଗ୍ରାମକୁ ସବୁଜିମାମୟ କରାଯିବ ବୋଲି ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମ ବିଦ୍ୟାଳୟର ଇକୋ କ୍ଲବ ପକ୍ଷରୁ ଛାତ୍ରୀଛାତ୍ରମାନେ ବି ସାମିଲ ହୋଇଥିଲେ। ଅତିଥି ଭାବେ ସରପଞ୍ଚ ପ୍ରଜ୍ଞାପାରମିତା କର ଚାରା ରୋପଣ କାର୍ଯ୍ୟକ୍ରମକୁ ଶନିବାର ସକାଳେ ଶୁଭାରମ୍ଭ କରିଥିଲେ। ପରିବେଶବିତ୍ ଅନାଦି ପ୍ରସାଦ ରାଉତ, ପ୍ରଧାନଶିକ୍ଷକ ଚକ୍ରଧର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।



ଲୁଣାନଦୀ ଘେରିବନ୍ଧରେ ତାଳ ଚାରା ରୋପଣ କରାଯାଉଛି ।

# ଶିକ୍ଷକଙ୍କ ବଦଳି ବାତିଲ ଦାବିରେ ତାଲା ବନ୍ଦ ଆନ୍ଦୋଳନ

ଏରସମା,୨୭।୭ (ଦୀପ୍ତି ଖଣ୍ଡୁଆ)

ଏରସମା ବ୍ଲକ ଅନ୍ତର୍ଗତ କୁଞ୍ଜୀକୋଠି ପଞ୍ଚାୟତସ୍ଥିତ କାଳିକୁଦ ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକଙ୍କ ବଦଳି ହୋଇଯାଇଛି। ଏହି ବଦଳି ବାତିଲ ଦାବିରେ ଗ୍ରାମବାସୀ ଶନିବାର ବିଦ୍ୟାଳୟରେ ତାଲା ବନ୍ଦ କରି ଆନ୍ଦୋଳନ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ସେହି ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ମଧ୍ୟରେ ୪୬ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସେଠାରେ ପ୍ରଧାନ ଶିକ୍ଷକଙ୍କ ସହ ୨ ଜଣ ଶିକ୍ଷୟିତ୍ରୀ ଓ ଜଣେ ଶିକ୍ଷକ ନିଯୁକ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଶିକ୍ଷକ ନୀହାର ରଞ୍ଜନ ଜେନାଙ୍କୁ ଭେଜିବାରି ପାଟେରା ସ୍କୁଲକୁ ବଦଳି କରାଯାଇଛି। ଗ୍ରାମବାସୀଙ୍କ କହିବା ଅନୁସାରେ, ପ୍ରଧାନ ଶିକ୍ଷକ ସ୍କୁଲ କାର୍ଯ୍ୟରେ ବ୍ୟସ୍ତ ରହିଲେ, ଅବଶିଷ୍ଟ ଶିକ୍ଷୟିତ୍ରୀ ୨ଜଣ ପାଠ ପଢ଼ାଇବା ତ ଦୂରର କଥା, ପିଲାମାନଙ୍କୁ ନିୟନ୍ତ୍ରଣ କରିବା ମଧ୍ୟ ସମ୍ଭବ ହେବ ନାହିଁ। ସେଥିପାଇଁ ସମ୍ପୃକ୍ତ ଶିକ୍ଷକ ଜେନାଙ୍କ ବଦଳି ବାତିଲ କରିବା ପାଇଁ ଗ୍ରାମବାସୀ ଗତ ୨୩ରେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଦାବି କରିଥିଲେ। ମାତ୍ର ଦାବି ପୂରଣ ନ ହେବାରୁ ଶନିବାର ସହଦେବ ବୋଇତାଳ, ହରେକୃଷ୍ଣ ମଣ୍ଡଳ, ବାବାଜୀ ପ୍ରଧାନ, ଅନନ୍ତ ମଣ୍ଡଳ, ସୁବାସ ଜେନା, ଖୋକା ପ୍ରଧାନ, କାଳନ୍ଦୀ ସାଇଁ, ସିଦ୍ଧେଶ୍ୱର ମଣ୍ଡଳ, ଶମ୍ଭୁ ଜେନା, ବାତାଲି ସୁତାର, ଭରତ କରଣ ପ୍ରମୁଖ ତାଲା ବନ୍ଦ ଆନ୍ଦୋଳନ କରିଥିଲେ। ମାତ୍ର ବ୍ଲକ ଶିକ୍ଷା ଅଧିକାରୀ କି ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କେହି ଘଟଣା ସ୍ଥଳରେ ପହଞ୍ଚି ନ ଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଇଓଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ଅତିରିକ୍ତ ବିଇଓ ଲିଆକତ ଅଲ୍ଲୀ ଖାନ୍‌ଙ୍କୁ ପଚାରିବାରୁ ସାମୟିକ ଭାବେ ସମ୍ପୃକ୍ତ ଶିକ୍ଷକଙ୍କୁ ବଦଳି କରାଯାଇଛି ବୋଲି କହିଛନ୍ତି। ସୋମବାର ଯଦି ଦାବି ପୂରଣ ନ ହୁଏ, ତେବେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ସହଦେବ ବୋଇତାଳ ଚେତାବନୀ ଦେଇଛନ୍ତି।



ଗ୍ରାମବାସୀ ବିଦ୍ୟାଳୟ ଫାଟକରେ ତାଲା ପକାଇ ବିକ୍ଷୋଭ କରୁଛନ୍ତି।

# ୨ ଅଗଷ୍ଟ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

## ଲଘୁଚାପ ଓ କ୍ଷେପଣାସ୍ତ୍ର ପରୀକ୍ଷଣ ପାଇଁ ସତର୍କତା


ମତ୍ସ୍ୟ ବିଭାଗ ପକ୍ଷରୁ ଷଣ୍ଢକୁଦଠାରେ ପ୍ରଚାର କରାଯାଉଛି।

ପାରାଦୀପ,୨୭।୭(ଶରତ ରାଉତ)

ରାଜ୍ୟ ସରକାରଙ୍କ ମତ୍ସ୍ୟ ବିଭାଗ (ସାମୁଦ୍ରିକ)ପାରାଦୀପ ପକ୍ଷରୁ ଶନିବାର ଅପରାହ୍ନରେ ସତର୍କ ସୂଚନା ଜାରି କରାଯାଇଛି। ବିଭାଗର କର୍ମଚାରୀମାନେ ନେହେରୁ ବଙ୍ଗଳା ମାଛଧରା ବନ୍ଦର, ମାଛ ଗଦି ବାଲିପ୍ଲଟ, ଷଣ୍ଢକୁଦ ଅଞ୍ଚଳରେ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରିଛନ୍ତି। ଏଥିରେ କୁହାଯାଇଛି ଯେ, ଶନିବାର ୨୭ ରୁ ୨୯ ପର୍ଯ୍ୟନ୍ତ ଲଘୁଚାପ ଯୋଗୁ ସମୁଦ୍ର ଅଶାନ୍ତ ରହିବ। ସେଥିପାଇଁ କୂଳକୁ ଫେରିବା ପାଇଁ ମତ୍ସ୍ୟଜୀବୀ ପରାମର୍ଶ ଦିଆଯାଇଛି। ସେହିପରି ଜୁଲାଇ ୩୧ ରୁ ଅଗଷ୍ଟ ୨ ମଧ୍ୟରେ ସମୁଦ୍ର ମଧ୍ୟରେ କ୍ଷେପଣାସ୍ତ୍ର ପରୀକ୍ଷଣ କରାଯିବ। ଉକ୍ତ ଦିନ ସକାଳ ୯ରୁ ସନ୍ଧ୍ୟା ୭ ଟା ମଧ୍ୟରେ କେନ୍ଦ୍ରାପଡା, ଭଦ୍ରକ, ବାଲେଶ୍ୱର, ପଶ୍ଚିମବଙ୍ଗର ପୂର୍ବ ମେଦିନାପୁର, ଚବିଶ ପ୍ରଗଣା ସୀମା ମଧ୍ୟରେ କୋଣସି ମତ୍ସ୍ୟଜୀବୀ ଡଙ୍ଗା ଯାତାୟାତ କରିବ ନାହିଁ ବୋଲି ସତର୍କ କରାଯାଇଛି।

# ଭତ୍ତା ବୃଦ୍ଧିରେ ପାତରଅନ୍ତରକୁ ନାପସନ୍ଦ

## ସବୁବର୍ଗର ହିତାଧିକାରୀଙ୍କ ଭତ୍ତା ବୃଦ୍ଧି ଦାବି

ରସୁଲପୁର,୨୭।୭(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ୍ ଅଞ୍ଚଳରେ ୨୩,୬୦୮ ହିତାଧିକାରୀ ଭତ୍ତା ପାଉଛନ୍ତି। ସରକାର ପ୍ରଥମ ପର୍ଯ୍ୟାୟରେ ୮୦ ଓ ତଦୁର୍ଦ୍ଧ ବୟସ୍କ ବ୍ୟକ୍ତିଓ ୮୦ ଏବଂ ତା'ଠାରୁ ଅଧିକ ଶତକଡ଼ା ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ବର୍ଦ୍ଧିତ ହାରରେ ଭତ୍ତା ପ୍ରଦାନ କରିବେ ବୋଲି ଘୋଷଣା କରିଛନ୍ତି। ଏହି ବର୍ଗର ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତାରାଶି ୩,୫୦୦ଟଙ୍କା ପ୍ରଦାନ କରାଯିବ। ସରକାରଙ୍କ ଏହି ଘୋଷଣାକୁ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ ହୋଇଥିବା ଅନେକ ହିତାଧିକାରୀ ନାପସନ୍ଦ କରିଛନ୍ତି। ସରକାରୀସ୍ତରରେ ହୋଇଥିବା ଘୋଷଣାନାମାର ପୁନଃବିଚାର କରାଯାଇ ଭତ୍ତାରାଶି ବୃଦ୍ଧିରେ ସବୁ ବର୍ଗର ହିତାଧିକାରୀଙ୍କୁ ସାମିଲ କରିବାକୁ ସେମାନେ ଦାବି କରିଛନ୍ତି।

ସାମାଜିକ ଓ ଆର୍ଥିକ ସ୍ଥିତିରେ ଅନଗ୍ରସର ଥାଇ ଉଭୟ ରାଜ୍ୟ ଓ ଜାତୀୟ ଭତ୍ତା ଯୋଜନାରେ ୬୦ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ, ବିଧବା, ୪୦ଶତକଡା ଓ ତା'ଠାରୁ ଅଧିକ ଦିବ୍ୟାଙ୍ଗ ବ୍ୟକ୍ତି ଭତ୍ତା ପାଇବା ପାଇଁ ଯୋଗ୍ୟ ବିବେଚିତ ହେଉଛନ୍ତି। ଉକ୍ତ ଯୋଜନାରେ ସାମିଲ ହିତାଧିକାରୀ ୧୦୦୦ ଓ ୧୨୦୦ଟଙ୍କା ହାରରେ ଭତ୍ତା ପାଉଛନ୍ତି। ଚଳିତ ସାଧାରଣ ନିର୍ବାଚନ ପୂର୍ବରୁ ତତ୍କାଳୀନ ରାଜ୍ୟ ସରକାର ୫୦୦ ଓ ୭୦୦ଟଙ୍କା ଭତ୍ତା ରାଶିକୁ ୧୦୦୦ ଓ ୧୨୦୦ଟଙ୍କାକୁ ବୃଦ୍ଧି ଘଟାଇଥିଲେ। ଓଡ଼ିଶାରେ ଭାଜପା ସରକାର ଆସିଲେ ଭତ୍ତା ୩୦୦୦ଟଙ୍କା କରାଯିବ ବୋଲି ଘୋଷଣା କରାଯାଇଥିଲା। ମାତ୍ର ସରକାର ଗଠନ ହେବା ପରେ ସେମାନେ ପ୍ରତିଶ୍ରୁତିକୁ ଭୁଲି ଯାଇଛନ୍ତି। ଏକ ନିର୍ଦ୍ଦିଷ୍ଟ ବର୍ଗର ହିତାଧିକାରୀଙ୍କ ଭତ୍ତା ରାଶି ବୃଦ୍ଧି ଘୋଷଣା କରି ଅନ୍ୟବର୍ଗର ହିତାଧିକାରୀଙ୍କ ପ୍ରତି ପ୍ରତାରଣା କରିଛନ୍ତି ବୋଲି ବୃଦ୍ଧାବୃଦ୍ଧ ମତବ୍ୟକ୍ତ କରିଛନ୍ତି।

# ଇସି ସଦସ୍ୟାଙ୍କୁ ସ୍ଥାୟୀ କରିବାକୁ ଦାବି


କୁଜଙ୍ଗସ୍ଥିତ କୋଚିଲା ମଠରେ ଆୟୋଜିତ ବୈଠକରେ ଯୋଗଦେଇଥିବା ମହାସଂଘର ସଦସ୍ୟାମାନେ।

କୁଜଙ୍ଗ,୨୭।୭(ମନୋଜ ପ୍ରଧାନ)

ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ନେଇ ଗଠିତ ବ୍ଲକସ୍ତରୀୟ ମହାସଂଘର କାର୍ଯ୍ୟକାରିଣୀ କମିଟି(ଏକ୍‌ଜିକ୍ୟୁଟିଭ ମେମ୍ବର କମିଟି ଅବା ଇସି) ସଦସ୍ୟାମାନଙ୍କୁ ବହିଷ୍କାର ପରିବର୍ତ୍ତେ ସ୍ଥାୟୀ କରିବାକୁ କୁଜଙ୍ଗ ବ୍ଲକ ଇସି ମହାସଂଘ ପକ୍ଷରୁ ଦାବି କରାଯାଇଛି। ଏନେଇ ଶନିବାର ଇସି ସଂଘର କୁଜଙ୍ଗ ବ୍ଲକ ସଭାନେତ୍ରୀ ବନିତା ଦାସଙ୍କ ଅଧ୍ୟକ୍ଷତାରେ କୁଜଙ୍ଗସ୍ଥିତ କୋଚିଲା ମଠରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଦସ୍ୟାମାନେ ଯୋଗଦେଇ ଉପରୋକ୍ତ ଦାବି କରିବା ସହ ନୂଆ ସରକାରଙ୍କ ନିର୍ଦ୍ଦେଶନାମା ନ ଆସିବା ପର୍ଯ୍ୟନ୍ତ ଇସି ମେମ୍ବର ପରିବର୍ତ୍ତନ ନ କରିବାକୁ ଦାବି କରିଛନ୍ତି।

ସଭାନେତ୍ରୀ ଦାସ କହିଥିଲେ, ଆମ୍ଭେମାନେ ୨୦୧୨ରୁ ବିନା ସହାୟତାରେ ମିଶନ ଶକ୍ତି ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ବହୁ ପରିଶ୍ରମ କରି ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ କରିଛୁ। ୨୦୨୨ରୁ ରାଜ୍ୟ ସରକାର ଗସ୍ତ ଖର୍ଚ୍ଚ ବାବଦରେ ମାସିକ ୧ ହଜାର ଟଙ୍କା ପ୍ରଦାନ କରି ଆସୁଛନ୍ତି। ଅନ୍ୟପଟେ ଇସି ମେମ୍ବରମାନଙ୍କୁ ସ୍ଥାୟୀ କରିବା ଓ ସହାୟତା ରାଶି ବୃଦ୍ଧି ଦାବିରେ ୨୦୨୪ ମାର୍ଚ୍ଚରେ ଓଡ଼ିଶାର ଇସି ମେମ୍ବରମାନେ ଭୁବନେଶ୍ୱରରେ ଆନ୍ଦୋଳନ କରିଥିଲେ। ଏହାପରେ ସହାୟତା ରାଶି ୫୦୦ ଟଙ୍କା ବୃଦ୍ଧି କରାଯାଇ ଦେଢ଼ ହଜାର ଟଙ୍କା କରାଯାଇଥିଲା। ମାତ୍ର ବର୍ଦ୍ଧିତ ରାଶି ଅଦ୍ୟାବଧି ମିଳିନାହିଁ ବୋଲି ଦାସ କହିଛନ୍ତି। ସରକାରଙ୍କ ତରଫରୁ ମହିଳା ସଶକ୍ତୀକରଣ ପାଇଁ ବିଭିନ୍ନ ଯୋଜନାରେ ବହୁ କୋଟି ଟଙ୍କା ଆସୁଛି। ଏହା ପ୍ରକୃତ ମହିଳା ସଶକ୍ତୀକରଣରେ ନ ଲାଗି ବିପିଏମ୍, ଏମ୍‌ବିକେ ଓ ସିଆର୍‌ପି ମିଶି କରି ଦୁର୍ନୀତି କରୁଛନ୍ତି। ସେସବୁ ଦୁର୍ନୀତି ପାଇଁ ସ୍ୱର ଉଠାଉ ଥିବାରୁ ଆମକୁ ବିଦା କରାଯାଉଛି ବୋଲି ସଂଘ ସମ୍ପାଦିକା ମମତା ମହାରଣା ଅଭିଯୋଗ କରିଥିଲେ। ଏନେଇ ଆଗାମୀ ଦିନରେ ଆନ୍ଦୋଳନକୁ ଜୋର୍‌ଦାର୍ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏ ସମ୍ପର୍କରେ ମିଶନ ଶକ୍ତିର ବି ପିଏମ୍ ପଙ୍କଜିନି ଦାସଙ୍କୁ ପଚାରିବାରୁ ସରକାରଙ୍କ ନିୟମାନୁଯାୟୀ ପ୍ରତି ଦୁଇ ବର୍ଷରେ ଥରେ ଇସି ମେମ୍ବର ପରିବର୍ତ୍ତନ ହେବା କଥା, କେଉଁଠି କେଉଁଠି ପରିବର୍ତ୍ତନରେ ୬ ମାସ ବିଳମ୍ବ ମଧ୍ୟ ହେଉଛି। ଏହା ପର୍ଯ୍ୟାୟ କ୍ରମେ ଚାଲିଛି। ଯଦି ସରକାର ସ୍ଥାୟୀ କରିବା ପାଇଁ ନିର୍ଦ୍ଦେଶ ଦେବେ ଆମ୍ଭେ କାର୍ଯକାରୀ କରିବୁ। ଦୁର୍ନୀତି ବିଷୟରେ ପଚାରିବାରୁ ସେ କହିଥିଲେ, ଏଥିରେ ସତ୍ୟତା ନାହିଁ। ଯଦି ନିର୍ଦ୍ଦିଷ୍ଟ ଭାବେ କୌଣସି ଦୁର୍ନୀତିର ପ୍ରମାଣ ମିଳେ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ। ଆଜିର ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସୁଧାଂଶୁ ମାଳିନୀ ନାୟକ, ଇନ୍ଦୁମତି ସ୍ୱାଇଁ ଓ ତଟିନୀ ସ୍ୱାଇଁ ପ୍ରମୁଖ ଇସି ସଦସ୍ୟା ଯୋଗଦେଇଥିଲେ। ସୂଚନାଯୋଗ୍ୟ, ପ୍ରତି ୨ ବର୍ଷରେ ଇସି ମେମ୍ବର ପରିବର୍ତ୍ତନ ପାଇଁ ସରକାରୀ ନିୟମ ରହିଛି।

# ବରିଷ୍ଠ କିରାଣିଙ୍କ ଅକାଳ ବିୟୋଗ

ନାଉଗାଁ,୨୭।୭(ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ବରିଷ୍ଠ କିରାଣି ରମେଶ ଦାସଙ୍କ ଶନିବାର ଅକାଳ ବିୟୋଗ ଘଟିଛି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଶନିବାର ସକାଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ରମେଶଙ୍କୁ ନାଉଗାଁ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଓଡ଼ପଏଙ୍ଗା (ମିଗେଇ) ସ୍ଥିତ ବାସ ଭବନରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି ପହଞ୍ଚି ଶେଷ ଦର୍ଶନ କରିବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ରମେଶଙ୍କ ବିୟୋଗରେ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଜ୍ୟୋତିପ୍ରକାଶ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ସାମିଲ ହୋଇଥିଲେ।

# ନୂତନ ପ୍ରକଳ୍ପରେ ସ୍ଥାୟୀ ନିଯୁକ୍ତି ଦାବି


ବିଧାୟକ ସାରଦା ପ୍ରସନ୍ନ ଜେନା ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

## ବିଧାୟକଙ୍କ ଅଭିଯୋଗ ଶୁଣାଣି

କୁଜଙ୍ଗ,୨୭।୭(ମନୋଜ ପ୍ରଧାନ)

ଏରସମା ବ୍ଲକ ନୂଆଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନୂଆଗାଁ ପଞ୍ଚାୟତବାସୀଙ୍କ ଅଭିଯୋଗ ଶୁଣାଣି ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇ ପଞ୍ଚାୟତବାସୀଙ୍କ ବିଭିନ୍ନ ସମସ୍ୟା ଓ ନିର୍ମାଣାଧୀନ ନୂତନ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିଥିଲେ। ନୂଆଗାଁ ପଞ୍ଚାୟତର ସାତଟି ଜଙ୍ଗଲ କମିଟିର ମୁରବିମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ନୂତନ ପ୍ରକଳ୍ପରେ ପଞ୍ଚାୟତର ସମସ୍ତ ପରିବାରରୁ ଜଣଙ୍କୁ ଯୋଗ୍ୟତା ଭିତ୍ତିରେ ସ୍ଥାୟୀ ନିଯୁକ୍ତି ଦେବାକୁ ଲୋକେ ଦାବି କରିଥିଲେ। ଆର୍‌ପିଡିଏସି ବୈଠକ ଡକାଇ ଉକ୍ତ ନିଯୁକ୍ତି ସମସ୍ୟାର ସମାଧାନ କରିବାକୁ ସେମାନେ କହିଥିଲେ। ଏହାଛଡ଼ା ବୈଷୟିକ ତାଲିମ କେନ୍ଦ୍ର ଖୋଲାଯାଇ ଅଞ୍ଚଳର ଯୋଗ୍ୟ ପିଲାମାନଙ୍କୁ ତାଲିମ ଦିଆଯାଇ ଉକ୍ତ ପ୍ରକଳ୍ପରେ ସ୍ଥାୟୀ ନିଯୁକ୍ତି ଦେବାକୁ ପଞ୍ଚାୟତବାସୀ ଦାବି କରିଥିଲେ। ଖୁବ୍‌ଶୀଘ୍ର ସରକାର, ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇ ଏହାର ସମାଧାନ କରାଯିବ ବୋଲି ବିଧାୟକ ଜେନା କହିଥିଲେ। ଶିବିରରେ ସାମାଜିକ କର୍ମୀ ତାମିଲ ପ୍ରଧାନ, ଅସିତ୍ ସ୍ୱାଇଁ, ନାରାୟଣ ବର୍ଦ୍ଧନ, ନାରାୟଣ ଜେନା, ବିଜୟ ନାୟକ, ବିଜୟା ନନ୍ଦ ସ୍ୱାଇଁ, ସ୍ମୃତି ମନ୍ତ୍ରୀ, ଗଗନା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# କାଦୁଅରେ ପଚପଚ କାଙ୍କଲାପାଟଣା ବିଦ୍ୟାଳୟ ମୁଖ୍ୟରାସ୍ତା

ପାଣିକୋଇଲି,୨୭।୭(ବିକାଶ ମଲ୍ଲିକ)

ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ଅଳତିରି କାଙ୍କଲାପାଟଣା ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟର ମୁଖ୍ୟରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରାସ୍ତାଟି ସାମାନ୍ୟ ବର୍ଷାରେ କାଦୁଅ ପଚପଚ ହେଉଛି। ଫଳରେ ବହୁ ଅଭିଭାବକ ସେମାନଙ୍କ ପିଲାମାନଙ୍କୁ ଏଠାରେ ନ ପଢ଼ାଇ ବେସରକାରୀ ବିଦ୍ୟାଳୟକୁ ନେଇ ନାମ ଲେଖାଉଛନ୍ତି। ତେଣୁ କୋରେଇ ବିଧାୟକ ଆକାଶ ଦାସ ନାୟକ ବିଦ୍ୟାଳୟର ମୁଖ୍ୟ ରାସ୍ତାକୁ କଂକ୍ରିଟ କରିବା ଲାଗି ସ୍ଥାନୀୟ ଅଧିବାସୀ ନିବେଦନ କରିଛନ୍ତି। ଯଦି ପ୍ରଶାସନ କିମ୍ବା ବିଧାୟକ ଏଦିଗରେ ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ଆମେ ପିଲାଙ୍କୁ ଉକ୍ତ ବିଦ୍ୟାଳୟରୁ ନେଇଯିବେ ବୋଲି କିଛି ଅଭିଭାବକ ମତପ୍ରକାଶ କରିଛନ୍ତି।

# ୨ ଜୀବନ ବଞ୍ଚେଇ ବୀରେନ୍ଦ୍ର ଅମର



## ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା

ରଘୁନାଥପୁର,୨୭।୭(ରାଜେନ୍ଦ୍ର ନାରାୟଣ ସିଂହ)

ମୃତ୍ୟୁ ପରେ ୨ କିଡ୍‌ନୀ ଦାନକରି ସମାଜ ପାଇଁ ଉଦାହରଣ ସୃଷ୍ଟି କରିଥିବା ରଘୁନାଥପୁର ବ୍ଲକ ରେଢୁଆ ଗ୍ରାମର ସ୍ୱର୍ଗତ ବୀରେନ୍ଦ୍ର ପ୍ରସାଦ ସ୍ୱାଇଁଙ୍କ ଏକାଦଶାହ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ବିଶିଷ୍ଟ ଅତିଥି ଯୋଗଦେଇ ବୀରେନ୍ଦ୍ରଙ୍କ ପାଇଁ ଅଞ୍ଚଳବାସୀ ଗର୍ବିତ ବୋଲି କହିଥିଲେ। ନିଜ ଅଙ୍ଗଦାନ କରି ୨ ଜଣଙ୍କ ଜୀବନ ବଞ୍ଚେଇ ସେ ଅମର ହୋଇଯାଇଛନ୍ତି ବୋଲି ମତ ପ୍ରକାଶ ପାଇଥିଲା। ରେଢୁଆ ସମବାୟ ସମିତି ସଭାକକ୍ଷରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସରପଞ୍ଚ କିଶୋର ଚନ୍ଦ୍ର ବେହେରା ଯୋଗଦେଇ ବୀରେନ୍ଦ୍ରଙ୍କ ସ୍ମୃତି ଚାରଣ କରିଥିଲେ। ସେ ଜଣେ ସଚ୍ଚୋଟ ଓ ପରୋପକାରୀ ବ୍ୟକ୍ତି ଭାବେ ଅଞ୍ଚଳରେ ପରିଚିତ ଥିଲେ। ଏହାଛଡା ଜଣେ ସମବାୟବିତ ଭାବେ ଚାଷୀଙ୍କ ଉନ୍ନତିମୂଳକ କାର୍ଯ୍ୟରେ ସହଯୋଗ କରୁଥିଲେ ବୋଲି ବେହେରା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ଡେପୁଟି କଲେକ୍ଟର ତୃପ୍ତି ପ୍ରଧାନ,ତହସିଲଦାର ଅଭୀପ୍‌ସା ପଟ୍ଟନାୟକ, ଷ୍ଟେଟ ଅର୍ଗାନ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ ଡାଇରେକ୍ଟର ଡା.ବିଭୂତି ଭୂଷଣ ନାୟକ,ଏସ୍‌ସିବି ମେଡିକାଲ କଲେଜର ରେଜିଷ୍ଟ୍ରାର ଡା.ଅବିନାଶ ରାଉତ, ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ରାଉତ, ଭଗବାନ ବିଶ୍ୱାଳ, ସାହିତ୍ୟିକ ଅଲେଖ ଚନ୍ଦ୍ର ବିଶ୍ୱାଳ, ସାମାଜିକ କର୍ମୀ ସ୍ନେହାଂଶୁ ଜେନା, ଦେବୀପ୍ରସାଦ ମହାରଣା, ସୁଶ୍ରୀ ଗୀତା ରଥ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସ୍ୱର୍ଗତ ବୀରେନ୍ଦ୍ରଙ୍କ ବାସଭବନରେ ମଧ୍ୟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା।

# 'ଯଥାଶୀଘ୍ର ରାସ୍ତା ମରାମତି କର'

## ନଦୀବନ୍ଧ ରାସ୍ତା ପରିଦର୍ଶନକଲେ ବିଧାୟକ

ନାଉଗାଁ,୨୭।୭(ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଏରେଡା-ଗଳଦାରି ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଫଳରେ ଉକ୍ତ ରାସ୍ତାଦେଇ ଯାତାୟାତ ସମ୍ଭବ ହୋଇପାରୁ ନାହିଁ। ଉକ୍ତ ରାସ୍ତାକୁ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଶନିବାର ପରିଦର୍ଶନରେ ଆସି ରାସ୍ତା ଅବସ୍ଥା ବୁଲି ଦେଖିଥିଲେ। ରାସ୍ତାଟି ଦେବୀ ନଦୀ ପାର୍ଶ୍ୱରେ ଅବସ୍ଥିତ ହୋଇଥିବା ବେଳେ ନଦୀରେ ଥିବା ବାଲି ଘାଟଗୁଡ଼ିକରୁ ପ୍ରତ୍ୟହ ଏହି ରାସ୍ତା ଦେଇ ବାଲି ପରିବହନ କରାଯାଉଛି। ଏହି ରାସ୍ତା ଦେଇ ଗଳଦାରି ପଞ୍ଚାୟତ ସମେତ ଜଗତ୍‌ସିଂହପୁର ବ୍ଲକର ଆଳିପିଙ୍ଗଳ, ତିହୁଡି ଆଦି ସ୍ଥାନକୁ ଯାତାୟାତ କରିବା ସୁବିଧାଜନକ ଅଟେ। ମାତ୍ର ବର୍ଷା ଦିନେ ଏହି ରାସ୍ତା ଦେଇ ଭାରିଯାନ ଯାତାୟାତ କରିବା ଫଳରେ ଏହା ବିପର୍ଯ୍ୟସ୍ତ ହୋଇପଡିଛି। ପୂର୍ତ୍ତ ବିଭାଗ ଅଧୀନରେ ଏହି ରାସ୍ତା ରହିଛି। ମରାମତି କାର୍ଯ୍ୟ ପାଇଁ ଟେଣ୍ଡର କରାଯାଇଥିଲେ ମଧ୍ୟ ସିଙ୍ଗଲ ଟେଣ୍ଡର ଯୋଗୁ ବାତିଲ ହୋଇଯାଇଛି। ତେଣୁ ଉକ୍ତ ରାସ୍ତା ପାଇଁ ପୁନର୍ବାର ବିଭାଗ ପକ୍ଷରୁ ଟେଣ୍ଡର କରାଯିବ। ଟେଣ୍ଡର ହେବା ପର୍ଯ୍ୟନ୍ତ ଯଥାଶୀଘ୍ର ଏହି ରାସ୍ତାକୁ ମରାମତି କରିବା ପାଇଁ ବିଭାଗୀୟ ଏସ୍‌ଡିଓଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ବିଧାୟକଙ୍କ ସମେତ ସାମାଜିକ କର୍ମୀ ତଥା ଯୁବନେତା ପ୍ରଦୀପ୍ତ ସ୍ୱାଇଁ, ପୂର୍ତ୍ତ ବିଭାଗର ଏସ୍‌ଡିଓ ଅଭିଷେକ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।


ବିଧାୟକ ଅମରେନ୍ଦ୍ର ଦାସ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

# ରାସ୍ତା କାମ ନିମ୍ନମାନର, ଚିନ୍ତାରେ ଗ୍ରାମବାସୀ

- ବର୍ଷା ଋତୁରେ ଦୁର୍ଦ୍ଦଶା ଭୋଗୁଛନ୍ତି ସ୍ଥାନୀୟ ବାସିନ୍ଦା
- ରାସ୍ତାରେ ମେଟାଲ ଗଦା ହୋଇଥିବାରୁ ଯାତାୟାତରେ ଅସୁବିଧା

ନାଉଗାଁ,୨୭।୭(ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ନାଉଗାଁ-ଡାବର ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି। ଏହି ରାସ୍ତାକୁ ବିଭାଗ ପକ୍ଷରୁ ପୁନଃ ନିର୍ମାଣ କରାଯିବା ସହ ସମ୍ପ୍ରସାରଣ କରାଯାଉଛି। ସୂଚନା ଫଳକ ତଥ୍ୟ ଅନୁସାରେ, ରାସ୍ତା ନିର୍ମାଣର ଅବଧି ସରିଥିବାବେଳେ ରାସ୍ତା କାର୍ଯ୍ୟ ସରୁନାହିଁ। ନିଯୁକ୍ତ ଠିକାଦାର ମନଇଚ୍ଛା କାର୍ଯ୍ୟ କରୁଥିବା ବେଳେ ସ୍ଥାନୀୟ ବାସିନ୍ଦା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଠିକାଦାର ତିରୁଣାର ଶାଳିପଦାଠାରୁ ଦହିପାଳ ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତା ଖୋଳି ଦେଇ ରାସ୍ତା ଉପରେ ମେଟାଲ ଗଦେଇ ରଖିଛି। ଫଳରେ କୌଣସି ଯାନବାହନ ଉକ୍ତ ରାସ୍ତା ଦେଇ ଆସି ପାରୁନାହିଁ। ଏବେ ବର୍ଷା ଋତୁ ଆରମ୍ଭ ହୋଇଯାଇଥିବା ବେଳେ ଲୋକେ ଯାତାୟାତ କିପରି କରିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବ୍ଲକର ଆଦର୍ଶ ବିଦ୍ୟାଳୟଟି ଦହିପାଳସ୍ଥିତ ବେଲକନ୍ଦା ନିକଟରେ ଅବସ୍ଥିତ। ଏହି ରାସ୍ତା ଦେଇ କୋରୁଆ, ଡେରିକି, ତିରୁଣା, ଡାବର, ଓଷକଣା ଆଦି ପଞ୍ଚାୟତର ପିଲା ଗାଡି ଦ୍ୱାରା ବିଦ୍ୟାଳୟକୁ ଯାତାୟାତ କରିଥାନ୍ତି। ରାସ୍ତାରେ ମେଟାଲ ଗଦେଇ ହେବା ଦ୍ୱାରା ପିଲାମାନଙ୍କ ବିଦ୍ୟାଳୟକୁ ଯିବା ଏକ ପ୍ରକାର ଠପ୍ ହୋଇଯାଇଛି। ସେହିପରି ନାଉଗାଁ ବଜାର, କାନୁନ୍‌ଗୋସାହି, ଗୋଠଦା, ଦହିପାଳ ଆଦି ଗ୍ରାମରେ ନିର୍ମିତ ହୋଇଥିବା କଂକ୍ରିଟ ରାସ୍ତାରୁ କିଛି ମାସ ମଧ୍ୟରେ ସିମେଣ୍ଟ ଉଠି ଗୋଡି ବାହାରି ଯାଇଛି। ନିମ୍ନମାନର କାମ ଯୋଗୁ କଂକ୍ରିଟ୍ ରାସ୍ତା ଖାଲ ହୋଇଯାଉଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଗୋଟିଏ ପାର୍ଶ୍ୱରେ ରାସ୍ତା କାର୍ଯ୍ୟ ଶେଷ ହୋଇ ନ ଥିବା ବେଳେ ଅନ୍ୟ ପାର୍ଶ୍ୱରେ ନିର୍ମିତ ରାସ୍ତାରେ ଖାଲ ସୃଷ୍ଟି ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ବିଷୟରେ ବିଭାଗୀୟ ଯନ୍ତ୍ରୀ ରମାକାନ୍ତ ମିଶ୍ରଙ୍କୁ ପଚାରିବାରେ, ଯଥାଶୀଘ୍ର ରାସ୍ତାରେ ମେଟାଲ୍ ବିଛାଯାଇ ଡଷ୍ଟ ପକାଯିବ। ଯେଉଁଠି ରାସ୍ତା କାର୍ଯ୍ୟ ନିମ୍ନମାନର ସେଠାରେ ପୁନର୍ବାର କାର୍ଯ୍ୟ କରାଯିବ ବୋଲି ମିଶ୍ର କହିଛନ୍ତି।


ରାସ୍ତାରେ ମେଟାଲ ଗଦାହୋଇ ରହିଛି।

## ସଂକ୍ଷେପରେ

### ଆଇନସେବା ପ୍ରାଧିକରଣର ଆଇନ ସଚେତନତା ଶିବିର

ପାରଳାଖେମୁଣ୍ଡି, ୨୭।୭ (ଗିରିଧାରୀ ପରିଛା): ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ, ଜିବା, ଗୁମ୍ମା ବ୍ଲକଠାରେ ଜିଲା ଆଇନ ସେବା ପ୍ରାଧୀକରଣ ତରଫରୁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରାଧିକରଣର ସଚିବ ବିମଳ ରାଉଳ ଯୋଗଦେଇ କିଶୋର ନ୍ୟାୟ ଅଧିନିୟମ ଏବଂ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଅଧିନିୟମ ବିଷୟରେ ପୁଙ୍ଖାନୁପୁଙ୍ଖ ସଚେତନତା କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ଯୋଗଦେଇ ଶିଶୁମାନଙ୍କ ପାଇଁ ରହିଥିବା ବିଭିନ୍ନ ଅଧିକାର ଓ ସରକାରୀ ଯୋଜନା ବିଷୟରେ ସଚେତନତା କରାଇଥିଲେ। ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ଜିବା ସରପଞ୍ଚ ରବୀନ୍ଦ୍ର ଶବର, ପାରାଳାଖେମୁଣ୍ଡି ଆଦର୍ଶ ଥାନା ଉପନିରୀକ୍ଷକ ଲକ୍ଷ୍ମଣ ବେସାରା, ଜିଲା ମଙ୍ଗଳ ସମିତି ସଦସ୍ୟ ମମତାରାଣୀ ଶତପଥୀ, ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମିନାକ୍ଷୀ ପାଢୀ ଏବଂ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।

### ଗୋସୁରକ୍ଷା ଅଭିଯାନର ଶୋଭାଯାତ୍ରା

ମୋହନା, ୨୭।୭(ମନ୍ମଥ ମିଶ୍ର): ଗଜପତି ଜିଲା ମୋହନାରେ ଗୁରୁବାର ଗୋ ସୁରକ୍ଷା ଅଭିଯାନର ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ହିନ୍ଦୁ ପରିଷଦ, ଓଡ଼ିଶା ପୂର୍ବପ୍ରାନ୍ତ, ଗଜପତି ଜିଲା ବଜରଙ୍ଗ ଦଳ ତରଫରୁ ଆୟୋଜିତ ଶୋଭାଯାତ୍ରାରେ ଶତାଧିକ ଲୋକ ଯୋଗଦେଇ ସ୍ଥାନୀୟ ଶିବ ମନ୍ଦିରରୁ ତହସିଲ କାର୍ଯ୍ୟାଳୟ ଓ ମୋହନା ଥାନା ପର୍ଯ୍ୟନ୍ତ ଯାଇଥିଲେ। ପରେ ବିଡ଼ିଓ ରାଜୀବ ଦାସଙ୍କୁ ଦାବିପତ୍ର ଦେବା ପରେ ମୋହନା ଥାନାରେ ଦାବିପତ୍ର ଦେଇଥିଲେ। କାର୍ଯ୍ୟକ୍ରମରେ କୁଇ ସମାଜ କଲ୍ୟାଣ ସମିତି, ଶବର ସମାଜ ଓ ପାବନ ପରିବାର ସହଯୋଗ କରିଥିଲେ। ଜିଲାରେ ଗୋ ଚାଲାଣ ଓ ଗୋହତ୍ୟା ବନ୍ଦ ନ ହେଲେ ଆଗାମି ଦିନରେ ଗୋସୁରକ୍ଷା ବାହିନୀ ବିହିତ ପଦକ୍ଷେପ ନେବ ବୋଲି ବିଶ୍ୱହିନ୍ଦୁ ପରିଷଦ ପୂର୍ବ ପ୍ରାନ୍ତ ପ୍ରମୁଖ କହିଛନ୍ତି।

### ନଦୀରେ ବୁଡ଼ିଗଲେ ବୃଦ୍ଧ

କବିସୂର୍ଯ୍ୟନଗର, ୨୭।୭(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ଥାନା ବାଲିଛାଇ ଫାଣ୍ଡି ଅଧୀନ ଓସିଙ୍ଗି ଗ୍ରାମ ନିକଟ ଧନେଇ ନଦୀରେ ବୁଡ଼ି ଶନିବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସେହି ଗ୍ରାମର ବନମାଳୀ ନାହାକ। ବନମାଳୀ ସକାଳୁ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ଅସାବଧାନତା ହେତୁ ଖସିଯାଇ ଗଭୀର ପାଣିକୁ ଚାଲି ଯାଇଥିଲେ । ପରିବାର ଲୋକେ ତାଙ୍କୁ ବହୁ ଖୋଜାଖୋଜି ପରେ ବି କୌଣସି ସନ୍ଧାନ ପାଇ ନ ଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ବହୁ ଖୋଜାଖୋଜି ପରେ ନଦୀରୁ ବନମାଳୀଙ୍କୁ ଉଦ୍ଧାର କରି ଆସିକା ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଲିଛାଇ ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଛି।

# ଗଜପତିରେ ଖାଉଟିଙ୍କୁ କନ୍ଦାଉଛି ଆଳୁ

ପାରଳାଖେମୁଣ୍ଡି, ୨୭।୭ (ଗିରିଧାରୀ ପରିଛା):



ଦିନକୁ ଦିନ ବଢ଼ୁଛି ଆଳୁ ଦର। ପାରଳାଖେମୁଣ୍ଡି ସହରରେ ଦର ୬୦ ଟଙ୍କା ରହିଥିବା ବେଳେ ସିଧାସଳଖ ଏହାର ପ୍ରଭାବ ଦେଖିବାକୁ ମିଳିଛି ହାଣ୍ଡିଶାଳରେ। ପଶ୍ଚିମବଙ୍ଗରୁ ଦୀର୍ଘ ୪ ଦିନ ହେବ ଆଳୁ ନଆସିବା ଯୋଗୁ ଖୁଚୁରା ମାର୍କେଟରେ କିଲୋ ପିଛା ୬୦ରେ ବିକ୍ରି ହେଉଛି। ଗୋଦାମ ଗୁଡିକରେ ଆଳୁ ଗାୟବ ହୋଇଯାଇଥିବା ଅଭିଯୋଗ କରିଛନ୍ତି ଖାଉଟି। କିଛି କଳା ବ୍ୟବସାୟୀ ଆଳୁ ନିଜ ଗୋଦାମରେ ନ ରଖି ଅନ୍ୟ ସ୍ଥାନରେ ଗଚ୍ଛିତ ରଖି ଚଢା ଦରରେ ବିକ୍ରି କରୁଥିବା ଜଣାପଡିଛି। ପ୍ରଶାସନ ଏଥି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ଆବଶ୍ୟକ ବୋଲି ଖାଉଟି ଅଭିଯୋଗ କରିଛନ୍ତି। ଓଡିଶାର ଅନ୍ୟ ଜିଲାଗୁଡିକରେ ଆଳୁର ଖୁଚୁରା ମୂଲ୍ୟ ୪୦ ରୁ ୫୦ ରହିଥିବା ବେଳେ ଗଜପତି ଜିଲାରେ କିନ୍ତୁ ୬୦ଟଙ୍କା ରହିଛି। ଜିଲାରେ କୋଲ୍ଡ ଷ୍ଟୋରେଜ ନଥିବା ଯୋଗୁଁ ପନିପରିବା ଆବଶ୍ୟକ ପରିମାଣରେ ସଂଗ୍ରହ କରି ରଖାଯାଇ ପାରୁ ନ ଥିବା କହିଛନ୍ତି ଚାଷୀ। ସରକାରୀ ପ୍ରୋତ୍ସାହନ ଅଭାବରୁ ଜିଲାରେ ଆଳୁ ଚାଷ କରିବା ଅସମ୍ଭବ ବୋଲି କହିଛନ୍ତି ଚାଷୀ।

ଚଳିତ ବର୍ଷ ଜିଲାରେ ୧୩୦ ହେକ୍ଟର ଜମିରେ ଆଳୁ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଜିଲାରେ ୭ଟି ବ୍ଲକରେ ବିଭିନ୍ନ ପ୍ରକାର କୃଷିଜାତ ଦ୍ରବ୍ୟ ଉତ୍ପାଦନ କରିଥାନ୍ତି ଚାଷୀମାନେ। ହେଲେ ଗତ ତିନି ବର୍ଷ ହେଲା ଉଦ୍ୟାନ ବିଭାଗର ପ୍ରଚେଷ୍ଟା ଓ ଚାଷୀଙ୍କୁ ନୂତନ ଭାବେ ଆଳୁ ଉତ୍ପାଦନ ପ୍ରଣାଳୀ ସମ୍ପର୍କରେ ପ୍ରଶିକ୍ଷଣ ଦେବା ପରେ ଜିଲାରେ ଧୀରେ ଧୀରେ ଚାଷୀଙ୍କ ମଧ୍ୟରେ ଆଳୁ ଚାଷ ଉତ୍ସାହ ବଢାଇଛି। ୨୦୨୧ରେ ମୋଟ ୧୦୫ ହେକ୍ଟର ଆଳୁ ଚାଷ ହୋଇଥିଲା। ସେହିପରି ୨୦୨୨ରେ ୧୧୬ ହେକ୍ଟର ଏବଂ ୨୦୨୩ରେ ୧୩୦ ହେକ୍ଟର ଜମିରେ ଚାଷ କରାଯାଇଥିଲା। ମୁଖ୍ୟତଃ ନଭେମ୍ବର ମାସ ଶେଷ ସୁଦ୍ଧା ଚାଷୀ ନିଜ କ୍ଷେତ ପ୍ରସ୍ତୁତ କରି ବିହନ ରୁଆଯାଇଥାଏ। କାରଣ ଏହି ଚାଷ ପାଇଁ ସର୍ବନିମ୍ନ ତାପମାତ୍ରା ରହିବ ଆବଶ୍ୟକ। ଜିଲାର ରାୟଗଡ, ନୂଆଗଡ଼, ଗୁମ୍ମା, ରାଉଦୟଗିରି, ମୋହନାର ପରିବେଶ ଅନୁକୂଳ ରହିଛି । ହେକ୍ଟର ପିଛା ୧୫ କୁଇଣ୍ଟାଲ ଆଳୁ ବିହନ ଆବଶ୍ୟକ ହୋଇଥାଏ ଓ ୧୨ରୁ୧୩ ଟନ ଆଳୁ ଅମଳ ହୋଇଥାଏ। ହେଲେ ଆଳୁର ବଜାର ଚାହିଦା ଓ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସୁଲଭ ମୂଲ୍ୟରେ ଚାଷୀଙ୍କୁ ବିହନ ଗତ ତିନିବର୍ଷ ହେଲା ଯୋଗାଇ ଆସିଛନ୍ତି । ଚାଷୀଙ୍କୁ ଆଳୁ ଚାଷ ପ୍ରତି ଆଗ୍ରହ ସୃଷ୍ଟି କରିପାରିଛନ୍ତି। ମୁଖ୍ୟତଃ ମୋହନା ବ୍ଲକରେ ୭୦ ହେକ୍ଟର ଜମିରେ ଆଳୁ ଚାଷ କରାଯାଉଛି। ଆର.ଉଦୟଗିରି ବ୍ଲକରେ ୧୫ ହେକ୍ଟର, ଗୁମ୍ମା ବ୍ଲକରେ ୨୦ ହେକ୍ଟର, ନୂଆଗଡ଼ ବ୍ଲକରେ ୧୦ ହେକ୍ଟର ଓ ରାୟଗଡ଼ ବ୍ଲକରେ ୧୫ ହେକ୍ଟର ଜମିରେ ପରୀକ୍ଷାମୂଳକ ଭାବେ ଜିଲାରେ ଆଳୁ ଚାଷକୁ ଗତ ତିନି ବର୍ଷ ହେଲା କରାଯାଉଛି। ଆଳୁର ଉତ୍ପାଦନକ୍ଷମ ଓ ବଜାର ଚାହିଦାକୁ ଦେଖି ଆଳୁଚାଷକୁ ବ୍ୟାପକ କରିବା ପାଇଁ ଚାଷୀ ଆଗ୍ରହ ଥିଲେ ମଧ୍ୟ ସରକାରୀ ଉଦାସୀନତା ପାଇଁ ଚାଷୀ ଆଳୁ ଚାଷ କରିବା ପାଇଁ ମନ ବଳାଉ ନ ଥିବା କହିଛନ୍ତି ଉତ୍ପାଦିତ ଆଳୁ ସମୁଦ୍ରରେ ଶଙ୍ଖେ ପାଣି ପରି କହିଛନ୍ତି ଚାଷୀ କୁଳମଣି ସାହୁ, ରବୀନ୍ଦ୍ର ବରାଡ, କିତନ ଗମାଙ୍ଗ ପ୍ରମୁଖ।

# ଆଳୁ କଳାବଜାର: ଚିନ୍ତାରେ ଖାଉଟି

ଟିକିଟି, ୨୭।୭(ପ୍ରକାଶ ଚନ୍ଦ୍ର ସାହୁ)

ଟିକିଟି ବଜାର ସମେତ ଏହାର ଆଖପାଖ ଗ୍ରାମାଞ୍ଚଳରେ ଗତ ଏକ ସପ୍ତାହ ଧରି ହଠାତ୍ ଆଳୁ ଦର ବୃଦ୍ଧି ପାଇଛି। କିଲୋ ପିଛା ୧୫ରୁ ୫୦ ଟଙ୍କା ବୃଦ୍ଧି ପାଇଛି। ଏହାର ସୁଯୋଗ ନେଇ କେତେକ ବ୍ୟବସାୟୀ ଚଢ଼ା ଦରରେ ବିକ୍ରି କରୁଥିବା ବେଳେ ପ୍ରଶାସନ ଚୁପ୍ କରି ବସିଛି। ବଜାରରେ କିଛି ଦୋକାନର ଗୋଦାମରେ ପ୍ରଚୁର ପରିମାଣରେ ଆଳୁ ଥିବା ସତ୍ତ୍ୱେ କେତେକ ଅସାଧୁ ବ୍ୟବସାୟୀ କୃତ୍ରିମ ଅଭାବ ସୃଷ୍ଟି କରିଛନ୍ତି। ଫଳରେ ଖୁଚୁରା ବଜାରରେ ବନ୍ଦ ରହିଛି। ଆଳୁ ନିତିଦିନ ପରିବା ଥିବାବେଳେ ଏହାର ଅହେତୁକ ମୂଲ୍ୟ ବୃଦ୍ଧି ଯୋଗୁ ଗରିବ ଓ ଖଟିଖିଆ ଲୋକମାନେ ଆଣିବାକୁବାଧ ହେଉଛନ୍ତି। ସ୍ଥାନୀୟ ବଜାରର ଜଣେ ବ୍ୟବସାୟୀ କହିବାନୁସାରେ ଓଡ଼ିଶା ବଜାରରେ ଯଥେଷ୍ଟ ପରିମାଣର ମହଜୁଦ ନ ଥିବାରୁ ପଶ୍ଚିମବଙ୍ଗ ଓ ଉତ୍ତରପ୍ରଦେଶରୁ ଆସୁଥାଏ। କିନ୍ତୁ ସେଠାରେ ଅନିୟମିତତା ବର୍ଷା ଯୋଗୁ ଆଳୁ ଉତ୍ପାଦନ ହ୍ରାସ ପାଇଥିବା ଯୋଗୁ ଓଡ଼ିଶାକୁ ଯଥେଷ୍ଟ ପରିମାଣରେ ଆସୁନାହିଁ। ଫଳରେ ଦର ବଢ଼ାଇବାକୁ ବାଧ ହେଉଛନ୍ତି। ଅନ୍ୟପକ୍ଷରେ ଆଳୁ ସାଙ୍ଗକୁ ପରିବା ଦରବୃଦ୍ଧି ଯୋଗୁ କିଣି ଖାଇବା ଖାଉଟିଙ୍କ ପକ୍ଷରେ କଷ୍ଟକର ହୋଇପଡୁଛି। କେତେକ ଗୃହିଣୀ କହିଛନ୍ତି, ଆଳୁକୁ କଣ୍ଟ୍ରୋଲ ଦୋକାନ ଜରିଆରେ ଦିଆଯାଉ। ଏହି ସମ୍ପର୍କରେ ଟିକିଟି ଯୋଗାଣ ଅଧିକାରୀ ପଦ୍ମେଶ ଶତପଥୀଙ୍କୁ ପଚାରିବାରୁ ଏନେଇ କୌଣସି ଅଭିଯୋଗ ଆସିନାହିଁ। ତଦନ୍ତ କରି କଳାବଜାର କରୁଥିବା ବେପାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ଡେଙ୍ଗୁ, ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ




ସଚେତନତା ଶୋଭାଯାତ୍ରା ।

ଚାନ୍ଦିପୁଟ, ୨୭।୭ (କେ. ପ୍ରମୋଦ କୁମାର ଦୋରା): ଜୁନିଅର ରେଡ୍‌କ୍ରସ୍ ତରଫରୁ ଲାଲ୍ ବାହାଦୁର ଶାସ୍ତ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଡେଙ୍ଗୁ ଓ ମ୍ୟାଲେରିଆ ନିରାକରଣ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଅଶୋକ କୁମାର ମାଳବିଶୋୟୀ ଅଧ୍ୟକ୍ଷତା କରିଥିବା ବେଳେ ଶିକ୍ଷୟତ୍ରୀ ବୁରୁଦା ଗୌରୀ ଏବଂ ଶିକ୍ଷକ ସୌମ୍ୟରଞ୍ଜନ ଦାଶ, ଦୁର୍ଗେଶ ଚନ୍ଦ୍ର ଶବର, ଲକ୍ଷ୍ମୀ ପ୍ରିୟା ମହାଙ୍କୁଡ, ସଙ୍ଗୀତା ନାୟକ, ସତ୍ୟନାରାୟଣ ପଟ୍ଟନାୟକ, ପ୍ରଶାନ୍ତ କୁମାର ବେହେରା, କୁମୁଦ ପାଢ଼ୀ, ଅପୂର୍ବ କୁମାର ରଥ, ମନସ୍ୱିତା ସାହୁ, ବନିତା ମହାରଣା, ରବି ନାରାୟଣ ରଣା, ବିଦ୍ୟାଳୟର ଛାତ୍ରୀଛାତ୍ର ଓ କର୍ମକର୍ତ୍ତାଗଣ ଉପସ୍ଥିତ ଥିଲେ। ଡେଙ୍ଗୁ ଓ ମ୍ୟାଲେରିଆ ଭଳି ରୋଗରୁ କିପରି ମୁକ୍ତି ପାଇପାରିବା ପ୍ରଧାନଶିକ୍ଷକ ଓ ଶିକ୍ଷକ ସୌମ୍ୟରଞ୍ଜନ ଦାଶ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମକୁ କ୍ରୀଡା ଶିକ୍ଷକ ରବି ନାରାୟଣ ରଣା ଓ ଶିକ୍ଷକ ସତ୍ୟନାରାୟଣ ପଟ୍ଟନାୟକ ପରିଚାଳନା କରିଥିଲେ।

# ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା

ଛତ୍ରପୁର, ୨୭।୭ (ଦିଲୀପ ସାମଲ): ସ୍ଥାନୀୟ ଶ୍ରୀରାମନଗରସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସରରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମର ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଜୟ କୁମାର ତ୍ରିପାଠୀ ଯୋଗଦେଇ ଶିଶୁମାନଙ୍କ ବୈଜ୍ଞାନିକ ମନୋବୃତ୍ତିର ବିକାଶ ଦ୍ୱାରା ଦେଶର ବିକାଶ ସମ୍ଭବ ହୋଇପାରିବ। ସେହିପରି ବିଦ୍ୟାଳୟର ପୂର୍ବତନ ଛାତ୍ରୀ ବୈଜ୍ଞାନିକ ଅନୁସନ୍ଧାନୀ ଦେବିସ୍ମିତା ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ର ନାଥ ଦାଶ ଉପସ୍ଥିତ ଅତିଥିମାନଙ୍କ ପରିଚୟ ପ୍ରଦାନ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ତଥା ହାଇକୋର୍ଟ ଆଡ଼ଭୋକେଟ ପଦ୍ମଚରଣ ସାହୁ ମଞ୍ଚାସୀନ ଅତିଥିବୃନ୍ଦଙ୍କୁ ଉପଢ଼ୌକନ ପ୍ରଦାନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ



ଉପେନ୍ଦ୍ର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଉପସଭାପତି ଗୀତା ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୋଟ ୪୨୭ଜଣ ଶିଶୁ ଭାଗ ନେଇଥିଲେ। ସମାରୋହରେ ମୁଖ୍ୟ ଅତିଥି ରୂପେ ବିଦ୍ୟୁତ ବିଭାଗ ଏସଡ଼ିଓ ଇଂ ରାଜକିଶୋର ବଲ୍ଲଭ ଯୋଗଦେଇ ଶିଶୁମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଉକ୍ତ ବିଜ୍ଞାନ ମେଳାର ବିଚାରକ ରୂପେ ଜଗନ୍ନାଥ ପଣ୍ଡା, ଗଣେଶ ପଟ୍ଟନାୟକ, ରଜନୀକାନ୍ତ ପଟ୍ଟନାୟକ, ସୂର୍ଯ୍ୟନାରାୟଣ ଦାଶ, ଭାରତୀ ଆଚାରୀ, ସୁସ୍ମିତା ଚୌଧୁରୀ, ସଂକୁଳ ପ୍ରମୁଖ ଜେ. କୁର୍ମା ରାଓ ଉପସ୍ଥିତ ଥିଲେ।

# ବୁଗୁଡ଼ାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

ବୁଗୁଡ଼ା, ୨୭।୬(କାଳିଚରଣ ଦାଶ): ସମ୍ପ୍ରତି ବୁଗୁଡ଼ା ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି। ଏଠି ଚୋରି ଏକ ସାଧାରଣ ଘଟଣା ପାଲଟିଥିବା ବେଳେ ରାସ୍ତାରେ ଗାଡ଼ି ଅଟକାଇ ଲୋକଙ୍କୁ ଅସାମାଜିକ ବ୍ୟକ୍ତିମାନେ ସଂଘବଦ୍ଧ ଆକ୍ରମଣ ଭଳି ଘଟଣା ଘଟୁଥିଲେ ମଧ୍ୟ ପୋଲିସର କାର୍ଯ୍ୟାନୁଷ୍ଠାନ ଠିକଣା ଢଙ୍ଗରେ ହେଉନଥିବାରୁ ପ୍ରବଳ ଅସନ୍ତୋଷ ଦେଖାଦେଇଛି। ବୁଗୁଡ଼ା ସହରରେ ଟ୍ରାଫିକ୍ ସମସ୍ୟାରେ ଲୋକେ ହଟହଟା ହେଉଥିବା ବେଳେ ଏ ଦିଗରେ ପୋଲିସର ଉଦାସୀନତା ମନୋଭାବ ଦେଖିବାକୁ ମିଳୁଛି। ସହରରେ ରୋମିଓଙ୍କ ପ୍ରାଦୁର୍ଭାବ ଯୋଗୁଁ ସ୍କୁଲ ଓ କଲେଜ ପଢୁଆ ଛାତ୍ରୀମାନେ ସୁରକ୍ଷିତ ମଣୁନଥିବା ବେଳେ ପୋଲିସର ଦାୟିତ୍ୱବୋଧତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ହେଉଛି। ବୁଗୁଡାର ସହରାଞ୍ଚଳ ସାଙ୍ଗକୁ ଗ୍ରାମାଞ୍ଚଳରେ ମଧ୍ୟ ଅବାଧରେ ନିଶା କାରବାର ଚାଲିଥିବା ବେଳେ ପୋଲିସ୍ ଧୃତରାଷ୍ଟ୍ର ସାଜିଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ପୂର୍ବରୁ ଅଞ୍ଚଳରେ ଚୋରି, ରୋମିଓଗିରି, ଅବାଧ ନିଶାଦ୍ରବ୍ୟ କାରବାରକୁ ପ୍ରତିହତ କରିବା ପାଇଁ ପୋଲିସର ସକ୍ରିୟତା କିଛି ମାତ୍ରାରେ ଦେଖିବାକୁ ମିଳିଥିଲା। କିନ୍ତୁ ଏବେ ପ୍ରାୟ ପାଞ୍ଚ ମାସ ହେବ ପୋଲିସର ନିଷ୍କ୍ରିୟତା ଯୋଗୁଁ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି ବୋଲି ଚର୍ଚ୍ଚା ହେଉଛି। ସ୍ଥାନୀୟ ପୋଲିସ ପ୍ରଶାସନ ପ୍ରତି ଜନସାଧାରଣଙ୍କ ଆସ୍ଥା ତୁଟି ଯାଉଥିବା ବେଳେ ଜିଲାର ପୋଲିସ ପ୍ରଶାସନ ଏ ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# ଶହୀଦ ଉମାକାନ୍ତଙ୍କ ସ୍ମୃତିଚାରଣ



ଏନ୍‌ଏସି ଅଧ୍ୟକ୍ଷା ଶହୀଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

ଆସିକା, ୨୭।୭(ସୁରେନ୍ଦ୍ର ନାଥ ସାହୁ): ଆସିକା ଏନ୍‌ଏସିରେ ଶୁକ୍ରବାର କାରଗିଲ ବିଜୟ ଦିବସ ପାଳିତ ହୋଇଥିଲା । ଏହି ଅବସରରେ ସ୍ଥାନୀୟ ତାଲୁକା ଛକ ଠାରେ ସ୍ଥାପିତ ଶହୀଦ ଉମାକାନ୍ତ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶହୀଦଙ୍କ ସ୍ମୃତି ଚାରଣ କରାଯାଇଥିଲା । ପୂର୍ବାହ୍ନରେ ଆସିକା ଏନଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ, ନିର୍ବାହୀ ଅଧିକାରୀ ଲୋକନାଥ ବେଜ ଏବଂ ଶଦୀହଙ୍କ ପିତା ରାଜକିଶୋର ପଟ୍ଟନାୟକଙ୍କ ସହ ଏନଏସିର ବହୁ କର୍ମଚାରୀ କାର୍ଯ୍ୟକ୍ରମରେ ସାମିଲ ଥିଲେ । ତେବେ କୌଣସି କାଉନସିଲର କାର୍ଯ୍ୟକ୍ରମରେ ଯୋଗଦେଇ ନ ଥିଲେ। ମଧ୍ୟାହ୍ନରେ ଏନଏସି ଉପାଧ୍ୟକ୍ଷା ଜୟନ୍ତୀ ବିଷୋୟୀଙ୍କ ସହ ଏନଏସିର ବହୁ କାଉନସିଲର ଶହୀଦଙ୍କ ପିତାଙ୍କ ସହ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଉମାକାନ୍ତଙ୍କ ବଳିଦାନ ସମ୍ପର୍କରେ ଆଲୋଚନା କରିଥିଲେ । ଅପରାହ୍ନରେ ଆସିକା ଭାଜପା ପକ୍ଷରୁ ବିଧାୟକ ପ୍ରତିନିଧି ସଙ୍ଗୀତ କୁମାର ପାଢୀଙ୍କ ନେତୃତ୍ୱରେ ବହୁ କର୍ମୀ ତାଲୁକା ଛକରେ ପହଞ୍ଚି ଶହୀଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଳି ଜ୍ଞାପନ କରିଛନ୍ତି। ସୂଚନାଯୋଗ୍ୟ ଆସିକା ଏନଏସିର ଶାସ୍ତ୍ରୀନଗର ନିବାସୀ ରାଜ କିଶୋର ପଟ୍ଟନାୟକଙ୍କ ପୁତ୍ର ଭାରତୀୟ ସେନାର ଜବାନ ଉମାକାନ୍ତ ପଟ୍ଟନାୟକ ଜାମ୍ମୁ କାଶ୍ମୀରର କାରଗିଲ ଓ ଗ୍ରାସ ସେକ୍ଟରରେ କାର୍ଯ୍ୟରତ ଥିଲା ବେଳେ ପ୍ରତିପକ୍ଷଙ୍କ ଗୁଳିରେ ଶହୀଦ ହୋଇଥିଲେ।

# ଶୀତଳଭଣ୍ଡାର ନିର୍ମାଣ ଦାବି

ଶେରଗଡ଼, ୨୭।୭(ସୂର୍ଯ୍ୟନାରାୟଣ ଦାଶ):

ଶେରଗଡ ବ୍ଲକରେ ୧୫ରୁ ଅଧିକ ପଞ୍ଚାୟତରେ ପରିବା ଚାଷ ହେଉଛି। ସାଧାରଣ ଭାବରେ କୁରୁଳା, ଠୁରୁବୁରାଇ, ଗୋଠଗାଁ, ଡେଙ୍ଗାପଦର, ତହଁର, ପିଉଳ, ନରେନ୍ଦ୍ରପୁର, ତାକରଡା, ଗୋବିନ୍ଦପୁର, ଧବଳପୁର, କୃଷ୍ଣଛାଇ ସମେତ ୧୫ଟି ପଞ୍ଚାୟତର ବିଭିନ୍ନ ପନିପରିବା ଫସଲ ଆଦାୟ କରନ୍ତି ଚାଷୀମାନେ। ଭେଣ୍ଡି, କଲରା, ପୋଟଳ, ଜହ୍ନି, ସାରୁ ଦେଶିଆଳୁ ଅଳଡି, କଞ୍ଚାଲଙ୍କା, ବାଇଗଣ, ଲାଉ, ବୋଇତାଳୁ ଭଳି ପନିପରିବା ଚାଷ କରାଯାଏ। ବଜାର ଦର ଯେତିକି ଥାଉ ସେତିକିରେ ପରିବା ବିକି ଘରକୁ ପଳାଇ ଆସନ୍ତି। ଫଳରେ ଚାଷୀ ଠିକ ଲାଭ ପାଇପାରେ ନାହିଁ। ଏହାର ପ୍ରମୁଖ କାରଣ ହେଉଛି ଶେରଗଡରେ ପନିପରିବା ଗଚ୍ଛିତ ପାଇଁ ଶୀତଳ ଭଣ୍ଡାର ନାହିଁ। ଶେରଗଡ ବ୍ଲକରେ ଏକ ଶୀତଳ ଭଣ୍ଡାର କରିବା ପାଇଁ ବହୁବାର ଦାବି ହୋଇଥିଲା। ଚାଷୀମାନଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ଶେରଗଡ ବ୍ଲକରେ ଏକ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ଚାଷୀମାନେ ଦାବି କରିଛନ୍ତି।

# ଖବରଦାତା ସଂଘର ବୈଠକ

ଶେରଗଡ଼, ୨୭।୭(ସୂର୍ଯ୍ୟନାରାୟଣ ଦାଶ):

ଶେରଗଡ ବ୍ଲକ ଆଞ୍ଚଳିକ ଖବରଦାତା ସଂଘର ବୈଠକ ପଥରପୁଞ୍ଜି କାମାକ୍ଷାଦେବୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସଂଘର ସଭାପତି ସୂର୍ଯ୍ୟନାରାୟଣ ଦାଶ ସଭାପତିତ୍ୱ କରିଥିଲେ। ପୂର୍ବ ବୈଠକର ବିବରଣୀ ପାଠ କରିବା ସହ ଧବଳପୁର ଝିଙ୍କାରିଆ ପୀଠରେ ବୃକ୍ଷରୋପଣ କରାଯିବ ବୋଲି ସ୍ଥିର ହୋଇଛି। ବନ ବିଭାଗର ଅଧିକାରୀମାନଙ୍କ ସହ ଯୋଗାଯୋଗ କରି ଔଷଧୀୟ ବୃକ୍ଷରୋପଣ କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ସଂଘ ପଞ୍ଜୀକରଣ କରିବା ସହ ତୁରନ୍ତ ଖାଲିଥିବା ସମ୍ପାଦକ ପଦବୀ ଚୟନ କରିବାକୁ କୁହାଯାଇଥିଲା। ଉକ୍ତ ବୈଠକରେ ୟୁଜେଇର ସଭାପତି ଅଖିଳ କୁମାର ପଟ୍ଟନାୟକ, ଦେବୀପ୍ରସାଦ ଦାଶ, ରାମ କୃଷ୍ଣଚନ୍ଦ୍ର ପଲେଇ, ପ୍ରଫୁଲ୍ଲ କୁମାର ମହାନ୍ତି, ଭିକ ନାୟକ ପ୍ରମୁଖ ଯୋଗଦେଇଥିଲେ।

# ନିମ୍ନମାନର ଗାର୍ଡୱାଲ୍ ନିର୍ମାଣ ଅଭିଯୋଗ

ବାଲିଗୁଡ଼ା, ୨୭।୭(ସଞ୍ଜୟ କୁମାର ପାଣିଗ୍ରାହୀ): କନ୍ଧମାଳ ଜିଲା ବାଲିଗୁଳା ଉପଖଣ୍ଡ ଅନ୍ତର୍ଗତ ତୁମୁଡ଼ିବନ୍ଧ ବ୍ଲକର ମାତୃଗାଁ ଠାରୁ ବେଲଘର ୨୭ କିଲୋମିଟର ଓ ବେଲଘର ଠାରୁ ଝିରିପାଣି ୧୧ କିଲୋମିଟର ରାସ୍ତା ବାଲିଗୁଡ଼ା ପୂର୍ତ୍ତ ବିଭାଗ ବିଭାଜନ ଅଧୀନରେ ରହିଛି। ଏହି ରାସ୍ତାରେ ବିଭାଗ ପକ୍ଷରୁ କରାଯାଉଥିବା ବିଭିନ୍ନ କାମ ଅତ୍ୟନ୍ତ ନିମ୍ନମାନର ନିର୍ମାଣ କାର୍ଯ୍ୟ କରାଯାଉଥିବା ସ୍ଥାନୀୟ ଲୋକ ପ୍ରତିନିଧିମାନେ ଅଭିଯୋଗ କରିଛନ୍ତି। ବେଲଘର ବ୍ରିଜ ନିକଟରୁ ମେଡ଼ିକାଲ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ କଂକ୍ରିଟ ଗାର୍ଡ ୱାଲ ନିର୍ମାଣ ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ ବରାଦ କରାଯାଇଛି। ଏଥିରେ କ୍ରଶର ମେଟାଲ ସହ ଭଲ ବାଲି ଓ ସିମେଣ୍ଟ ବ୍ୟବହାର ପାଇଁ ଚୁକ୍ତିନାମା ଠିକାଦାର କରିଥିବା ବେଳେ ଅତ୍ୟନ୍ତ ନିମ୍ନମାନର ମେଟାଲ ଓ ବାଲି ବ୍ୟବହାର କରାଯାଉଥିବା ଦେଖିବାକୁ



ନିର୍ମାଣ ଚାଲିଥିବା ଗାର୍ଡୱାଲ ।

ମିଳିଛି। ରାସ୍ତା ପାର୍ଶ୍ୱରେ ନାଳ କଡ଼ରେ ପଡିଥିବା ସାନ ସାନ ଗେଟିକୁ ଆଣି ମେଟାଲ ଭାବେ ଠିକାଦାର ବ୍ୟବହାର କରୁଛନ୍ତି। ଠିକାଦାର ଓ ଯନ୍ତ୍ରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଥିବା କୁହାଯାଉଛି। ଏହି ରାସ୍ତାର ରକ୍ଷଣବେକ୍ଷଣ ପାଇଁ ଏଠାରେ ଗୋଟିଏ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ରହିବା କଥା କିନ୍ତୁ ତାହା ଖାଲି ପଡ଼ିଛି। ଫଳରେ ବାଲିଗୁଡ଼ାର ପୂର୍ତ୍ତ ବିଭାଗ ଯନ୍ତ୍ରୀ ପ୍ରଶାନ୍ତ କୁମାର ବେହେରା ସେହି କାର୍ଯ୍ୟ ତଦାରଖ କରୁଛନ୍ତି। ଉକ୍ତ ଗାର୍ଡ ୱାଲ ନିମ୍ନମାନର ନିର୍ମାଣ ସମ୍ପର୍କରେ ସ୍ଥାନୀୟ ଲୋକ ପ୍ରତିନିଧିମାନେ ନିର୍ବାହୀ ଅଧିକ୍ଷଣ ଯନ୍ତ୍ରୀ ସନ୍ତୋଷ କୁମାର ପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ଏହା ଉପରେ ଦୃଷ୍ଟି ଦେବେ ବୋଲି କହିଛନ୍ତି। ଏହା ସହ ଉକ୍ତ ରାସ୍ତାରେ ବର୍ଷା ଦିନେ ପାହାଡ଼ର ମାଟି ଅତଡ଼ା ଖସି ରାସ୍ତାରେ ପଡୁଥିବା ବେଳେ ବିଭାଗୀୟ ଅଧିକାରୀମାନେ ଦେଖୁନଥିବାରୁ ଲୋକେ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଘଞ୍ଚ ଜଙ୍ଗଲ ମଧ୍ୟରେ ଏହି ଘାଟି ରାସ୍ତାଟିଏ ରହିଥିବା ବେଳେ ଅଙ୍କାବଙ୍କା ରାସ୍ତାର ଉଭୟ ପାର୍ଶ୍ୱରେ କୌଣସି ସୂଚନା ଫଳକ ନଥିବାରୁ ଦୁର୍ଘଟଣା ବୃଦ୍ଧି ପାଉଛି। ତେବେ କେବେ ପୂର୍ତ୍ତ ବିଭାଗ ଅଞ୍ଚଳବାସୀଙ୍କ ଅଭିଯୋଗ ଶୁଣୁଛନ୍ତି ଓ ଏହାର ତଦାରଖ କରୁଛନ୍ତି ତାହା ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି। ଯଦି ନିମ୍ନମାନର କାର୍ଯ୍ୟକୁ ବନ୍ଦ କରାନଯାଇ ତାହାକୁ କାଢି ନୂତନ ଓ ଭଲ ମେଟାଲ ବ୍ୟବହାର ନ କରନ୍ତି ଏହାର ସମ୍ପୂର୍ଣ୍ଣ ଫଟୋ ଓ ତଥ୍ୟ ସହ ପୂର୍ତ୍ତ ବିଭାଗ ମନ୍ତ୍ରୀଙ୍କୁ ସାକ୍ଷାତ କରି ଅଭିଯୋଗ କରିବେ ବୋଲି କହିଛନ୍ତି।

# ରାଜପଥ କଡ଼ରେ ଅଳିଆଗଦା, ନାକ ଟେକୁଛନ୍ତି ପର୍ଯ୍ୟଟକ

ଦାରିଙ୍ଗବାଡି, ୨୭।୭ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳକୁ ଦୈନିକ ଶହ ଶହ ପର୍ଯ୍ୟଟକ ବୁଲିବାକୁ ଆସୁଛନ୍ତି। ହେଲେ ପର୍ଯ୍ୟଟନ କ୍ଷେତ୍ର ସମେତ ଦାରିଙ୍ଗବାଡି ଓ ସିମନବାଡିର ଜାତୀୟ ରାଜପଥ କଡ଼ରେ କୁଢ଼ କୁଢ଼ ଅଳିଆ ଗଦା ହୋଇଥିବାରୁ ପୁତି ଗନ୍ଧମୟ ଯୋଗୁ ପର୍ଯ୍ୟଟକମାନେ ନାକ ଟେକୁଛନ୍ତି। ଏହିସବୁ ଅଞ୍ଚଳରେ ପରିବେଶ ଦୂଷିତ ହେବା ସହ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ବିଶେଷ କରି ୫୯ ନଂ. ଜାତୀୟ ରାଜପଥର ସିମନବାଡ଼ି ବଜାର ଉପରେ କୁଢ଼ କୁଢ଼ ଅଳିଆଗଦା ଯୋଗୁ ବଜାରକୁ ଆସୁଥିବା ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଯାଇଛି । ଉଠା ଦୋକାନୀଙ୍କ ସମେତ ଜଳଖିଆ ଦୋକାନ, ମିଲ୍ସ ହୋଟେଲ ଓ ପନିପରିବା ଦୋକାନ, ଫାଷ୍ଟଫୁଡ୍ ସେଣ୍ଟରରୁ ବାହାରୁଥିବା ଅଇଁଠା ଖଲିପତ୍ର ଓ ବର୍ଜ୍ୟବସ୍ତୁଗୁଡ଼ିକ ନେଇ ଜନଜାତି ହାଟପଦା ନିକଟରେ ପକେଇ ଦିଆଯାଉଛି। ଏଥିପାଇଁ ପ୍ରଶାସନ ବାରମ୍ବାର ସଚେତନ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ପ୍ରଶାସନ



ଓ ପୋଲିସ ପ୍ରଶାସନର ନୀରବତା ଯୋଗୁ ସାଧାରଣ ଲୋକ ହଇରାଣ ଭୋଗୁଛନ୍ତି। ଯେଉଁମାନେ ଅଳିଆ ଆବର୍ଜନାକୁ ପ୍ରୋତ୍ସାହନ ଦେଉଛନ୍ତି ସେମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି। ଅନ୍ୟପକ୍ଷରେ ଯେଉଁଠି ଅଳିଆ ଗଦା କରାଯାଉଛି ସେହି ନିକଟରେ ଉପ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ସେହି ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଦୈନିକ ପ୍ରାୟ ପ୍ରସୂତି, ଗର୍ଭବତୀ ଓ ଶିଶୁମାନଙ୍କ ଚିକିତ୍ସା କରାଯାଉଛି। ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଏଏନ୍‌ଏମ୍ ଅଞ୍ଜନା ଦିଗାଲ ସେଠାରେ ତାଙ୍କ ପରିବାର ସହ ଦୀର୍ଘ ବର୍ଷ ହେଲା ରହୁଥିବା ବେଳେ ସେ ପରିବେଶ ଦୂଷିତ କାରଣରୁ ଅନ୍ୟତ୍ର

- ହୋଟେଲ, ଦୋକାନୀ ଅଳିଆ ପକାଉଥିବା ଅଭିଯୋଗ
- ସ୍ୱଚ୍ଛ ଭାରତ ମିଶନ ପ୍ରହସନ

ଘରଭଡ଼ା ନେଇ ରହିବାକୁ ଚିନ୍ତା କରୁଥିବା ଜଣାପଡ଼ିଛି। ଏ ନେଇ ସିମନବାଡ଼ି ପଞ୍ଚାୟତ କାର୍ଯ୍ୟାଳୟର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାତ କୁମାର ପ୍ରଧାନଙ୍କୁ ପଚାରିବାରୁ ବର୍ଷା କାରଣରୁ ସଫା କରିପାରିନାହୁଁ, ଶୀଘ୍ର ସଫେଇ କରିବୁ ଓ ସମସ୍ତ ଦୋକାନ, ହୋଟେଲକୁ ନୋଟିସ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ମିଳୁନି ନିର୍ମାଣ ସାମଗ୍ରୀ, ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ

ଚଢ଼େଇଧରା,୨୭।୭(ଦିଲୀପ ପରିଡ଼ା): ଧର୍ମଶାଳା ବ୍ଲକ୍ ଅଧୀନ ଚଢ଼େଇଧରା ଅଞ୍ଚଳରେ ନିର୍ମାଣ ସାମଗ୍ରୀ ମିଳୁ ନ ଥିବାରୁ ବିଭିନ୍ନ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଗତ ସାଧାରଣ ନିର୍ବାଚନ ପରଠାରୁ ବ୍ଲକ ଅନ୍ତର୍ଗତ ମଧୁପୁରଗଡ଼, ମହିସରା ପୁରୁଣାବୋଉଳମାଳ, ସାହାଣୀଡ଼ିଅ, ସପାରୁ, କମାଗଡ଼, ଅଁଶିଆ, ପାଖର, ଆରୁହା ଓ ଥାନୁଆଳ ଆଦି ପଞ୍ଚାୟତରେ ଏଭଳି ସମସ୍ୟା ଦେଖାଦେଇଛି। ଏହି ଅଞ୍ଚଳରେ ଖଣିଖାଦାନ ବନ୍ଦ ରହିଥିବାରୁ ଚିପ୍ସି, ମେଟାଲ ମିଳୁନାହିଁ। ଏହାଛଡ଼ା ବାଲିଘାଟ ବନ୍ଦ ଥିବାରୁ ବାଲି ମଧ ମିଳୁନାହିଁ। ଗତ କିଛିଦିନ ହେଲା ଜିଲା ଖଣି ବିଭାଗ ବିଭିନ୍ନ ଖଣି ଓ କସର ଉପରେ ଚଢ଼ାଉ କରିଥିବାରୁ ସବୁ ଏବେ ବନ୍ଦ ରହିଛି। ତେଣୁ ସରକାରୀ ନିୟମ ଭିତରେ ଥିବା ଖଣି, କସର ୟୁନିଟ ଓ ବାଲିଘାଟ ଚଳାଇବା ପାଇଁ ଅନୁମତି ଦେବାକୁ ଲୋକେ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ଜାରକା ଏସ୍‌ବିଆଇ ଏଟିଏମ୍ ଅଚଳ

କାଏମା,୨୭।୭(ଶିବପ୍ରସାଦ ମହାନ୍ତି): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ନିକଟରେ ଥିବା ୨ ଏଟିଏମ ଚାରି ଦିନ ହେବ ଅଚଳ ହୋଇପଡ଼ିଛି। ଫଳରେ ଉପଭୋକ୍ତା ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ୨ ଏଟିଏମ୍ ମଧ୍ୟରୁ ଗୋଟିଏରେ ଟଙ୍କା ଜମା କରାଯାଉଥିବାବେଳେ ଅନ୍ୟଟିରେ କେବଳ ଉଠାଣ କରାଯାଇଥାଏ। କିନ୍ତୁ କୌଣସି କାରଣବଶତଃ ଏସବୁ ଅଚଳ ହେବା ପରେ ଟଙ୍କା ଉଠାଣ ବା ଜମା କରିବାକୁ ଆସି ଉପଭୋକ୍ତା ହତାଶ ହୋଇ ଫେରୁଥିବା କହିଛନ୍ତି। ଏହି ଅଞ୍ଚଳର ଅନେକ ଲୋକେ ଏସ୍‌ବିଆଇ ସେବା ସହିତ ଯୋଡ଼ି ହୋଇଛନ୍ତି। ତେଣୁ ଏହାକୁ ତୁରନ୍ତ ସଚଳ କରିବାକୁ ଉପଭୋକ୍ତାମାନେ ନିବେଦନ କରିଛନ୍ତି। ଏଟିଏମ୍‌ର ଅଚଳାବସ୍ଥା ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



### ଚୋରା ଚାଲାଣବେଳେ ଶାଗୁଆନ କାଠ ଜବତ

ଉଦଳା, ୨୭।୭ (ସନ୍ତୋଷ କୁମାର ବାଛିନୀ) ମୟୂରଭଞ୍ଜ ଜିଲା ଉଦଳା ବନ ବିଭାଗ ଶନିବାର ଭୋର ସମୟରେ ବନାଞ୍ଚଳ ଅଧୀନ ବାଲିଚିଲିମା ଛକ ନିକଟରେ ଚଢ଼ାଉ କରିଛି। ଚୋରା ଚାଲାଣ ବେଳେ ମୂଲ୍ୟବାନ ଶାଗୁଆନ କାଠ ବନ ବିଭାଗ ଜବତ କରିଛି। ବିଶେଷ ସୂତ୍ରରୁ ଖବର ପାଇ ବନ ବିଭାଗ ସେଠାରେ ପହଞ୍ଚିବା ବେଳକୁ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଶାଗୁଆନ କାଠ ବାଲେଶ୍ୱର ଚାଲାଣ ହେଉଥିବା ଦେଖିବାକୁ ପାଇଥିଲା। ବନ ଅଧିକାରୀଙ୍କୁ ଦେଖି ପିକ୍‌ଅପ୍ ଭ୍ୟାନ୍ ଡ୍ରାଇଭର ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ। ବନ ବିଭାଗ କାଠ ଭର୍ତ୍ତି ଗାଡ଼ିକୁ ଜବତ କରିଥିଲା। ସେଥିରେ ୨୯ଟି ଶାଗୁଆନ କାଠର ଲଗ୍ ରହିଛି।

# ୧,୯୦୮ ଛାତ୍ରୀଛାତ୍ର ନାମ ଲେଖାଇଲେ

## ଜୁନିୟର କଲେଜରେ ସରିଲା ପ୍ରଥମ ପର୍ଯ୍ୟାୟ ନାମଲେଖା

ଧର୍ମଶାଳା,୨୭।୭(ବଟକୃଷ୍ଣ ପରିଡ଼ା): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ କଳା, ବିଜ୍ଞାନ ଓ ବାଣିଜ୍ୟ ପାଠ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟ ନାମଲେଖା ଶନିବାର ଶେଷ ହୋଇଛି। ଧର୍ମଶାଳା ବ୍ଲକର ୮ ଜୁନିୟର କଲେଜରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ୨,୩୯୪ ସିଟ୍‌ରୁ ପ୍ରଥମ ପର୍ଯ୍ୟାୟରେ ନାମଲେଖାଇବା ଲାଗି ୨୧୯୩ ଜଣଙ୍କୁ ସୂଚନା ଦିଆଯାଇଥିବାବେଳେ ୧୯୦୮ ଜଣ ନାମ ଲେଖାଇଛନ୍ତି। ୪୭୬ ସିଟ୍ ବଳକା ରହିଛି।

ଧର୍ମଶାଳା ଜୁନିୟର କଲେଜରେ କଳାରେ ୨୫୬ ସିଟ ମଧ୍ୟରୁ ୨୪୦ ଜଣଙ୍କୁ ସୂଚନା ଦିଆଯାଇଥିବାବେଳେ ୨୧୧ଜଣ ନାମ ଲେଖାଇଛନ୍ତି। ବିଜ୍ଞାନରେ ୧୯୨ ସିଟରୁ ୧୯୧ ଜଣଙ୍କୁ ସୂଚନା ଦିଆଯାଥିବାବେଳେ ୧୩୬ ଜଣ ନାମ ଲେଖାଇଛନ୍ତି। ବାଣିଜ୍ୟରେ ୪୮ ସିଟ୍‌ରୁ ୧୯ ଜଣଙ୍କୁ ସୂଚନା ଦିଆଯାଇଥିବାବେଳେ ୧୫ ଜଣ ନାମ ଲେଖାଇଛନ୍ତି। ବଳରାମପୁରସ୍ଥିତ ମୁକୁନ୍ଦପାତ୍ର ଜୁନିୟର କଲେଜରେ କଳାରେ ୨୫୬ ସିଟ୍‌ରୁ ୨୫୫ ଜଣଙ୍କୁ ସୂଚନା ଦିଆଯାଇଥିବାବେଳେ ୨୨୨ ଜଣ ନାମ ଲେଖାଇଛନ୍ତି। ବିଜ୍ଞାନରେ ୧୯୨ ସିଟରୁ ୧୪୦ଜଣଙ୍କୁ ସୂଚନା ଦିଆଯାଇଥିବାବେଳେ ୧୨୩ ଜଣ ନାମ ଲେଖାଇଛନ୍ତି। ଚଢ଼େଇଧରା ଜଗନ୍ନାଥ ଜୀଉ କଲେଜରେ କଳାରେ ୨୫୬ ସିଟ୍ ଥିବାବେଳେ ୨୫୭ ଜଣଙ୍କୁ ସୂଚନା ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ ୨୨୭ଜଣ ନାମ ଲେଖାଇଛନ୍ତି। ବିଜ୍ଞାନରେ ୬୪ ସିଟ୍‌ରୁ ୬୨ଜଣଙ୍କୁ ସୂଚନା ଦିଆଯାଇଥିବାବେଳେ ୫୮ଜଣ ନାମ ଲେଖାଇଛନ୍ତି। କୋଟପୁରସ୍ଥିତ ବଜ୍ରଗିରି ଜୁନିୟର କଲେଜରେ କଳାରେ ୩୨୦ ସିଟ୍‌ରୁ ୩୦୨ ଜଣଙ୍କୁ ସୂଚନା ଦିଆଯାଇଥିଲାବେଳେ ୨୭୨ ଜଣ ନାମ ଲେଖାଇଛନ୍ତି। ଏହି କଲେଜରେ ବିଜ୍ଞାନରେ ୧୨୮ ସିଟରୁ ୧୨୦ଜଣଙ୍କୁ ସୂଚନା ଦିଆଯାଇଥିବାବେଳେ ୧୦୩ଜଣ ନାମ ଲେଖାଇଛନ୍ତି। ଧର୍ମଶାଳା ମହିଳା ଜୁନିୟର କଲେଜରେ କଳାରେ ୧୨୮ ସିଟ୍‌ରୁ ୧୨୫ ଜଣଙ୍କୁ ସୂଚନା ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ ୧୧୬ଜଣ ନାମ ଲେଖାଇଛନ୍ତି। ଜେନାପୁର ଜୁନିୟର କଲେଜରେ କଳାରେ ୨୫୬ ସିଟ୍ ମଧ୍ୟରୁ ୨୫୩ ଜଣଙ୍କୁ ସୂଚନା ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ ୨୨୦ଜଣ ନାମ ଲେଖାଇଛନ୍ତି। ରେନେସା ଘରୋଇ ଜୁନିୟର କଲେଜରେ କଳାରେ ୬୪ସିଟରୁ ୪୦ ଜଣଙ୍କୁ ସୂଚନା ଦିଆଯାଇଥିବାବେଳେ ୩୫ ଜଣ ନାମ ଲେଖାଇଛନ୍ତି। ଏହି କଲେଜରେ ବିଜ୍ଞାନରେ ୧୬୦ ସିଟରୁ ୧୫୯ଜଣଙ୍କୁ ସୂଚନା ଦିଆଯାଇଥିବାବେଳେ ୧୪୩ ଜଣ ନାମ ଲେଖାଇଛନ୍ତି। ଜାରକା ଗୋକର୍ଣ୍ଣିକା ଜୁନିୟର କଲେଜରେ ବିଜ୍ଞାନରେ ୬୪ ସିଟ୍‌ରୁ ୩୦ଜଣଙ୍କୁ ସୂଚନା ଦିଆଯାଇଥିବାବେଳେ ୨୭ ଜଣ ନାମ ଲେଖାଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ଅଗଷ୍ଟ ୫ରେ ପ୍ରକାଶ ପାଇବ।

# ସୋରାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାରାରୋପଣ



ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଜେନାପୁର,୨୭।୭(ଅଶୋକ ଦାସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁସୂଦନପୁର ପଞ୍ଚାୟତର ସୋରାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଯାଜପୁର ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଦୀୟମାନ ସବୁଜ ବାହିନୀ ପରିବେଶ ପରିକ୍ରମା ପକ୍ଷରୁ ବିଭିନ୍ନ କିସମର ଫଳଫୁଲ ଓ ଔଷଧୀୟ ଚାରାରୋପଣ କରାଯାଇଛି। ପ୍ରାରମ୍ଭରେ ପ୍ରଧାନଶିକ୍ଷକ ରଘୁନାଥ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ କାହ୍ନୁଚରଣ ସାହୁ, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ଦାସ, ସମ୍ମାନିତ ବକ୍ତାଭାବେ ଆଇନଜୀବୀ ଘନଶ୍ୟାମ ଜେନା, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶତ୍ରୁଘ୍ନ ଧୀର, ସାଧନା କେନ୍ଦ୍ର ସଂଯୋଜକ ବୃନ୍ଦାବନ ଚନ୍ଦ୍ର ପ୍ରଧାନ, ଶିକ୍ଷକ ଗୟାଧର ସାହୁ ଓ ଦିଲୀପ କୁମାର ବଳ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଚାରାରୋପଣର ମହତ୍ତ୍ୱ ସମ୍ପର୍କରେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ଚେୟାରମ୍ୟାନ ଯୁଗଳ କିଶୋର ସାହୁ, ପରିଚାଳନା କମିଟି ସଭ୍ୟ ରଞ୍ଜନ କୁମାର ଦାସ, ମନୋରମା ଦଳାଇ, ପୁଷ୍ପାଞ୍ଜଳି ଦଳାଇ, ସୁମିତ୍ରା ଦଳାଇ, ବିଜୟ କୁମାର ସାହୁ, ଶିକ୍ଷୟିତ୍ରୀ ସୁମିତ୍ରା ସାହୁ, ମୀନାରାଣୀ ସାହୁ, ମାନସୀ ମଞ୍ଜରୀ ସାହୁ ଓ ମୁକୁନ୍ଦ ମୁରାରୀ ଗୁରୁ ଯୋଗ ଦେଇଥିଲେ। ଉଦୀୟମାନ ସବୁଜ ବାହିନୀ ସଂଯୋଜକ ସୁଦର୍ଶନ ସାହୁ ଧନ୍ୟବାଦ ଦେଇଥିଲେ।

# ଟାଟା ଷ୍ଟିଲ୍ ପକ୍ଷରୁ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ସମନ୍ୱୟ ବୈଠକ




ସ୍ୱାସ୍ଥ୍ୟ ଅଧିକାରୀମାନଙ୍କ ସହ ଟାଟା ଷ୍ଟିଲ୍‌ର ଅଧିକାରୀ ଆଲୋଚନା କରୁଛନ୍ତି।

ଯାଜପୁର,୨୭।୭(ହର୍ଷବର୍ଦ୍ଧନ ବେହେରା) କଳିଙ୍ଗନଗର ଏବଂ ଏହାର ଆଖପାଖ ଅଞ୍ଚଳର ଗ୍ରାମୀଣ ଓ ଆଦିବାସୀ ସମ୍ପ୍ରଦାୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ଟାଟା ଷ୍ଟିଲ୍ ଫାଉଣ୍ଡେଶନ୍ (ଟିଏସ୍ଏଫ୍) ପକ୍ଷରୁ ଶନିବାର ଯାଜପୁର ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ 'କନଭର୍ଜେନ୍ସ ବୈଠକ' ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସ୍ୱାସ୍ଥ୍ୟକର୍ମୀ, ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ସହାୟକ ନର୍ସ, ଏଏନ୍ଏମ୍, ଆଶାକର୍ମୀ ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେଶନ ଜନସ୍ୱାସ୍ଥ୍ୟ ବିଭାଗର ସଦସ୍ୟ ପ୍ରମୁଖ ଯୋଗଦେଇ ସ୍ଥାନୀୟ ଅଞ୍ଚଳରେ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଉନ୍ନତି ବିଷୟରେ ଆଲୋଚନା କରିଥିଲେ। ଏହାସହ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍ଓ) ଶିବାଶିଷ ମହାରଣା, ସିଏଚ୍‌ସି ଦାନଗଦୀର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଜ୍ୟୋତିରଞ୍ଜନ ମହାପାତ୍ର, ନୀଳାଚଳ ଇସ୍ପାତ ନିଗମ୍ ଲିମିଟେଡ୍ (ଏନ୍ଆଇଏନ୍ଏଲ୍)ର ପରିଚାଳନା ନିର୍ଦ୍ଦେଶକ ସୁଧୀର କୁମାର ମେହେତା, ଯାଜପୁର ଜିଲା ମହାମାରୀ ବିଶେଷଜ୍ଞ ଜ୍ୟୋତିରଞ୍ଜନ ରାଉତ, ଯାଜପୁର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ) ନନ୍ଦିନୀପ୍ରଭା ଲେଙ୍କା, ଜଖପୁରା ଏବଂ ଗୋବର୍ଦ୍ଧନପୁରର ମେଡିକାଲ ଅଫିସର ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳରେ ଅଣସଂକ୍ରାମକ ରୋଗ (ଏନ୍‌ସିଡି) ଏବଂ ଭେକ୍ଟର ବାହିତ ରୋଗ (ଭିବିଡି)ର ପ୍ରଭାବଶାଳୀ ମୁକାବିଲା କରିବା, ଗ୍ରାମୀଣ ଲୋକଙ୍କ ମଧ୍ୟରେ ମଧୁମେହ ଓ ଉଚ୍ଚ ରକ୍ତଚାପ ମାମଲା ଚିହ୍ନଟ କରି ସରକାରଙ୍କୁ ଜଣାଇବା ଇତ୍ୟାଦି ଆଲୋଚନାର ମୁଖ୍ୟ ପ୍ରସଙ୍ଗ ଥିଲା। ଗୁରୁତର ପୁଷ୍ଟିହୀନ ଶିଶୁଙ୍କୁ ଚିହ୍ନଟ କରି ସେମାନଙ୍କୁ ନ୍ୟୁଟ୍ରିଶନ ରିହାବିଲିଟେଶନ ସେଣ୍ଟର (ଏନ୍ଆର୍‌ସି)କୁ ପଠାଇବା ଏବଂ ସୁକିନ୍ଦା ଓ ଦାନଗଦୀ ଅଞ୍ଚଳରେ ପୁଷ୍ଟିହୀନତା ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବ ନେଇ ଆଲୋଚନା ହୋଇଥିଲା। ଏହାବ୍ୟତୀତ ଟାଟା ଷ୍ଟିଲ୍ ଫାଉଣ୍ଡେଶନର ରିଜିଓନାଲ ଇନିସିଏଟିଭ ଫର୍ ସେଫ ସେକ୍ସୁଆଲ୍ ହେଲ୍‌ଥ ବାଏ ୟୁଡେସ ଏଡୋଲୋସେ (ରିଷ୍ତା) ପ୍ରକଳ୍ପ ଏବଂ ପ୍ରୋଜେକ୍ଟ 'ଦୃଷ୍ଟି' ଜରିଆରେ କିଶୋର ସ୍ୱାସ୍ଥ୍ୟ ଓ ଚକ୍ଷୁର ଯତ୍ନ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ଆଲୋଚନା କରାଯାଇଥିଲା। ଏହି ଅବସରରେ ଟାଟା ଷ୍ଟିଲ ଫାଉଣ୍ଡେଶନ ଜନସ୍ୱାସ୍ଥ୍ୟ ବିଭାଗ ମୁଖ୍ୟ ଅନୁଜ ଭଞ୍ଜନାଗର କହିଥିଲେ, କଳିଙ୍ଗନଗରରେ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ସରକାରଙ୍କ ସହ ମିଶି କାର୍ଯ୍ୟ କରିବା ଜରୁରୀ। ସମ୍ବଳ ଏବଂ ଜ୍ଞାନର ମିଶ୍ରଣ ଦ୍ୱାରା ନୂତନ ଏବଂ ପ୍ରଭାବଶାଳୀ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଇ ଲୋକଙ୍କ ଜୀବନରେ ଉନ୍ନତି ଆଣିହେବ ଏବଂ ସମସ୍ତଙ୍କ ପାଖରେ ଚିକିତ୍ସା ସେବା ଉପଲବ୍ଧ ହୋଇପାରିବ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଚଣ୍ଡିଖୋଲ,୨୭।୭(ପ୍ରଦୀପ୍ତ କୁମାର ପୃଷ୍ଟି): ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁର ପଞ୍ଚାୟତ ଅଧୀନ ରୁକୁଟି ପାଟ ଗ୍ରାମର ଆଦର୍ଶ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ରାଉତରାୟ(୮୩)ଙ୍କ ଶନିବାର ସକାଳେ ପରଲୋକ ହୋଇଯାଇଛି। ସେ ଜଣେ ଆଦର୍ଶ ଶିକ୍ଷକ, ସାମାଜିକ କର୍ମୀ ଓ ସୁସଂଗଠକ ଭାବେ ବେଶ୍ ପରିଚିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ କରାଯାଇଛି। ବଡ଼ପୁଅ କପିଳ ମୁଖାଗ୍ନି



ଦେଇଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବଡ଼ଚଣାର ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ, କଂଗ୍ରେସ ନେତା ଅଜୟ ସାମଲ, ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ଅଧ୍ୟକ୍ଷ ପବିତ୍ର ମହଲା, ଅଧ୍ୟାପକ ସତ୍ୟବ୍ରତ ପୃଷ୍ଟି, ବିଜେଡି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର, ବ୍ଲକ କଂଗ୍ରେସ ସଭାପତି ସୁରେଶ ସାହାଣୀ ପ୍ରମୁଖ ପହଞ୍ଚି ଶେଷଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ବାଲିଚନ୍ଦ୍ରପୁର ସରପଞ୍ଚଙ୍କ ପ୍ରତିନିଧି ଅମିୟ ସାହାଣୀ, ରଞ୍ଜନ କୁମାର ମହାରଣା ଓ ବିଜେଡି ନେତା ଜନ୍ମେଜୟ ଲେଙ୍କା ପ୍ରମୁଖ ପହଞ୍ଚି ଶୋକ ପ୍ରକାଶ କରିଛନ୍ତି।

# କାଦୁଅରେ ପଚପଚ କାଙ୍କଲାପାଟଣା ବିଦ୍ୟାଳୟ ମୁଖ୍ୟରାସ୍ତା



ପାଣିକୋଇଲି,୨୭।୭(ବିକାଶ ମଲ୍ଲିକ): ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ଅଳତିରି କାଙ୍କଲାପାଟଣା ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟର ମୁଖ୍ୟରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରାସ୍ତାଟି ସାମାନ୍ୟ ବର୍ଷାରେ କାଦୁଅ ପଚପଚ ହେଉଛି। ଫଳରେ ବହୁ ଅଭିଭାବକ ସେମାନଙ୍କ ପିଲାମାନଙ୍କୁ ଏଠାରେ ନ ପଢ଼ାଇ ବେସରକାରୀ ବିଦ୍ୟାଳୟକୁ ନେଇ ନାମ ଲେଖାଉଛନ୍ତି। ତେଣୁ କୋରେଇ ବିଧାୟକ ଆକାଶ ଦାସ ନାୟକ ବିଦ୍ୟାଳୟର ମୁଖ୍ୟ ରାସ୍ତାକୁ କଂକ୍ରିଟ କରିବା ଲାଗି ସ୍ଥାନୀୟ ଅଧିବାସୀ ନିବେଦନ କରିଛନ୍ତି। ଯଦି ପ୍ରଶାସନ କିମ୍ବା ବିଧାୟକ ଏଦିଗରେ ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ଆମେ ପିଲାଙ୍କୁ ଉକ୍ତ ବିଦ୍ୟାଳୟରୁ ନେଇଯିବେ ବୋଲି କିଛି ଅଭିଭାବକ ମତପ୍ରକାଶ କରିଛନ୍ତି।

# ଶାଶୁଘର ଲୋକଙ୍କ ଅବହେଳାରୁ ପ୍ରସୂତିଙ୍କ ମୃତ୍ୟୁ ଅଭିଯୋଗ

ବ୍ରହ୍ମବରଦା,୨୭।୭(ଯଯାତି କେଶରୀ ବେହେରା): ରସୁଲପୁର ବ୍ଲକ ବ୍ରହ୍ମବରଦା ଥାନା ମଙ୍ଗରାଜପୁର ପଞ୍ଚାୟତ ଦେଉଳି ଗ୍ରାମର ଲାଲମୋହନ ମିଶ୍ରଙ୍କ ସ୍ତ୍ରୀ କିଷ୍ଟାପ୍ରିୟଦର୍ଶିନୀ ପଣ୍ଡା(୨୫)ଙ୍କ ଚିକିତ୍ସା ଅବହେଳାରୁ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏନେଇ କିଷ୍ଟାପ୍ରିୟଦର୍ଶିନୀଙ୍କ ପରିବାର ତାଙ୍କ ଶାଶୁଘର ଲୋକଙ୍କ ନାଁରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ପାଇବା ପରେ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, କିଷ୍ଟାପ୍ରିୟଦର୍ଶିନୀଙ୍କ ପ୍ରସୂତି ନିମନ୍ତେ ଗତ ୧୮ ତାରିଖରେ ତାଙ୍କୁ ଜାରକାସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କର ଅସ୍ତ୍ରୋପଚାର ଦ୍ୱାରା ଏକ ଶିଶୁ କନ୍ୟା ଜନ୍ମ ହୋଇଥିଲା। ରକ୍ତସ୍ରାବ ନ କମିବାରୁ ଅଧିକ ରକ୍ତ ସଂଗ୍ରହ କରିବାକୁ ଡାକ୍ତର କହିଥିଲେ। ଶାଶୁଘର ଲୋକେ ଯାଜପୁରସ୍ଥିତ ରେଡ୍‌କ୍ରସ ରକ୍ତ ଭଣ୍ଡାରରୁ ରକ୍ତ ଆଣି ଦେଇଥିଲେ। ଏହାପରେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସି ନ ଥିଲା। ଏହା ମଧ୍ୟରେ ଶିଶୁଜନ୍ମକୁ ୫ ଦିନ ବିତି ଯାଇଥିଲା। ମହିଳା ଜଣଙ୍କ ନିଶ୍ୱାସ ନେବାରେ ଅସୁବିଧା ଅନୁଭବ କରୁଥିବାବେଳେ ଯନ୍ତ୍ରଣାରେ ଅଧିକ ଗୁରୁତର ହୋଇ ପଡ଼ିଥିଲେ। ଡାକ୍ତର ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ ଅନ୍ୟତ୍ର ନେଇଯିବାକୁ ପରାମର୍ଶ ଦେଇଥିଲେ। ଶାଶୁଘର ଲୋକେ ୨୨ତାରିଖରେ ତାଙ୍କୁ କଟକ ବଡ଼ ମେଡିକାଲକୁ ନେଇଥିଲେ। ସେଠାରେ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ମାତ୍ର ସ୍ୱାସ୍ଥ୍ୟବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନେଇ ଯାଇଥିଲେ। ମାତ୍ର ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଶାଶୁଘର ଲୋକଙ୍କ ଅବହେଳା ଯୋଗୁ କିଷ୍ଟାପ୍ରିୟଦର୍ଶିନୀଙ୍କ ମୃତ୍ୟୁ ହୋଇଛି ବୋଲି ବାପଘର ଲୋକେ ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ବ୍ରହ୍ମବରଦା ପୋଲିସ ନଂ.୪୧୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ବୋଲି ଥାନା ଅଧିକାରୀ ଅଂଶୁମାଳା ଦାସ କହିଛନ୍ତି।

# ଶ୍ରୀରାମଙ୍କ ମାନବୀୟ ଲୀଳା ପୁସ୍ତକ ଉନ୍ମୋଚିତ



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଯାଜପୁର ଟାଉନ,୨୭।୭ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଯାଜପୁର ବଡ଼ଦୋଗଡ଼ା ଗୋପୀନାଥଜୀଉ ମନ୍ଦିର ପ୍ରାଙ୍ଗଣରେ ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅଧିକାରୀ ନବକିଶୋର ଦାସଙ୍କ ରଚିତ 'ଶ୍ରୀରାମଙ୍କ ମାନବୀୟ ଲିଳା'' ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଏଥିସହିତ ଜିଲାସ୍ତରୀୟ ବୈଷ୍ଣବ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବିଞ୍ଝାରପୁର ବ୍ଲକ ନରୁଆ ମଠର ଗୋସ୍ୱାମୀ ଗୋପଳ ଚରଣ ଦାଶ ଭକ୍ତିଭୂଷଣଙ୍କ କରକମଳରେ ପୁସ୍ତକ ଲୋକାର୍ପିତ କରାଯାଇଛି। ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ବୈଷ୍ଣବମାନଙ୍କୁ ପୁଷ୍ପ, ଚନ୍ଦନ ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି। ମୁଖ୍ୟ ଅତିଥିଭାବେ ଚଣ୍ଡିଖୋଲ ଧନଘର ଖୋଲ ଶ୍ରୀଜଗନ୍ନାଥ ମନ୍ଦିରର ମ୍ୟାନେଜିଂ ଟ୍ରଷ୍ଟି ଦୀପକ କୁମାର ମିଶ୍ର ଓ ମୁଖ୍ୟବକ୍ତାଭାବେ ଓଡ଼ିଶା କୃଷି ଓ ପ୍ରାଣୀ ବିଜ୍ଞାନ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରାଧ୍ୟାପକ ଡା. ଜୟକୃଷ୍ଣ ଦାସ ଯୋଗଦେଇ ପୁସ୍ତକର ଅନ୍ତର୍ନିହିତ ଭାବନା କିପରି ଜଗନ୍ନାଥଙ୍କ ମାନବୀୟ ଲିଳାସହିତ ଜଡ଼ିତ ତାହାର ବିବରଣୀ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ହୃଷୀକେଶ ପତି ଯୋଗଦେଇଥିଲେ। ବିଶିଷ୍ଟ ସାରସ୍ୱତ ସାଧକ ଜଗନ୍ନାଥ ଧଳ, ସୁରେନ୍ଦ୍ର କୁମାର ପାଣିଗ୍ରାହୀ, ବରିଷ୍ଠ ଚିକିତ୍ସକ ଡା. ନନ୍ଦକିଶୋର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଷ୍ଣବ ଶ୍ରୀସମ୍ମାନ ନରୁଆ ମଠାଧିଶ ଭକ୍ତିଭୂଷଣ ଗୋସ୍ୱାମୀ ଗୋପାଳ ଚରଣ ଦାଶଙ୍କୁ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜଗତ୍‌ସିଂହପୁର ବୈଷ୍ଣବ ପ୍ରଚାରକ ଅମିୟ କୁମାର ଦାସ ସମସ୍ତ ବୈଷ୍ଣବ ସମ୍ପ୍ରଦାୟର ଭକ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ତପନ ଦାସ ଅତିଥି ପରିଚୟ ପ୍ରଦନା କରିଥିବାବେଳେ ମିନକେତନ ସାହୁ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ। ଗଦାଧର ଦାସ, ପଣ୍ଡିତ ରାଧାକାନ୍ତ ପଣ୍ଡା, ନିର୍ମଳାବାଳା ମିଶ୍ର, ରବି ଶତପଥୀ, ଡା. ଶୁଭ୍ରା ରାଉତରାୟ, କବି ରାମଚନ୍ଦ୍ର ଦାସ, ଶ୍ରୀକାନ୍ତ ଦାସ, ସଚିକାନ୍ତ ଦାସ, ମୁକ୍ତିକାନ୍ତ ଦାସ, ଜ୍ଞାନ ଦାସ, ଆଲୋକ ଦାସ, ଚନ୍ଦ୍ରମଣି ଦାସ, ଅନ୍ନପୂର୍ଣ୍ଣା ଦାସ, ରେଣୁବାଳା ଦାସ, ପ୍ରିୟାଂଶୁ ଦାସ, ଇଚ୍ଛାମୟୀ ଧଳ, ବୃନ୍ଦାବନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସାମାଜିକ କର୍ମୀ ଭାସ୍କର ଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ।

### କୁଶେଇ ନଦୀରୁ ମହିଳାଙ୍କ ମୃତଦେହ ଜବତ

ରାମଚନ୍ଦ୍ରପୁର(ଗଣେଶ୍ୱର ସା)/ ଆନନ୍ଦପୁର (ଉମେଶ ଚନ୍ଦ୍ର ପାଢ଼ୀ), ୨୭।୭

କେନ୍ଦୁଝର ଜିଲା ଘସିପୁରା ଥାନା ବେଲବାହାଳି ଦେଇ ବହି ଯାଇଥିବା କୁସେଇ ନଦୀରୁ ଜଣେ ମହିଳାଙ୍କ ମୃତଦେହ ଜବତ ହୋଇଛି। ମୃତ ମହିଳାଙ୍କ ପରିଚୟ ମିଳିପାରି ନ ଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିବା ପରିଲକ୍ଷିତ ହୋଇଛି। ବୟସ ୫୦ରୁ ଉର୍ଦ୍ଧ୍ୱ ହେବ ବୋଲି ପୋଲିସ ଅନୁମାନ କରୁଛି। ସୂଚନା ଅନୁଯାୟୀ, ଶନିବାର ପୂର୍ବାହ୍ନ ୧୦ଟା ସମୟରେ ନଦୀରେ ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖି ଘସିପୁରା ଥାନା ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ନଦୀରୁ ମହିଳାଙ୍କ ମୃତଦେହ ବାହାର କରିଥିଲା। ଘଷିପୁରା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ମୃତଦେହ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ତଦନ୍ତ କରୁଛି।

# ଭତ୍ତା ବୃଦ୍ଧିରେ ପାତରଅନ୍ତରକୁ ନାପସନ୍ଦ

## ସବୁବର୍ଗର ହିତାଧିକାରୀଙ୍କ ଭତ୍ତା ବୃଦ୍ଧି ଦାବି

ରସୁଲପୁର,୨୭।୭(ରଞ୍ଜିତ ରାଉତ): ରସୁଲପୁର ବ୍ଲକ୍ ଅଞ୍ଚଳରେ ୨୩,୬୦୮ ହିତାଧିକାରୀ ଭତ୍ତା ପାଉଛନ୍ତି। ସରକାର ପ୍ରଥମ ପର୍ଯ୍ୟାୟରେ ୮୦ ଓ ତଦୁର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ଓ ୮୦ ଏବଂ ତା'ଠାରୁ ଅଧିକ ଶତକଡ଼ା ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ବର୍ଦ୍ଧିତ ହାରରେ ଭତ୍ତା ପ୍ରଦାନ କରିବେ ବୋଲି ଘୋଷଣା କରିଛନ୍ତି। ଏହି ବର୍ଗର ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତାରାଶି ୩,୫୦୦ଟଙ୍କା ପ୍ରଦାନ କରାଯିବ। ସରକାରଙ୍କ ଏହି ଘୋଷଣାକୁ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ ହୋଇଥିବା ଅନେକ ହିତାଧିକାରୀ ନାପସନ୍ଦ କରିଛନ୍ତି। ସରକାରୀସ୍ତରରେ ହୋଇଥିବା ଘୋଷଣାନାମାର ପୁନଃବିଚାର କରାଯାଇ ଭତ୍ତାରାଶି ବୃଦ୍ଧିରେ ସବୁ ବର୍ଗର ହିତାଧିକାରୀଙ୍କୁ ସାମିଲ କରିବାକୁ ସେମାନେ ଦାବି କରିଛନ୍ତି।



ସାମାଜିକ ଓ ଆର୍ଥିକ ସ୍ଥିତିରେ ଅନଗ୍ରସର ଥାଇ ଉଭୟ ରାଜ୍ୟ ଓ ଜାତୀୟ ଭତ୍ତା ଯୋଜନାରେ ୬୦ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ, ବିଧବା, ୪୦ଶତକଡା ଓ ତା'ଠାରୁ ଅଧିକ ଦିବ୍ୟାଙ୍ଗ ବ୍ୟକ୍ତି ଭତ୍ତା ପାଇବା ପାଇଁ ଯୋଗ୍ୟ ବିବେଚିତ ହେଉଛନ୍ତି। ଉକ୍ତ ଯୋଜନାରେ ସାମିଲ ହିତାଧିକାରୀ ୧୦୦୦ ଓ ୧୨୦୦ଟଙ୍କା ହାରରେ ଭତ୍ତା ପାଉଛନ୍ତି। ଚଳିତ ସାଧାରଣ ନିର୍ବାଚନ ପୂର୍ବରୁ ତତ୍କାଳୀନ ରାଜ୍ୟ ସରକାର ୫୦୦ ଓ ୭୦୦ଟଙ୍କା ଭତ୍ତା ରାଶିକୁ ୧୦୦୦ ଓ ୧୨୦୦ଟଙ୍କାକୁ ବୃଦ୍ଧି ଘଟାଇଥିଲେ। ଓଡ଼ିଶାରେ ଭାଜପା ସରକାର ଆସିଲେ ଭତ୍ତା ୩୦୦୦ଟଙ୍କା କରାଯିବ ବୋଲି ଘୋଷଣା କରାଯାଇଥିଲା। ମାତ୍ର ସରକାର ଗଠନ ହେବା ପରେ ସେମାନେ ପ୍ରତିଶ୍ରୁତିକୁ ଭୁଲି ଯାଇଛନ୍ତି। ଏକ ନିର୍ଦ୍ଦିଷ୍ଟ ବର୍ଗର ହିତାଧିକାରୀଙ୍କ ଭତ୍ତା ରାଶି ବୃଦ୍ଧି ଘୋଷଣା କରି ଅନ୍ୟବର୍ଗର ହିତାଧିକାରୀଙ୍କ ପ୍ରତି ପ୍ରତାରଣା କରିଛନ୍ତି ବୋଲି ବୃଦ୍ଧାବୃଦ୍ଧ ମତବ୍ୟକ୍ତ କରିଛନ୍ତି। ଭାଜପା ସରକାର ପ୍ରତିଶ୍ରୁତି ପାଳନରେ ଅସମର୍ଥ ହୋଇଛି ବୋଲି ବୁଦ୍ଧିଜୀବୀଙ୍କ ମହଲରେ ମତପ୍ରକାଶ ପାଇଛି।

# ପଟ୍ଟାମୁଣ୍ଡାଇ ସହରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

ପଟ୍ଟାମୁଣ୍ଡାଇ,୨୭।୭(କଳ୍ପତରୁ ନାୟକ)



ମ୍ୟୁନିସିପାଲିଟି ଅଫିସ ପଛରେ ଜମାହୋଇଥିବା ଅଳିଆ ଆବର୍ଜନା।

- ରାସ୍ତାକଡ଼ରେ ଜମିରହିଛି ଅଳିଆ ଆବର୍ଜନା
- ମ୍ୟୁନିସିପାଲିଟି ନାକତଳୁ ଉଠୁନି ଅଳିଆ
- ପୋତି ହୋଇଗଲାଣି ଡ୍ରେନ୍

କେନ୍ଦ୍ରପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ବିପର୍ଯ୍ୟସ୍ତ ହୋଇପଡ଼ିଛି ପରିମଳ ବ୍ୟବସ୍ଥା । ରାସ୍ତାଘାଟ ସବୁଠି ଆବର୍ଜନା ପଡି ରହିଥିବା ବେଳେ ଦୁର୍ଗନ୍ଧରେ ନାକ ଫାଟିପଡୁଛି । ଅସରାଏ ବର୍ଷା ହେଲେ ଡ୍ରେନ୍‌ରେ ପାଣି ନିଷ୍କାସନ ନ ହୋଇ ରାସ୍ତାରେ ଜମିରହୁଛି । ସହରରେ ବିନା ପ୍ଲାନରେ ମାଳ ମାଳ କୋଠା ଗଢିଉଠୁଥିବା ବେଳେ ଡ୍ରେନେଜ ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ହେଉନାହିଁ। ଫଳରେ ବର୍ଷା ହେଲେ ରାସ୍ତାରେ ପାଣି ଜମି ରହି ଯାତାୟାତରେ ଅସୁବିଧା ସୃଷ୍ଟି ହେଉଛି । ଆବର୍ଜନା ଜଳ ଯୋଗୁ ମଶାଙ୍କ ବଂଶବୃଦ୍ଧି ଆଶଙ୍କା ଥିବା ବେଳେ ଏହାର ସମାଧାନ ପାଇଁ ସାଧାରଣରେ ଦାବି ହୋଇଛି ।

ଏ ସଂକ୍ରାନ୍ତରେ ପରିବେଶବିତ୍ ପ୍ରଦୀପ ନାୟକ କୁହନ୍ତି, ପଟ୍ଟାମୁଣ୍ଡାଇ ସହରର ପରିମଳ ବ୍ୟବସ୍ଥା ସୁଧୁରିବା ପରିବର୍ତ୍ତେ ବିଗିଡ଼ିବାରେ ଲାଗିଛି, ତା'ର ପ୍ରମାଣ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ନାକତଳେ ଦେଖିବାକୁ ମିଳିଛି। କାର୍ଯ୍ୟାଳୟ ସାମନା ଓ ପଛପଟ ରାସ୍ତାରେ ଗଦା ହୋଇଛି ଅଳିଆ। ସକାଳ ଯାଇ ସନ୍ଧ୍ୟା ହେଉଛି ପଛେ ଅଳିଆ ଉଠୁନାହିଁ। ଏହା ସୂଚାଇ ଦେଉଛି ପରିମଳ ପରିଚାଳନା ଦାୟିତ୍ୱ ନେଇଥିବା ସଂସ୍ଥା ସ୍ୱଚ୍ଛତା ନାଁରେ କିଭଳି ଠକି ଚାଲିଛି । କେବଳ ଅଳିଆ ଉଠାଣ ନୁହେଁ, ଡ୍ରେନ୍ ବି ସଫେଇ ହେଉନାହିଁ। ସହରର ଅଧିକାଂଶ ଡ୍ରେନ୍‌ରୁ ପଙ୍କ କଢ଼ାଯାଉନାହିଁ। ବସ୍ତି, ପୋଖରିଆପଡା ଆଦି ଏକାଧିକ ସ୍ଥାନରେ ଡ୍ରେନ୍‌ରୁ ପଙ୍କୋଦ୍ଧାର ହୋଇ ନ ଥିବା ଦୃଶ୍ୟ ଦେଖିବାକୁ ମିଳିଛି। ବଡ଼ କଥା ହେଉଛି, ଯେଉଁଠି ମ୍ୟୁନିସିପାଲଟି କାର୍ଯ୍ୟାଳୟ ନାକତଳୁ ଅଳିଆ ଉଠୁନାହିଁ, ସେଠାରେ ସାରା ସହରରେ ସଫେଇ କିଭଳି ହେଉଥିବ ତାହା ସହଜେ ଅନୁମେୟ।

ଯୁବ ବ୍ୟବସାୟୀ ରମେଶ ଦାସ କୁହନ୍ତି, ଚନ୍ଦନ ସିକ୍ୟୁରିଟି ନାମରେ ଏକ ଠିକା ସଂସ୍ଥା ଗତ ୮ ବର୍ଷ ହେବ ସହରର ପରିମଳ ଦାୟିତ୍ୱ ହାତକୁ ନେଲାଣି। କିନ୍ତୁ ସହରର ପରିମଳ ପରିଚାଳନାରେ ସେଭଳି ଆଖିଦୃଶିଆ ପରିବର୍ତ୍ତନ ଦେଖିବାକୁ ମିଳିଲା ନାହିଁ। ଦୁଇଓଳି ସଫେଇ କରିବାକୁ ଥିବା ବେଳେ କେବଳ ସକାଳ ଓଳି ସଫେଇ ହେଉଛି । ନିୟମିତ ଡ୍ରେନ୍‌ରୁ ପଙ୍କ କଢ଼ାଯାଉନାହିଁ। ସହରର ବିଭିନ୍ନ ଡ୍ରେନ୍‌ରେ ପଙ୍କ ଭର୍ତ୍ତି ହୋଇରହିଥିବା ଦେଖିବାକୁ ମିଳିଛି। ପ୍ରତ୍ୟେକ ୱାର୍ଡର ରାସ୍ତା ପାର୍ଶ୍ୱରେ ଅନାବନା ଗଛ ମାଡିଯାଇ ଜୀବଜନ୍ତୁଙ୍କ ଆଶ୍ରୟସ୍ଥଳୀ ପାଲଟିଲାଣି । କେତେକ ସ୍ଥାନରେ ମୁକୁଳା ଡ୍ରେନ୍ ରହିଥିବାବେଳେ ସେଥିରେ ମଶାମରା ଔଷଧ ସିଞ୍ଚନ କରାଯାଉନାହିଁ । ଏମିତି ଯେ ଡ୍ରେନ୍ ତଳ ଗୋଟିଏ ପରସ୍ତ ପଙ୍କରେ ପୋତି ହୋଇଗଲାଣି। ଏଭଳି ସ୍ଥିତି ଯୋଗୁ ବର୍ଷା ହେଲେ ନର୍ଦ୍ଦମା ପାଣିରେ ରାସ୍ତା ଭାସୁଛି । ସେହିପରି ଆହାର କେନ୍ଦ୍ର ଭେଣ୍ଡିଂ ଜୋନ୍ ପଛପଟରେ ଅଳିଆ ଗଦା ହୋଇ ପଡ଼ିଛି ।

ସାମାଜିକ କର୍ମୀ କାମଦେବ ଦାସ କୁହନ୍ତି, ପଟ୍ଟାମୁଣ୍ଡାଇର ପୌରାଞ୍ଚଳ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ଏକ ସାଧାରଣ ଘଟଣାରେ ପରିଣତ ହୋଇଛି। ଦାୟିତ୍ୱ ଥିବା ଠିକା ସଂସ୍ଥା ପରିମଳ ବ୍ୟବସ୍ଥାକୁ ସୁଧାରି ପାରୁ ନ ଥିବା ବେଳେ ଗତ ୮ ବର୍ଷହେବ କାହିଁକି ଓ କାହା ସ୍ୱାର୍ଥରେ ତାଙ୍କୁ ଦାୟିତ୍ୱ ଦିଆଯାଇଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ସ୍ୱଚ୍ଛତା ନାଁରେ ମାସକୁ ପ୍ରାୟ ୧୦ଲକ୍ଷରୁ ଅଧିକ ଟଙ୍କାର ସହରବାସୀଙ୍କ ଟିକସ ଅର୍ଥ ଅପବ୍ୟୟ ହେଉଛି। ଅନ୍ୟପକ୍ଷେ ବିନା ପୌରପ୍ଲାନ ଆପ୍ରୁଭାଲ ନ ନେଇ ମନଇଚ୍ଛା ସହର ସାରା କୋଠାବାଡ଼ି ଗଢିଉଠୁଥିବା ବେଳେ ଡ୍ରେନ୍ ସମସ୍ୟା ଦେଖା ଦେଉଛି। ଏ ବାବଦରେ ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରିଙ୍କୁ ପଚାରିବାରେ ଚନ୍ଦନ ସିକ୍ୟୁରିଟି କେସ୍ କରି ରହିଛି । ସେ ଯେତିକି ଆବର୍ଜନା ସଫା କରୁଛି ସେତିକି ବିଲ୍ ହେଉଛି ।

# ଅନାଥ ୨ ଭାଇଙ୍କୁ ସହାୟତା ପ୍ରଦାନ



ଭାଜପା ଉପସଭାପତି ସଞ୍ଜୟ ରଥ ଏମ୍‌ପିଙ୍କ ତରଫରୁ ୨ ଭାଇଙ୍କୁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି ।

ମାର୍ଶାଘାଇ,୨୭।୭(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାଆ, ବାପାଙ୍କୁ ହରାଇ ଅନାଥ ହୋଇଯାଇଥିବା ୨ଭାଇଙ୍କୁ ସହାୟତାର ହାତ ବଢ଼ାଇଛନ୍ତି କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା । ସୂଚନା ଅନୁଯାୟୀ, ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କୁହୁଡି ପଞ୍ଚାୟତ ନରେନ୍ଦ୍ରପୁର ଗ୍ରାମର ତ୍ରିଲୋଚନ ସେଠୀଙ୍କ ଗତ କିଛିବର୍ଷ ତଳେ ଦେହାନ୍ତ ହୋଇଯାଇଥିଲା । ଘରେ ତାଙ୍କର ସ୍ତ୍ରୀ ଓ ଦୁଇ ପୁଅ ଥିଲେ । ହେଲେ କିଛିଦିନ ତଳେ ମା'ଙ୍କ ପରଲୋକ ହୋଇଯାଇଥିଲା। ଫଳରେ ୨ ପୁଅ ବାପା ମା'ଛେଉଣ୍ଡ ହୋଇଯାଇଥିଲେ । ଘରେ ଆଉ କେହି ନ ଥିବାରୁ ଶୁଦ୍ଧିକ୍ରିୟା ଓ ଅନ୍ୟ କର୍ମ ପାଇଁ ୨ ଭାଇ ଗାଁରେ ହାତ ପତାଇ ଭିକ୍ଷା ମାଗୁଥିଲେ । ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ କେନ୍ଦ୍ରାପଡ଼ା ଏମ୍‌ପି ପଣ୍ଡା ଦୁଃଖ ପ୍ରକାଶ କରିଥିଲେ । ଏଥି ସହିତ ଜିଲା ଭାଜପା ଉପସଭାପତି ସଞ୍ଜୟ ରଥ ଏମ୍‌ପିଙ୍କ ତରଫରୁ ୨ ଭାଇଙ୍କୁ ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଉପସଭାପତି ରଥଙ୍କ ସହିତ ୨୫ନମ୍ବର ଜୋନ୍ ଭାଜପା ସଭାପତି ପ୍ରକାଶ ଦାସ, ଜଗବନ୍ଧୁ ନାୟକ, ଦେବ ମଲିକ, ଶଙ୍କର୍ଷଣ ମଲିକ, ତାପସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଶାଶୁଘର ଲୋକଙ୍କ ଅବହେଳାରୁ ପ୍ରସୂତିଙ୍କ ମୃତ୍ୟୁ ଅଭିଯୋଗ

ବ୍ରହ୍ମବରଦା,୨୭।୭(ଯଯାତି କେଶରୀ ବେହେରା)

ରସୁଲପୁର ବ୍ଲକ ବ୍ରହ୍ମବରଦା ଥାନା ମଙ୍ଗରାଜପୁର ପଞ୍ଚାୟତ ଦେଉଳି ଗ୍ରାମର ଲାଲମୋହନ ମିଶ୍ରଙ୍କ ସ୍ତ୍ରୀ କିଷ୍ଣାପ୍ରିୟଦର୍ଶିନୀ ପଣ୍ଡା(୨୫)ଙ୍କ ଚିକିତ୍ସା ଅବହେଳାରୁ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏନେଇ କିଷ୍ଣାପ୍ରିୟଦର୍ଶିନୀଙ୍କ ପରିବାର ତାଙ୍କ ଶାଶୁଘର ଲୋକଙ୍କ ନାଁରେ ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଅଭିଯୋଗ ପାଇବା ପରେ ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, କିଷ୍ଣାପ୍ରିୟଦର୍ଶିନୀଙ୍କ ପ୍ରସୂତି ନିମନ୍ତେ ଗତ ୧୮ ତାରିଖରେ ତାଙ୍କୁ ଜାରକାସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କର ଅସ୍ତ୍ରୋପ୍ରଚାର ଦ୍ୱାରା ଏକ ଶିଶୁ କନ୍ୟା ଜନ୍ମ ହୋଇଥିଲା । ରକ୍ତସ୍ରାବ ନ କମିବାରୁ ଅଧିକ ରକ୍ତ ସଂଗ୍ରହ କରିବାକୁ ଡାକ୍ତର କହିଥିଲେ। ଶାଶୁଘର ଲୋକେ ଯାଜପୁରସ୍ଥିତ ରେଡ୍‌କ୍ରସ ରକ୍ତ ଭଣ୍ଡାରରୁ ରକ୍ତ ଆଣି ଦେଇଥିଲେ। ଏହାପରେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସି ନ ଥିଲା। ଏହା ମଧ୍ୟରେ ଶିଶୁଜନ୍ମକୁ ୫ ଦିନ ବିତି ଯାଇଥିଲା। ମହିଳା ଜଣଙ୍କ ନିଶ୍ୱାସ ନେବାରେ ଅସୁବିଧା ଅନୁଭବ କରୁଥିବାବେଳେ ଯନ୍ତ୍ରଣାରେ ଅଧିକ ଗୁରୁତର ହୋଇ ପଡ଼ିଥିଲେ। ଡାକ୍ତର ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ ଅନ୍ୟତ୍ର ନେଇଯିବାକୁ ପରାମର୍ଶ ଦେଇଥିଲେ। ଶାଶୁଘର ଲୋକେ ୨୨ତାରିଖରେ ତାଙ୍କୁ କଟକ ବଡ଼ ମେଡିକାଲକୁ ନେଇଥିଲେ। ସେଠାରେ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ମାତ୍ର ସ୍ୱାସ୍ଥ୍ୟବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନେଇ ଯାଇଥିଲେ। ମାତ୍ର ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଶାଶୁଘର ଲୋକଙ୍କ ଅବହେଳା ଯୋଗୁ କିଷ୍ଣାପ୍ରିୟଦର୍ଶିନୀଙ୍କ ମୃତ୍ୟୁ ହୋଇଛି ବୋଲି ବାପଘର ଲୋକେ ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ବ୍ରହ୍ମବରଦା ପୋଲିସ ନଂ.୪୧୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ବୋଲି ଥାନା ଅଧିକାରୀ ଅଂଶୁମାଳା ଦାସ କହିଛନ୍ତି।

# ଖବରଦାତାଙ୍କ ସୁରକ୍ଷା ପାଇଁ ଏସ୍‌ୟୁଜେର ଦାବିପତ୍ର



ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ଏସ୍‌ୟୁଜେର କର୍ମକର୍ତ୍ତା ।

କେନ୍ଦ୍ରାପଡ଼ା,୨୭।୭(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାରେ ଖବରଦାତାଙ୍କ ସାମାଜିକ ସୁରକ୍ଷା ବିପନ୍ନ । କୌଣସି ଆକ୍ରମଣମୂଳକ ଅଥବା ଆକ୍ଷେପାତ୍ମକ ଅଭିଯୋଗ କ୍ଷେତ୍ରରେ ଥାନା ପୋଲିସ ନୀରବତା ଅବଲମ୍ବନ କରୁଛି । ଏପରି ଉଦ୍‌ବିଗ୍ନ ପ୍ରକାଶ କରି ରାଜ୍ୟ ସାମ୍ବାଦିକ ସଂଘ (ଏସ୍‌ୟୁଜେ) ପକ୍ଷରୁ ଏକ ଦାବିପତ୍ର ଏସ୍‌ପିଙ୍କୁ ଶନିବାର ପ୍ରଦାନ କରାଯାଇଛି । ଜିଲା ସଭାପତି ଦଇତାରି ଜେନା ଏ ସମ୍ପର୍କରେ କହିଛନ୍ତି, ଖବରଦାତାଙ୍କ ସାମାଜିକ ସୁରକ୍ଷା ଦିଗରେ ଜିଲା ପୋଲିସ ଆଦୌ ତତ୍ପର ନୁହେଁ। ଗତ କିଛି ମାସ ପୂର୍ବେ ଆଳିର ଖବରଦାତା ଦୁଷ୍ମନ୍ତ ଆଚାର୍ଯ୍ୟଙ୍କୁ ଜଣେ ବ୍ୟକ୍ତି ଆକ୍ଷେପମୂଳକ ଭାଷା ପ୍ରୟୋଗ ସହ ଜୀବନରୁ ମାରି ଦେବା ପାଇଁ ଧମକ ଦେଇଥିଲେ । ଏନେଇ ଆଳି ଥାନାରେ ଅଭିଯୋଗ ପତ୍ର ଦିଆ ଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଅଭିଯୁକ୍ତ ସର୍ବସାଧାରଣ ସ୍ଥାନରେ ଖୋଲାଖୋଲି ଭାବେ ଏବେ ବି ଧମକ ଦେଉଛନ୍ତି । ସେହିପରି ଖବରଦାତା କମଳ ରାଉତଙ୍କୁ ଆକ୍ରମଣ କରିବା ସହ ମୋବାଇଲ, ବୁମ୍ ଆଦି ଜଣେ ବ୍ୟକ୍ତି ଛଡାଇ ନେଲେ । ଏ ସମ୍ପର୍କରେ ସଦର ଥାନାରେ ଅଭିଯୋଗ ପତ୍ର ଦିଆଯାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଫଳରେ କେତେଜଣ ଅସାମାଜିକ ବ୍ୟକ୍ତିଙ୍କ ଆଚରଣ ଓ ଉଚ୍ଚାରଣ ଖବରଦାତାଙ୍କୁ ଅତିଷ୍ଠ କରିଛି । ଖବରଦାତାଙ୍କ ଏହି ଦୁଇ ଅଭିଯୋଗ ପତ୍ର ଉପରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆସନ୍ତା ୭ ଦିନ ପରେ ଜିଲା ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଜିଲା ସଭାପତି ଜେନା କହିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଉପସଭାପତି ଅସିତ କୁମାର ପଣ୍ଡା, ସମ୍ପାଦକ ପ୍ରଶାନ୍ତ କୁମାର ନାୟକଙ୍କ ସମେତ ସଂଘର କର୍ମକର୍ତ୍ତା ସାମିଲ ହୋଇଥିଲେ ।

# ଡେରାବିଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଭିଭାବକ ଓ ଶିକ୍ଷକମାନଙ୍କ ବୈଠକ

ଡେରାବିଶ,୨୭।୭(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅବିଭାବକ ଓ ଶିକ୍ଷକଙ୍କ ଏକ ମିଳିତ ବୈଠକ ଗତ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧକ୍ଷ ଚନ୍ଦ୍ରଶେଖର ନାୟକ ପୌରୋହିତ୍ୟ କରିଥିଲେ। ପ୍ରବଳ ବର୍ଷା ସତ୍ତ୍ୱେ ବହୁ ସଂଖ୍ୟାରେ ଅବିଭାବକମାନେ ଯୋଗଦେଇ ଯୁକ୍ତ ଦୁଇ ଶ୍ରେଣୀରେ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କ ଶିକ୍ଷା ସମ୍ବନ୍ଧିୟ ବିଭିନ୍ନ ପ୍ରଶ୍ନ ପଚାରିବା ସହିତ ଏବାବଦରେ ଉପସ୍ଥିତ ଅଧାପିକା ଓ ଅଧାପକଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଯଦି ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ସମୟାନୁବର୍ତ୍ତିତା, ନିୟମିତତା, ନିଷ୍ଠାପର ଉଦ୍ୟମ ଓ କଠିନ ପରିଶ୍ରମକୁ ଅଗ୍ରାଧିକାର ଦେଇ କାର୍ଯ୍ୟ କରନ୍ତି ତେବେ ସେମାନେ ସଫଳତାର ଶୀର୍ଷରେ ପହଞ୍ଚି ପାରିବେ ବୋଲି ଅଧକ୍ଷ ନାୟକ ମତବ୍ୟକ୍ତ କରିଥିଲେ। ଏହି ବୈଠକରେ ଶତାଧିକ ଅବିଭାବକ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧରେ ପ୍ରଧାପକ ଅଶ୍ୱିନୀ କୁମାର ପୃଷ୍ଟି, ଶାନ୍ତନୁ କୁମାର ମାଟି, ବିକ୍ରମ ମହାନ୍ତି ଏବଂ ଅଧାପିକା ଡ.ପ୍ରଜ୍ଞା ପଟ୍ଟନାୟକ ଓ ବିଜୟଲକ୍ଷ୍ମୀ ସାହୁଙ୍କ ସମେତ ଅଧାପକ ଗୁରୁଚରଣ ସେଠୀ, ବିଶ୍ୱଜିତ ସାହୁ, ସଞ୍ଜୟ କୁମାର ମିଶ୍ର, ଡ. କିଶୋର କୁମାର ବେଦାନ୍ତ, ଡ.ସନ୍ଦୀପ ବଳ, ଜ୍ୟୋତିର୍ମୟ ବ୍ରହ୍ମା ଓ ରଘୁନାଥ ସାହୁ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ର, ଅବିଭାବକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ସହ ସେମାନଙ୍କ ସହ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଅଧାପକ ବୃନ୍ଦାବନ ଦାସ ବୈଠକର ଆଭିମୁଖ୍ୟ ବାବଦରେ ସୂଚନା ପ୍ରଦାନ କରିଥିଲେ। ବୈଠକ ଶେଷରେ ଅଧାପିକା ଶୁଭାସିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକ ପରିଚାଳନାରେ କଲେଜ କର୍ମଚାରୀ ବାନାମ୍ବର ମଲିକଙ୍କ ସମେତ ଅନ୍ୟ ସମସ୍ତ କର୍ମଚାରୀମାନେ ସହଯୋଗ କରିଥିଲେ।




ଡେରାବିଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଭିଭାବକ ଓ ଶିକ୍ଷକଙ୍କ ଏକ ମିଳିତ ବୈଠକ।

# ରାଷ୍ଟ୍ରର ହିତଚିନ୍ତା ଦ୍ୱାରା ସମୃଦ୍ଧ ଭାରତ ଗଠନ ସମ୍ଭବ

## ଭାରତ ବିକାଶ ପରିଷଦର ପ୍ରସ୍ତୁତି ବୈଠକ



ବୈଠକରେ ଯୋଗଦେଇଥିବା ଭାରତ ବିକାଶ ପରିଷଦର କର୍ମକର୍ତ୍ତା ।

କେନ୍ଦ୍ରାପଡ଼ା,୨୭।୭(ଜଗନ୍ନାଥ ଧଳ)

ସମ୍ପର୍କ, ସହଯୋଗ, ସଂସ୍କାର, ସେବା ଓ ସମର୍ପଣ ଭାବ ଭାରତ ବିକାଶ ପରିଷଦର ଆଭିମୁଖ୍ୟ । ଏହି ଆଭିମୁଖ୍ୟରେ ରହି ରାଷ୍ଟ୍ରହିତରେ କାର୍ଯ୍ୟ କରିପାରିଲେ ସମୃଦ୍ଧ ଭାରତ ଗଠନ ସମ୍ଭବ । ଗତ ୬୧ ବର୍ଷ ଧରି ପରିଷଦ ଏହି କାର୍ଯ୍ୟ କରିଆସିଥିବା କେନ୍ଦ୍ରାପଡ଼ା ଜିଲାରେ ଶାଖା ବିସ୍ତାର ପ୍ରସ୍ତୁତି ବୈଠକରେ ଅତିଥିମାନେ ଶନିବାର ପ୍ରକାଶ କରିଛନ୍ତି । ସହରର ଗୋପସ୍ଥିତ କମଲ ଭବନରେ ଏହି ବୈଠକ ପକ୍ଷୀ ବିଶାରଦ ତଥା ସାମାଜିକ କର୍ମୀ ପ୍ରମୋଦ କୁମାର ଧଳଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡ଼ିଶା ପୂର୍ବ ପ୍ରାନ୍ତ ସଭାପତି ସତ୍ୟବାଦୀ ଦାସ, ପ୍ରାନ୍ତ ମହାସଚିବ ସୌମେନ୍ଦ୍ର ଦାସ, ମାନସ ଭୂଷଣ ପଣ୍ଡିତ ହୃଷୀକେଶ ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସେମାନେ କହିଥିଲେ, ମାତୃଭୂମିର ସେବା ପାଇଁ ଏହି ସଙ୍ଗଠନ ୧୯୬୩ ମସିହାରେ ଆରମ୍ଭ ହୋଇଥିଲା । ଏହାର ସ୍ଲୋଗାନ ଥିବା ସମର୍ଥ ଭାରତ ସଂସ୍କାରିତ ଭାରତକୁ ବୁଦ୍ଧିମନ୍ତ ପାଇଁ ପରିଷଦ ଦୀର୍ଘବର୍ଷ ଧରି କାର୍ଯ୍ୟ କରିଆସିଛି । ଭିନ୍ନକ୍ଷମଙ୍କୁ ସହଯୋଗ, ସମନ୍ୱିତ ଗ୍ରାମ ବିକାଶ, ଆଦିବାସୀଙ୍କ ସ୍ୱାର୍ଥ ସୁରକ୍ଷା, ରକ୍ତଦାନ, ଉତ୍ତମ ଚିକିତ୍ସା ବ୍ୟବସ୍ଥା, ନିଶା ମୁକ୍ତି ଆଦିକୁ ପରିଷଦ ଗୁରୁତ୍ୱ ଦେଇଥାଏ । ଏଥିସହିତ ଦେଶର ଭବିଷ୍ୟତ ପିଢ଼ିଙ୍କୁ ରାଷ୍ଟ୍ରବାଦୀରେ ପରିଣତ ପାଇଁ ସ୍କୁଲଗୁଡିକରେ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ପରିଷଦରେ ସମୃଦ୍ଧ ଓ ପ୍ରତିଷ୍ଠିତ ସଦସ୍ୟଙ୍କୁ ଗ୍ରହଣ କରା ଯାଉଥିବାରୁ ନିରନ୍ତର ଦେଶର ଆଭ୍ୟନ୍ତରରେ ଥିବା ଜନସାଧାରଣ ଉପକୃତ ହୋଇଥାନ୍ତି । କେନ୍ଦ୍ରାପଡ଼ା ଜିଲାରେ ପରିଷଦର ଏକ ଶାଖା ଖୋଲାଯାଉଥିବାରୁ ଏହାର ସୁପ୍ରଭାବ ଜିଲାବାସୀଙ୍କ ଉପରେ ପଡିବ ବୋଲି ସେମାନେ କହିଥିଲେ । ବୈଠକରେ ଭୁବନମୋହନ ଜେନା, ମାତୃଦତ୍ତ ମହାନ୍ତି, ସଞ୍ଜୟ କୁମାର ପତ୍ରୀ, ଅପର୍ଣ୍ଣା ମହାନ୍ତି, ନବଜ୍ୟୋତି ରାୟ, ଅତୁଳ ବଳ, ଚିତ୍ତରଞ୍ଜନ ଦାସ, ସର୍ବେଶ୍ୱର ସେଣ, ସରୋଜ ସାହୁ ପ୍ରମୁଖ ଯୋଗ ଦେଇ ଏ ସମ୍ପର୍କରେ ମତ ରଖିଥିଲେ । ସାହିତ୍ୟିକ ସରୋଜ କୁମାର ମହାନ୍ତି, ପ୍ରସନ୍ନ କୁମାର ପରିଡ଼ା ପ୍ରମୁଖ ଏହି ବୈଠକକୁ ପରିଚାଳନା କରିଥିଲେ ।

# ବିଦ୍ୟୁତ୍ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ

ରାଜକନିକା,୨୭।୭
(ରବୀନ୍ଦ୍ର କୁମାର ଦାସ )



ରାଜକନିକା ବ୍ଲକ ଅନ୍ତର୍ଗତ ପେଗରପଡ଼ା ପଞ୍ଚାୟତ ପେଗରପଡ଼ା ଗାଁ ଦାସସାହିର ବନମାଳୀ ମଲିକଙ୍କ ଘର ବିଦ୍ୟୁତ୍ ଶଟସର୍କିଟରୁ ଜଳିଯାଇଛି। ରାଜକନିକା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଏହି ଅଗ୍ନିକାଣ୍ଡରେ ବନମାଳୀଙ୍କ ଗୋଟିଏ ବଖରା ଘର ସମ୍ପୂର୍ଣ୍ଣ ଜଳି ଯାଇଛି । ଘରର ସମସ୍ତ ଜିନିଷପତ୍ର ପୋଡି ପାଉଁଶ ହୋଇଯାଇଥିବା ଅଗ୍ନିଶମ ବାହିନୀ ସୂଚନା ଦେଇଛି। ଏବେ ବନମାଳୀଙ୍କ ପରିବାର ଲୋକମାନେ ଖୋଲା ଆକାଶ ତଳେ ରହିଛନ୍ତି । ଏହି ପରିବାରକୁ ସରକାରୀ ସହାୟତା ପାଇଁ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଧର୍ମପରାୟଣ ମହିଳାଙ୍କ ପରଲୋକ

ମାର୍ଶାଘାଇ,୨୭।୭(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)



କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ୍ ଗୋପେଇ (ପଣସୁଆପଡା) ଗ୍ରାମର ଧର୍ମପରାୟଣ ମହିଳା କଡି ସ୍ୱାଇଁଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି । ତାଙ୍କୁ ୯୪ବର୍ଷ ହୋଇଥିଲା । ସେ କିଛି ଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ । ଅପରାହ୍ନରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବଡ଼ ପୁଅ ହରପ୍ରସାଦ ସ୍ୱାଇଁ ମୁଖାଗ୍ନି ଦେଇଥିଲେ । ପୁତ୍ର ଅଶୋକ,ପ୍ରତାପ,ମନୋଜ,ପ୍ରଶାନ୍ତ ଓ ଝିଅ କାଞ୍ଚନବାଳାଙ୍କ ସମେତ ପୁତ୍ରବଧୂ, ବନ୍ଧୁ ପରିବାର ବର୍ଗ ଉପସ୍ଥିତ ଥିଲେ । ସ୍ୱାଇଁଙ୍କ ପରଲୋକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଏମ୍‌ପି ବୈଜୟନ୍ତ ପଣ୍ଡା, ବିଧାୟକ ଗଣେଶ୍ୱର ବେହେରା, ବିଜୟ ମହାପାତ୍ର, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ. ପୂର୍ବତନ ବିଧାୟିକା ସାବିତ୍ରୀ ଅଗ୍ରୱାଲ, ଚିନ୍ମୟ ବେଉରା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

# ବଡ଼କୁଳ ଲୁଣାନଦୀ ବନ୍ଧ ହେବ ତାଳବଣ

## ଚାରା ରୋପଣ ପାଇଁ ଅଣ୍ଟାଭିଡ଼ିଲେ ସୀତାରାମ ଚାରିଟେବଲ୍ ଟ୍ରଷ୍ଟ ସଦସ୍ୟ

ମହାକାଳପଡ଼ା,୨୭।୭(ପ୍ରତାପ ଚନ୍ଦ୍ର ସ୍ୱାଇଁ)



ଲୁଣାନଦୀ ଘେରିବନ୍ଧରେ ତାଳ ଚାରା ରୋପଣ କରାଯାଉଛି ।

ବିଶ୍ୱରେ ତାପମାତ୍ରା ବୃଦ୍ଧି ପାଇବ ଯୋଗୁ ଜଳବାୟୁରେ ପରିବର୍ତ୍ତନ ଘଟିଛି । ଏହାର ପ୍ରଭାବରେ ପରିବେଶ ଧୀରେ ଧୀରେ ଅସନ୍ତୁଳିତ ହୋଇଛି । ଆଗାମୀ ପିଢ଼ି ପାଇଁ ନୂଆ ପରିବେଶ ସୃଷ୍ଟି କରିବା ଲାଗି ଆଗେଇ ଆସିଛନ୍ତି ଗାଁର ଯୁବକ ଓ କେତେଜଣ ସ୍ୱେଚ୍ଛାସେବୀ। କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ବଡ଼କୁଳ ଗ୍ରାମର ଲୁଣାନଦୀ ବନ୍ଧରେ ରୋପଣ କରାଯାଇଛି ୧ ହଜାରରୁ ଉର୍ଦ୍ଧ୍ୱ ତାଳଚାରା ଖୁଙ୍କୁଡ଼ି। ଉକ୍ତ ଗାଁର ସୀତାରାମ ଚାରିଟେବଲ୍ ଟ୍ରଷ୍ଟ ଓ ଉଚ୍ଚ ବିଦ୍ୟାଳୟ ଇକୋ କ୍ଲବ ମିଳିତ ସହଯୋଗରେ ଛାତ୍ରୀଛାତ୍ର ଓ ସ୍ୱେଚ୍ଛାସେବୀମାନେ ତାଳ ଚାରା ରୋପଣ କରିଛନ୍ତି। ସେମାନେ ଗାଁରେ ନୂଆ ପରିବେଶ ସୃଷ୍ଟି କରିବା ପାଇଁ ଶପଥ ନେଇଛନ୍ତି । ଗାଁର ଚାରିପାଖ ପ୍ରବାହିତ ହୋଇ ଥିବା ଲୁଣାନଦୀ ଘେରିବନ୍ଧରେ ସେମାନେ ତାଳ ଚାରା ସହିତ ନିମ, କରଞ୍ଜ, ଆକାଶିଆ, ପାହାଡ଼ିଆ ଶାଳ, ଫଳ ଫୁଲ ଚାରା ସହିତ ବିଭିନ୍ନ ଔଷଧୀୟ ଚାରା ରୋପଣ କରିଛନ୍ତି। ଏଥିପାଇଁ ଗ୍ରାମର ପରିବେଶବିତ୍, ବୁଦ୍ଧିଜୀବୀ, ଶିକ୍ଷାବିତ୍, କୃଷକ, ଚାଷୀ, କଳାକାରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି ବରିଷ୍ଠ କଳାକାର ଅକ୍ଷୟ କୁମାର ବେହେରା କହିଛନ୍ତି । ଏହି ମହତ୍ କାର୍ଯ୍ୟରେ ସାମିଲ ହୋଇଛନ୍ତି ରାମମନ୍ଦିର ମହନ୍ତ ବିଭୂତି ବାବା, ମାନସ ରଞ୍ଜନ ଲେଙ୍କା, ଲକ୍ଷ୍ମୀକାନ୍ତ ନାୟକ, ରାକେଶ ବେହେରା, ବିଜୟ କୁମାର ରାଉତ, ଆକାଶ ବାରିକଙ୍କ ସମେତ ଗ୍ରାମର ଯୁବକମାନେ । ଏପରି ପଦକ୍ଷେପକୁ ସାମାଜିକ କର୍ମୀ ପ୍ରମୋଦ କୁମାର ସ୍ୱାଇଁ ପ୍ରଶଂସା କରିଛନ୍ତି। ଆଗାମୀ ଦିନରେ ଏହି ଗ୍ରାମକୁ ସବୁଜିମାମୟ କରାଯିବ ବୋଲି ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମ ବିଦ୍ୟାଳୟର ଇକୋ କ୍ଲବ ପକ୍ଷରୁ ଛାତ୍ରୀଛାତ୍ରମାନେ ବି ସାମିଲ ହୋଇଥିଲେ। ଅତିଥି ଭାବେ ସରପଞ୍ଚ ପ୍ରଜ୍ଞାପାରମିତା କର ଚାରା ରୋପଣ କାର୍ଯ୍ୟକ୍ରମକୁ ଶନିବାର ସକାଳେ ଶୁଭାରମ୍ଭ କରିଥିଲେ। ପରିବେଶବିତ୍ ଅନାଦି ପ୍ରସାଦ ରାଉତ, ପ୍ରଧାନଶିକ୍ଷକ ଚକ୍ରଧର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଧ୍ୟାନ ଦେଉନି ପ୍ରଶାସନ

- ମହାନଦୀରେ ବାରମ୍ବାର ଘଟୁଛି ଅଘଟଣ
- ସରକାରୀ ଲଞ୍ଚ ବ୍ୟବସ୍ଥା ପାଇଁ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଦାବି

ଖଣ୍ଡପଡ଼ା,୨୭।୭ (ଅଜୟ କୁମାର ମହାରଣା)



ମହାନଦୀ କୂଳରେ ପାଣି ଉଠାଇବା ପାଇଁ କାଉଡିଆଙ୍କ ଭିଡ଼।

ବିଭିନ୍ନ ସମୟରେ ଘଟୁଥିବା ଅଘଟଣ, ବନ୍ୟା, ବାତ୍ୟା ଓ ଆପଦକାଳୀନ ପରିସ୍ଥିତର ମୁକାବିଲା ସହ ବନ୍ୟା, ବାତ୍ୟା ପ୍ରପୀଡ଼ିତ ବ୍ୟକ୍ତିଙ୍କୁ ଆଶ୍ରୟ ଦେବା ଲକ୍ଷ୍ୟରେ ନୀଳମାଧବ ମନ୍ଦିର ପଶ୍ଚିମ ପାର୍ଶ୍ୱ ମହାନଦୀ ତଟ ଦେଶରେ ଏକ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଛି। ଏହାଛଡା ନଦୀସ୍ରୋତରେ ଭାସି ଯାଉଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରିବା ଲକ୍ଷ୍ୟରେ ଗଙ୍ଗା ମନ୍ଦିର ନିକଟ ମହାନଦୀ ଘାଟରେ ଏକ ସରକାରୀ ଲଞ୍ଚ ରଖାଯାଇଥିଲା । ଏହି ଲଞ୍ଚ ପରିଚାଳନା ପାଇଁ ଜଣେ ସରକାରୀ ଚାଳକଙ୍କୁ ନିଯୁକ୍ତି କରାଯାଇଥିଲା । ତେବେ ପରବର୍ତ୍ତୀ ସମୟରେ ଉକ୍ତ ଲଞ୍ଚକୁ ୧୯୧୨ରେ ନିକଟସ୍ଥ ବାଣପୁରକୁ ସ୍ଥାନାନ୍ତର କରାଯାଇଥିଲା । ଅପର ପକ୍ଷେ ପ୍ରବାହିତ ମହାନଦୀ ତଟରେ ନୟାଗଡ଼ ଜିଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ କଣ୍ଟିଲୋସ୍ଥିତ ପ୍ରଭୁ ଶ୍ରୀନୀଳମାଧବ, ସିଧମୂଳାସ୍ଥିତ ଗୋକୁଳାନନ୍ଦ ଜୀଉ ଏବଂ ଭାପୁର ବ୍ଲକ୍ ଅଧୀନ ପଦ୍ମାବତୀ ନିକଟ ହନୁମନ୍ତ ପ୍ରସାଦସ୍ଥିତ ପ୍ରଭୁ ଶ୍ରୀରାମାଶ୍ରମ ଅବସ୍ଥିତ । ଏ ସମସ୍ତ ପର୍ଯ୍ୟଟନସ୍ଥଳୀ ମହାନଦୀ କୂଳପାହାଡ଼ ଉପରେ ବିରାଜିତ। ବିଶେଷ କରି କଂସା ପିତ୍ତଳ ବାସନ ଶିଳ୍ପ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରସିଦ୍ଧି ଲାଭ କରିଥିବା କଣ୍ଟିଲୋକୁ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ବର୍ଷ ତମାମ ପର୍ଯ୍ୟଟକମାନଙ୍କ ଭିଡ଼ ଜମିଥାଏ । ବିଶେଷ କରି ବର୍ଷର ପ୍ରାୟ ସବୁ ସମୟରେ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରତ୍ୟେହ ଶତାଧିକ ପର୍ଯ୍ୟଟକ ନୀଳମାଧବ ଜୀଉ ଓ ଗୋକୁଳାନନ୍ଦ ପୀଠକୁ ଆସିଥାଆନ୍ତି । ଅଧିକାଂଶ ସମୟରେ ନିକଟସ୍ଥ ମହାନଦୀରେ ସ୍ନାନ ଶୌଚାଦି କରୁଥିବା ବେଳେ କିମ୍ବା ନୌକା ବିହାର କରୁଥିବା ସମୟରେ ପର୍ଯ୍ୟଟକମାନଙ୍କ ଅସାବଧାନତା ଯୋଗୁ ନଦୀର ପ୍ରଖର ସ୍ରୋତରେ ଭାସିଯାଇ ଅକାଳରେ କେତେଜଣଙ୍କ ପ୍ରାଣ ହରାଇ ଥାଆନ୍ତି। ମାତ୍ର ଏଠାକୁ ଆସୁଥିବା ପର୍ଯ୍ୟଟକମାନଙ୍କ ସୁବିଧା ତଥା ସୁରକ୍ଷା ଦିଗରେ ପର୍ଯ୍ୟଟନ ବିଭାଗ ଧ୍ୟାନ ଦେଉ ନ ଥିବାରୁ ସାଧାରଣରେ ତଥା ପର୍ଯ୍ୟଟକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ପ୍ରାୟ ପ୍ରତିବର୍ଷ ମହାନଦୀ ମଧ୍ୟରେ କିଛି ନା କିଛି ଅଘଟଣ ଘଟିଥାଏ । ବାରମ୍ବାର ଏପରି ଅଘଟଣ ଘଟୁଥିବା ବେଳେ ଏଦିଗରେ ପ୍ରଶାସନ ଚେତୁ ନ ଥିବା ଅଭିଯୋଗ ହୋଇଛି ।

ସୂଚନା ଅନୁଯାୟୀ, ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗ୍ରାମ ନିକଟ ମହାନଦୀ କୂଳରେ ଗୋକୁଳାନନ୍ଦ ଜୀଉ ପୀଠ ଅବସ୍ଥିତ । ଉକ୍ତ ପୀଠଟି ନୟାଗଡ଼ ଓ କଟକ ଜିଲା ସୀମାନ୍ତ ସିଧାମୂଳା ଗ୍ରାମ ପଞ୍ଚାୟତର ମହାନଦୀ ତଟବର୍ତ୍ତୀ ମଧୁକର୍ଣ୍ଣିକା ପାହାଡ଼ ଉପରେ ଅବସ୍ଥିତ । ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଏହି ପୀଠ ପ୍ରତି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ତଥା ସେମାନଙ୍କ ରହଣି ପାଇଁ ବନ ବିଭାଗ ପକ୍ଷରୁ ପ୍ରାୟ ୫୩ ଲକ୍ଷ ଟଙ୍କା ବ୍ୟୟରେ ପାହାଡ଼ ଉପରେ ଏକ ବିପୁଳା ମହାନଦୀ ପରିବେଶ ପର୍ଯ୍ୟଟନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ମହୁକୋଣ ପାହାଡ଼ ଉପର ପାର୍ଶ୍ୱ ଏହି ବିସ୍ତୃତ ସ୍ଥାନରେ ପର୍ଯ୍ୟଟକମାନଙ୍କ ରହଣି ତଥା ରାତ୍ରୀଯାପନ ପାଇଁ ୨ଟି କଟେଜ ଓ ଅନ୍ୟାନ୍ୟ ଗୃହ ନିର୍ମିତ ହୋଇଛି । ଏପରି ପରିବେଶ ଦୃଷ୍ଟିରୁ ଏଠାରେ ରାତ୍ରୀ ରହଣି, ସିନେମା ସୁଟିଂ, ଠାକୁର ଦର୍ଶନ, ବିବାହ ଓ ବଣ ଭୋଜି କରିବା ପାଇଁ ପ୍ରତ୍ୟେହ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ଯାନ ବାହନରେ ବହୁ ପର୍ଯ୍ୟଟକ ଆସିଥାଆନ୍ତି। ଏହାଛଡା କଣ୍ଟିଲୋ କଂସା ପିତ୍ତଳ ବାସନ ଶିଳ୍ପପାଇଁ ପ୍ରସିଦ୍ଧି ଲାଭ କରିଥିବା ବେଳେ ବ୍ୟବସାୟ ଦୃଷ୍ଟିରୁ ହେଉ ଅବା ଶ୍ରୀ ନୀଳମାଧବ ଜୀଉଙ୍କ ଦର୍ଶନ ପାଇଁ ପ୍ରତ୍ୟେହ ଏଠାରେ ପର୍ଯ୍ୟଟକମାନଙ୍କ ସମାଗମ ହୋଇଥାଏ । ସେହିପରି ହନୁମନ୍ତ ପ୍ରସାଦ ରାମାଶ୍ରମକୁ ମଧ୍ୟ ପର୍ଯ୍ୟଟକମାନେ ଆସିଥାଆନ୍ତି । ଏସବୁ ପୀଠଗୁଡିକ ମହାନଦୀ ତଟଦେଶରେ ଅବସ୍ଥିତ ଥିବାରୁ ପର୍ଯ୍ୟଟକ ତଥା ଛାତ୍ରୀଛାତ୍ରମାନେ ମହାନଦୀରେ ସ୍ନାନ କରିଥାଆନ୍ତି। ସେଥିପାଇଁ ଅଧିକାଂଶ ସମୟରେ ଅଘଟଣ ଘଟୁଥିବା ନଜିର ରହିଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ସେଭଳି କୌଣସି ସୂଚନା ଫଳକ ଲାଗି ନାହିଁ। ଏଣୁ ମହାନଦୀର ବିଭିନ୍ନ ଘାଟରେ ପ୍ରଶାସନ ପକ୍ଷରୁ ସତର୍କ ସୂଚନା ଫଳକ ଲାଗିଲେ ପର୍ଯ୍ୟଟକମାନେ ସଚେତନ ହେବେ । ଏହାଛଡା କଣ୍ଟିଲୋ ମହାନଦୀ ଘାଟରେ ଏକ ସରକାରୀ ଲଞ୍ଚର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି ।

ସରକାରୀ ଲଞ୍ଚ ସମ୍ପର୍କରେ କଣ୍ଟିଲୋ ସରପଞ୍ଚ ଶ୍ରୀୟାରାଣୀ ବେହେରା ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି। ଜିଲା ଜରୁରୀକାଳୀନ ଅଧିକାରୀ ଅଶୋକ କୁମାର ରଥଙ୍କ ସହ ଯୋଗାଯୋଗ କରିବାରେ ଗ୍ରାମବାସୀଙ୍କ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏକ ଲଞ୍ଚ ବ୍ୟବସ୍ଥା ପାଇଁ ଜିଲାପାଳଙ୍କୁ ବିଡିଓଙ୍କ ଜରିଆରେ ପ୍ରଦାନ କରାଗଲେ ଏଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଆଇଟିଡିଏ ପାରଳାଖେମୁଣ୍ଡିର ଚାରା ରୋପଣ



ଅତିଥିଙ୍କ ଦ୍ୱାରା ଚାରା ରୋପଣ।

ରାମଗିରି,୨୭।୭(ବୃନ୍ଦାବନ ଗୌଡ଼)

ଆର.ଉଦୟଗିରି ବ୍ଲକ ରାମଗିରି ଗ୍ରାମପଞ୍ଚାୟତ ସ୍ଥିତ ମହାଦେବ ମନ୍ଦିର ପରିସରରେ ଚାରା ରୋପଣ କରାଯାଇଛି। ‘ମା’ ପାଇଁ ଗଛଟିଏ’ ମା’ର ସୁରକ୍ଷା ପାଇଁ ଗଜପତି ଜିଲା ପାରଳାଖେମୁଣ୍ଡି ସ୍ଥିତ ଆଇଟିଡିଏ ତରଫରୁ ଉଦ୍ୟାନ ବିଭାଗ (ଗଜପତି) ଦ୍ୱାରା ରାମଗିରି ଗ୍ରାମର ଶ୍ରୀ ରାମେଶ୍ୱର ବୋଲବମ ଭକ୍ତ ଜିତେନ୍ଦ୍ର ପ୍ରଧାନଙ୍କ ସହଯୋଗରେ ସମସ୍ତ ବୋଲବମ ଭକ୍ତମାନଙ୍କୁ ନେଇ ମନ୍ଦିର ପରିସରରେ ଆମ୍ବ, କମଳା ଏବଂ ଲେମ୍ବୁ ଗଛର ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଡିପିସି (ଗଜପତି) ଜି. ରାଜେଶ, ଏଏଚଓ (ରାୟଗଡ ବ୍ଲକ) ପ୍ରଭାତ ପାତ୍ର, ଜିଲାପରିଷଦ ସଭ୍ୟ ଦଣ୍ଡପାଣି ବଡମୁଣ୍ଡି, ଆର.ଉଦୟଗିରି ବ୍ଲକ ପଞ୍ଚାୟତ ସମିତି ଅଧକ୍ଷ ଲକ୍ଷ୍ମୀନାରାୟଣ ଶବର ଓ ସୁଦର୍ଶନ ରଇତ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାମୀଙ୍କ ପରେ ସମୁଦୀଙ୍କ ପରଲୋକ

ସ୍ତ୍ରୀଙ୍କ ଅସ୍ଥି ବିସର୍ଜନ କରି ଫେରୁଥିବାବେଳେ ଦୁର୍ଘଟଣା

ନୟାଗଡ଼/ଦଶପଲ୍ଲା,୨୭।୭ (ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି)

ସ୍ତ୍ରୀଙ୍କ ଅସ୍ଥି ବିସର୍ଜନ କରି ଫେରୁଥିବାବେଳେ ନୟାଗଡ଼ ଜିଲା ବାଣୀଗୋଛା ଥାନା ତାକୁଡା ଓ କୁଲୁରୁକୁମ୍ପା ମଧ୍ୟସ୍ଥଳରେ କାର ଏକ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏଥିରେ ମୃତକଙ୍କ ସ୍ୱାମୀଙ୍କର ଶୁକ୍ରବାର ପରଲୋକ ଘଟିଥିବା ବେଳେ ଶନିବାର ମୃତକଙ୍କ ସମୁଦୀଙ୍କ ପରଲୋକ ଘଟିଛି ।

ସୂଚନା ଅନୁଯାୟୀ, କନ୍ଧମାଳ ଜିଲା ସାରଙ୍ଗଗଡ଼ ଗାଁର ଗୌରହରି ତ୍ରିପାଠୀଙ୍କ ସ୍ତ୍ରୀଙ୍କ ଗତବର୍ଷ ପରଲୋକ ଘଟିଥିଲା। ଆସନ୍ତା ଅଗଷ୍ଟ ୯ରେ ତାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳନ ହେବାରଥିଲା। ସେଥିପାଇଁ ଗୌରହରି ତାଙ୍କ ସମୁଦୀ ବାଲିଗୁଡା ଗାଁର ସୁଧାଂଶୁ ଶେଖର ରଥ(୬୫) ଓ ସମୁଦୁଣୀ, ପୁଅ ସରୋଜ ତ୍ରିପାଠୀ, ବୋହୂ, ନାତୁଣୀ, ଜ୍ୱାଇଁଙ୍କୁ ନେଇ ଗଙ୍ଗାରେ ଅସ୍ଥି ବିସର୍ଜନ କରିଥିଲେ। ଏହାପରେ ସମସ୍ତେ ପୁରୀରେ ଜଗନ୍ନାଥଙ୍କୁ ଦର୍ଶନ କରି ଏକ କାର(ନଂ.ଓଡି୦୨ ସିବି ୨୨୮୨)ରେ ଘରକୁ ଫେରୁଥିଲେ । ଶୁକ୍ରବାର ଅପରାହ୍ନ ପ୍ରାୟ ୪ଟା ସମୟରେ ବାଣିଗୋଛା ଥାନା ଅଧୀନ ତାକୁଡା ଓ କୁଲୁରୁକୁମ୍ପା ମଧ୍ୟସ୍ଥଳ ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ.ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ଆମ୍ବଗଛରେ କାରଟି ଭାରସାମ୍ୟ ହରାଇ ପିଟି ହୋଇଯାଇଥିଲା। ଘଟଣାସ୍ଥଳରେ ଗୌରହରିଙ୍କ ମୃତ୍ୟୁ ଘଟିଥିଲା । କାରରେ ଥିବା ଅନ୍ୟ ୬ଜଣ ଆହତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ୪ଜଣଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଶନିବାର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସୁଧାଂଶୁଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ପରେ ଉଭୟ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ମୁଖ୍ୟମନ୍ତ୍ରୀ ବସ୍ ସେବାରୁ ବଞ୍ଚିତ ୨ ପଞ୍ଚାୟତବାସୀ

ତୁମୁଡ଼ିବନ୍ଧ,୨୭।୭ (ଦୀପକ ପରସେଠ)

ସରକାର ଗ୍ରାମାଞ୍ଚଳର ଲୋକଙ୍କ ଗମନାଗମନ ସୁବିଧା ପାଇଁ ମୁଖ୍ୟମନ୍ତ୍ରୀ ବସ୍ ସେବା କରିଛନ୍ତି। ହେଲେ ଏହି ବସ୍ ସେବା ଯୋଜନାରୁ ଦୁଇ ପଞ୍ଚାୟତବାସୀ ବଞ୍ଚିତ ହୋଇଛନ୍ତି। ବାଧକ ସାଜିଛି ରାସ୍ତା ଜନଜୀବନ ପ୍ରଭାବିତ। ଏହା କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ଭଣ୍ଡରଙ୍ଗି ଓ ଝିରିପାଣି ପଞ୍ଚାତରେ ଦେଖିବାକୁ ମିଳିଛି। ଅଞ୍ଚଳବାସୀଙ୍କ କହିବାନୁସାରେ ଲଙ୍କାଗଡ଼ ହତିମୁଣ୍ଡାଠାରୁ ଝିରିପାଣିକୁ ସଂଯୋଗ କରୁଥିବା ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୨୦୧୩-୧୪ ଆର୍ଥିକ ବର୍ଷରେ ନିର୍ମାଣ କାର୍ଯ୍ୟ କରାଯିବା ପାଇଁ ଅର୍ଥ ମଞ୍ଜୁର ହୋଇ ଏକ ଠିକା ସଂସ୍ଥା ନେଇଛି। ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରି ଅବଶିଷ୍ଟ ଦୀର୍ଘ ବର୍ଷ ହେବ ପଡ଼ିରହିଛି। ଏହି ରାସ୍ତା କାର୍ଯ୍ୟ କରିବା ପାଇଁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ହୋଇ ପାରୁନାହିଁ। ତୁମୁଡିବନ୍ଧ ବ୍ଲକ ସଦର ମହକୁମାକୁ ଯିବା ପାଇଁ ଏକମାତ୍ର ରାସ୍ତା। ହେଲେ ରାସ୍ତାର ବିଭିନ୍ନ ସ୍ଥାନରେ ମାଟି ପଡ଼ି କାଦୁଅ ହୋଇଯାଏ। ଯାହାଫଳରେ ଦୁଇ ଚକିଆ ଯାନଠାରୁ ଆରମ୍ଭ କରି ବସ୍ ମଧ୍ୟ ଯାଇ ପାରେନାହିଁ। ସେହିପରି ମୁଖ୍ୟମନ୍ତ୍ରୀ ବସ୍ ଓ ଫୁଲବାଣୀରୁ ଝିରିପାଣିକୁ ଯାଉଥିବା ସରକାରୀ ବସ୍ ମଧ୍ୟ ଯାଇପାରୁ ନାହିଁ। ସେହି ଭଣ୍ଡରଙ୍ଗି ଗାଁଠାରୁ ଫେରିଆସେ। ବିକଳ୍ପ ରାସ୍ତା ମଧ୍ୟ ନାହିଁ ବ୍ଲକ ସଦର ମହକୁମାକୁ ଆସିବା ପାଇଁ। ତୁମୁଡିବନ୍ଧଠାରୁ ଭଣ୍ଡରଙ୍ଗି ଯାଏ ବସ୍ ଯିବା ଆସିବା କରୁଛି ହେଲେ ଝିରିପାଣି ଯାଇ ପାରୁନାହିଁ। ଭଣ୍ଡରଙ୍ଗି ଓ ଝିରିପାଣି ପଞ୍ଚାୟତର ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ସ୍ୱାସ୍ଥ୍ୟ ଖରାପ ହେଲେ ୧୦୮ ଆମ୍ବୁଲାନ୍ସ ସେବାରୁ ମଧ୍ୟ ବଞ୍ଚିତ। ଏ ବାବଦରେ ଭଣ୍ଡରଙ୍ଗି ସରପଞ୍ଚ ଅନନ୍ତ ପାତ୍ର ତୁରନ୍ତ ପଦକ୍ଷେପ ନିଆଯାଇ ରାସ୍ତା କାର୍ଯ୍ୟ କରାଯାଉ ଓ ବର୍ଷାଦିନରେ ଲୋକଙ୍କ ଯିବା ଆସିବା ପାଇଁ ବ୍ୟବସ୍ଥା କରାଯାଉ ନଚେତ ଆନ୍ଦୋଳନ କରିବୁ ବୋଲି ଚେତାବନୀ ଦେଇଛନ୍ତି। ତେବେ ଉକ୍ତ ଠିକା ସଂସ୍ଥାର ଡିଜିଏମ୍ ସତ୍ୟେନ୍ଦ୍ରଙ୍କୁ ପଚାରିବାରୁ କଣ୍ଟ୍ରାକ୍ଟର ସହ କଥା ହେବି ବୋଲ କହିଛନ୍ତି।



# ବିଦ୍ୟାଳୟରେ ‘ମା’ ପାଇଁ ଗଛଟିଏ’ କାର୍ଯ୍ୟକ୍ରମ



ସ୍କୁଲ ପରିସରରେ ଚାରା ରୋପଣ କରାଯାଉଛି।

ରଣପୁର,୨୭।୭(ସୁକାନ୍ତ କିଶୋର ଡାକୁଆ)

ଶିକ୍ଷା ସପ୍ତାହର ଷଷ୍ଠ ଦିବସରେ ମିଶନ ଲାଇଫ୍ ପାଇଁ ଇକୋ କ୍ଲବ ପକ୍ଷରୁ ‘ମା’ ପାଇଁ ଗଛଟିଏ’ କାର୍ଯ୍ୟକ୍ରମ ଶନିବାର ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବଜ୍ରକୋଟ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସୁଶୀଲ କୁମାର ରଣାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ଭାବେ ଗୌରାଙ୍ଗପୁର କ୍ଲଷ୍ଟର ସାଧନ କେନ୍ଦ୍ର କର୍ମୀ ସୁଧାକର ମିଶ୍ର, ମୁଖ୍ୟବକ୍ତା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅବକାଶ ସ୍ୱାଇଁ, ସମ୍ମାନିତ ଅତିଥି ସ୍କୁଲ ପରିଚାଳନା କମିଟି ଉପସଭାପତି ପୁଷ୍ପଲତା ପ୍ରଧାନ, ଅଙ୍ଗନୱାଡି କର୍ମୀ ପୁଷ୍ପମଞ୍ଜରୀ ଦେଇ, ସୀତା ପ୍ରଧାନ, ଚାରୁଲତା ରାଉତରାୟ, ଶାନ୍ତିଲତା ସାହୁ, ସଂଯୁକ୍ତା ସାଦୁଲା ସିଂହ, ବିଳାସିନୀ ପ୍ରଧାନ, ସୁମିତ୍ରା ଜେନା, ଶକୁନ୍ତଳା ଇନ୍ଦ୍ରଜିତ, ସଞ୍ଜିତା ମାଝି, ରୀନା ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଆୟୋଜିତ ସଭାରେ ଇକୋ କ୍ଲବର ଗଠନ, କାର୍ଯ୍ୟ ଓ ଏହାର ଭୂମିକା ଉପରେ ଆଲୋଚନା କରାଯାଇ ପରିବେଶ ସଚେତନତା ସୃଷ୍ଟି କରାଯାଇଥିଲା । ମା’ ପାଇଁ ଗଛଟିଏ ଶୀର୍ଷକ ଉପରେ କବିତା ପାଠ କରାଯାଇଥିଲା। ଶେଷରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମା’ ମାନେ ବିଦ୍ୟାଳୟରେ ବିଭିନ୍ନ ଗଛ ଲଗାଇ ଥିଲେ । ଏହି ଗଛର ରକ୍ଷଣାବେକ୍ଷଣା ଦାୟିତ୍ୱ ବିଦ୍ୟାଳୟରେ ପଢୁଥିବା ମା’ ମାନଙ୍କ ପୁଅଝିଅଙ୍କୁ ଦିଆଯାଇଥିଲା। ସହକାରୀ ଶିକ୍ଷକ ଦିଲୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପରିଚାଳନା କମିଟି ସଦସ୍ୟାସଦସ୍ୟଙ୍କ ସମେତ ମୋ ସ୍କୁଲ ସଭାପତି ଗଣେଶ୍ୱର ପ୍ରଧାନ ସହଯୋଗ କରିଥିଲେ।

## ଜେଲ ଗଲେ ଯୁବକ

ନୟାଗଡ଼,୨୭।୭ (ଲୋକନାଥ ମିଶ୍ର)

ନୟାଗଡ଼ ଟାଉନ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ଚଣ୍ଡିବସ୍ତ ଗାଁର ବାବୁଲା ମଙ୍ଗଳ(୪୦)ଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ନୟାଗଡ଼ କ୍ରେଡିଟ୍ ଆକ୍ସନ ଗ୍ରାମୀଣ ବ୍ୟାଙ୍କର ମ୍ୟାନେଜର ତନ୍ମୟ ସାମନ୍ତରାୟ ଗତ ଶୁକ୍ରବାର ଚଣ୍ଡିବସ୍ତ ଆସି ଋଣ ସୁଧ ଓ ମୁଳ ଟଙ୍କା ଆଦାୟ ପାଇଁ ଅଡି ବସିଥିଲେ। ଏହି ସମୟରେ ବାବୁଲା ମଙ୍ଗଳ ପହଞ୍ଚି ସ୍ତ୍ରୀଙ୍କ ସହ ମିଶି ତାଙ୍କୁ ମାରପିଟ୍ କରିଥିଲେ। ଅଭିଯୋଗ ପରେ ସଦର ଥାନା ପୋଲିସ ଏକ ମାମଲା(ନଂ.୨୭୫/୨୪) ରୁଜୁ କରି ଘଟଣାର ତଦନ୍ତ କରୁଛି।

## ସରକାରୀ କାର୍ଯ୍ୟାଳୟରୁ ଜ୍ଞାନ ଆହରଣ କଲେ ପିଲା

ଧରାକୋଟ,୨୭।୭ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ନିକଟସ୍ଥ ମୁଣ୍ଡମରାଇ ସରସ୍ୱତୀ ଶିଶୁ ମନ୍ଦିରର ତୃତୀୟ ଶ୍ରେଣୀରେ ପାଠ ପଢୁଥିବା ୩୦ ଜଣ କୁନି କୁନି ଛାତ୍ରୀଛାତ୍ର ଧରାକୋଟରେ ଥିବା ସରକାରୀ କାର୍ଯ୍ୟାଳୟ, ପୋଲିସ ଥାନା, ଦମକଳ କେନ୍ଦ୍ର, ବ୍ୟାଙ୍କ ଓ ଉପ ଡାକଘରକୁ ପରିଦର୍ଶନ କରି ସଂପୃକ୍ତ କାର୍ଯ୍ୟାଳୟଗୁଡ଼ିକର ନିତିଦିନିଆ କାର୍ଯ୍ୟ ପଦ୍ଧତି ସମ୍ପର୍କରେ ଜ୍ଞାନ ଆହରଣ କରିଛନ୍ତି। ତୃତୀୟ ଶ୍ରେଣୀର ପରିବେଶ ବିଜ୍ଞାନ ଅନ୍ତର୍ଗତ ସାମାଜିକ ପାଠ୍ୟ ପୁସ୍ତକରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମ୍ପର୍କରେ ଉଲ୍ଲେଖ ରହିଛି। ଏଣୁ ସେହି କାର୍ଯ୍ୟାଳୟର ନିତିଦିନିଆ କାର୍ଯ୍ୟଶୈଳୀ ସମ୍ପର୍କରେ କୁନି କୁନି ପିଲାମାନେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରି ବାସ୍ତବ କ୍ଷେତ୍ରରେ ଏହାର ଉପଯୋଗ କିପରି ହେବ ତାହା ବୁଝିଥିଲେ। ଦମକଳ କେନ୍ଦ୍ରରେ ଅଗ୍ନିଶମ ଅଧିକାରୀ ରୁଦ୍ରମାଧବ ମଲିକ, ଚିତ୍ତରଞ୍ଜନ ସାହୁ, ଥାନାରେ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ, ଏସ୍‌ଆଇ ଶୁଭଲକ୍ଷ୍ମୀ କହଁର, ବ୍ୟାଙ୍କରେ ଶାଖା ପରିଚାଳକ ଗୌତମ ରାଉତ, ପଞ୍ଚାନନ ପଣ୍ଡା, ଦେବାଶିଷ ଲେଙ୍କା, ରଞ୍ଜନ ସାହୁ, ବଳରାମ ମୁନି ପ୍ରମୁଖ ବ୍ୟାଙ୍କ ସେବା ବିଷୟରେ ଅବଗତ କରାଇଥିଲେ। ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ମହେଶ୍ୱର ସ୍ୱାଇଁଙ୍କ ମାର୍ଗଦର୍ଶନରେ ବରିଷ୍ଠ ଅଚାର୍ଯ୍ୟା ପ୍ରମିତ ପଢ଼ି, ଚୁମୁକି ପାତ୍ର, ସୋନାଲି ସ୍ୱାଇଁ, ଗଣେଶ ପାତ୍ର ଓ ସମ୍ପାଦକ ଚିଦାନନ୍ଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବୁଗୁଡ଼ା ଦଣ୍ଡକାଳୀ ମନ୍ଦିର ପରିଚାଳନା କମିଟି ଗଠିତ

ବୁଗୁଡ଼ା,୨୭।୭(କାଳିଚରଣ ଦାଶ)

ବୁଗୁଡ଼ା ଦଣ୍ଡକାଳୀ ମନ୍ଦିର ପରିଚାଳନା ପାଇଁ ନୂତନ କମିଟି ଗଠନ କରାଯାଇଛି। କାଳୀମନ୍ଦିର ପରିସରରେ ଏଥି ପାଇଁ ଏକ ବୈଠକ ଶରତଚନ୍ଦ୍ର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ନୂତନ ପରିଚାଳନା କମିଟି ଗଠିତ ହୋଇଥିଲା। କମିଟିର ନୂତନ ସଭାପତି ଭାବେ କେଦାର ମହାରଣା, ଉପସଭାପତି ବୁଲୁ ପାତ୍ର ଓ ସମ୍ପାଦକ ଭାବେ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କୁ ମନୋନୀତ କରାଯାଇଥିବା ବେଳେ ଉପଦେଷ୍ଟା ଭାବେ ପ୍ରଦ୍ୟୁମ୍ନ ପାତ୍ର, ଶରତ ଚନ୍ଦ୍ର ମହାରଣା, ପ୍ରଦୀପ ଦାଶ, ବନବାସୀ ମହାରଣା, ରଙ୍କନିଧି ପ୍ରଧାନ ଏବଂ ପରିଚାଳନା କମିଟିରେ ଅଶୋକ ଗୌଡ଼, ପିଣ୍ଟୁ ଦଳେଇ, ଦିଲୀପ ସ୍ୱାଇଁ, ରିଙ୍କୁ ରାଉତ, ନଣ୍ଡା ନାଇକ, ବାବୁ ନାଇକ, ଟୁଟୁ ପଣ୍ଡା, ଆଲୋକ ଦାଶ, ମହେଶ୍ୱର ଘଡ଼େଇ, ସୁଜନ ଦାଶ, ସୁନୀଲ ନାୟକ, ରାଜେଶ ବିଶ୍ୱାଳ, ଗୁରୁ ପ୍ରସାଦ ସାହୁ, ଶେଷଦେବ ପାତ୍ର, ଦିଲୀପ ପଟ୍ଟନାୟକ, ବାଉରୀ ସ୍ୱାଇଁ, ଅଭି ନାୟକ, ବାବୁଲା ପ୍ରଧାନ, ଶଙ୍କର ଦଳେଇ, ଦୁଃଖୀ ପାତ୍ର, ବାବୁଲା ପାତ୍ର, ସୁଦର୍ଶନ ନାୟକ ପ୍ରମୁଖଙ୍କୁ ମନୋନୀତ କରାଯାଇଛି।



ବୈଠକରେ ଉପସ୍ଥିତ ସଭ୍ୟ।

# ଜିଲାପାଳଙ୍କୁ ସ୍ମାରକପତ୍ର ଦେଲେ ୧୪ କାଉନସିଲର

ନୟାଗଡ଼/ଦଶପଲ୍ଲା,୨୭।୭ (ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି)

- ଦଶପଲ୍ଲା ଏନ୍‌ଏସିର ଅଚଳାବସ୍ଥା ଦୂର ପାଇଁ ନିବେଦନ
- ନିର୍ବାଚନ ପରଠାରୁ ଉନ୍ନୟନ କାମ ବନ୍ଦ

ନୟାଗଡ଼ ଜିଲାର ଦଶପଲ୍ଲା ଏନଏସିରେ ପୌରନିର୍ବାଚନ ପରଠାରୁ ପ୍ରାୟ ଦେଢ଼ ବର୍ଷ ହେଲା ଉନ୍ନୟନ କାମ ହୋଇପାରୁନାହିଁ । ବିଭିନ୍ନ କାରଣରୁ ଏନ୍‌ଏସିରେ ଅଚଳାବସ୍ଥା ଲାଗି ରହିଥିବାବେଳେ ଏହାର ସମାଧାନ ପାଇଁ ୧୬ କାଉନସିଲରଙ୍କ ମଧ୍ୟରୁ ୧୪ଜଣ ଜିଲାପାଳ, ସହରାଞ୍ଚଳ ବିକାଶ ମନ୍ତ୍ରୀ, ସହରାଞ୍ଚଳ ବିକାଶ ବିଭାଗର ଯୁଗ୍ମ ସଚିବ, ଭୁବନେଶ୍ୱର ସୁଡାର ପ୍ରକଳ୍ପ ନିର୍ଦ୍ଦେଶକ, ଜିଲା ପରିଷଦ ନିର୍ବାହୀ ଅଧିକାରୀ, କନ୍ଧମାଳ ଏମ୍‌ପି, ଦଶପଲ୍ଲା ବିଧାୟକ, ଦଶପଲ୍ଲା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସ୍ମାରକପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି ।

ଅଭିଯୋଗ ଅନୁଯାୟୀ, ୨୦୨୨ରେ ନିର୍ବାଚିତ ହୋଇ ଆସିବା ପରେ ପାରିଷଦ ବୈଠକରେ ପ୍ରସ୍ତାବିତ କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇ ପାରୁ ନାହିଁ। ଦଶପଲ୍ଲା ଏନଏସିରେ ୨୦୨୨ରୁ ସ୍ଥାୟୀ କାର୍ଯ୍ୟନିର୍ବାହୀ ଅଧିକାରୀ ନ ଥିବାରୁ ଉନ୍ନତିମୂଳକ କାର୍ଯ୍ୟ ହେବାରେ ବାଧକ ସାଜୁଛି । ସେହିପରି କେତେଜଣ କର୍ମଚାରୀ ଏନଏସି ଆରମ୍ଭରୁ ରହି ମନମୁଖୀ କାର୍ଯ୍ୟ କରୁଛନ୍ତି । ସେମାନଙ୍କୁ ଚିହ୍ନଟ କରି ବଦଳି କରାଯାଉ । ୧୬ଟି ୱାର୍ଡରେ ୨ଜଣ କନିଷ୍ଠ ଯନ୍ତ୍ରୀଙ୍କର ଆବଶ୍ୟକତା ଥିବାବେଳେ ଜଣେ ଅଛନ୍ତି । ଏଣୁ ଦୁଇ ଜଣ କନିଷ୍ଠ ଯନ୍ତ୍ରୀଙ୍କୁ ନିଯୁକ୍ତି ଦିଆଯାଉ । ୨୦୨୨-୨୩ ଓ ୨୦୨୩-୨୪ ଆର୍ଥିକ ବର୍ଷରେ ମୁକ୍ତା ଯୋଜନାରେ ଆସିଥିବା କାର୍ଯ୍ୟାଦେଶ ଗୁଡିକ କର୍ମଚାରୀଙ୍କ ଅଣଦେଖା ଓ ଅପାରଗତା ଯୋଗୁ ପଡି ରହିଛି । ଏଣୁ ମୁକ୍ତା ଯୋଜନାର କାମଗୁଡିକୁ ତୁରନ୍ତ କରାଯିବାର ବ୍ୟବସ୍ଥା କରାଯାଉ । ଏନଏସିରେ ୨୦ରୁ ୨୫ କୋଟି ଟଙ୍କା ଗଚ୍ଛିତ ଥିବା ସତ୍ତ୍ୱେ ଠିକାଦାର ବିଲ୍ ପାଇ ପାରୁ ନାହାନ୍ତି । କର୍ମଚାରୀଙ୍କ ଅବହେଳା ଯୋଗୁ ବିଲ୍ ନ ପାଇବାରୁ ଠିକାଦାରମାନେ କାମକୁ ତ୍ୱରାନ୍ୱିତ କରୁ ନାହାନ୍ତି । ଏନଏସିରେ ରାଶନ ସମାଗ୍ରୀ ନିୟମ ମୁତବାକ ବଣ୍ଟନ କରାଯାଉ ନାହିଁ । ରାଶନ ବଣ୍ଟନ ପାଇଁ ନିୟୋଜିତ ଏସ୍‌ଏଚ୍‌ଜିମାନଙ୍କୁ ପରିବର୍ତ୍ତନ କରାଯାଉ। ସ୍ୱଚ୍ଛଭାରତ ଅଭିଯାନରେ କାର୍ଯ୍ୟ କରୁଥିବା ସ୍ୱଚ୍ଛସାଥିମାନଙ୍କର କାର୍ଯ୍ୟ ଠିକ୍ ଭାବେ ହେଉ ନାହିଁ । ଏଣୁ ସ୍ୱଚ୍ଛସାଥିମାନଙ୍କୁ ପରିବର୍ତ୍ତନ କରାଯାଉ । ଆହର କେନ୍ଦ୍ରରେ ନାନା ପ୍ରକାର ଅନିୟମିତତା ଚାଲିଥିବାରୁ ନୂଆ ଏସ୍‌ଏଚ୍‌ଜି ଗ୍ରୁପକୁ ଆହାର ଦାୟିତ୍ୱ ପ୍ରଦାନ କରାଯାଉ । ୨୦୧୫ରେ ଏନଏସି ସ୍ଥାପନ ହୋଇଥିଲେ ମଧ୍ୟ ଦଶପଲ୍ଲା ସହରରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ ହୋଇ ପାରି ନାହିଁ । ସହରରେ ସ୍ୱାଗତ ଗେଟ କି ସେଲଫି ପଏଣ୍ଟ ନାହିଁ । ସେହିପରି ଶିଶୁ ଉଦ୍ୟାନ, ମୁକ୍ତ ବ୍ୟାୟାମ ଶାଳା, ଭେଣ୍ଡିଂ ଜୋନ ପ୍ରତିଷ୍ଠା, ଜଳାଶ୍ରୟଗୁଡିକର ସୌନ୍ଦର୍ଯ୍ୟକରଣ, ପରିଶ୍ରାଗାର, ବସ୍ ଷ୍ଟପ, ରାସ୍ତା ପାର୍ଶ୍ୱ ସୌନ୍ଦର୍ଯ୍ୟକରଣର ଆବଶ୍ୟତା ରହିଛି ବୋଲି ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି ।

# ୨ ସହରରେ ଟ୍ରାଫିକ ସମସ୍ୟା ଅଣାୟତ୍ତ

■ ଯାଜପୁର ରୋଡ଼ ରେଳ ଷ୍ଟେଶନ ରାସ୍ତା ସଙ୍କୁଚିତ

■ ଚେଇଁ ଶୋଇଛି ପ୍ରଶାସନ, ଜବରଦଖଲ ହଟାଇବାକୁ ପଛଘୁଞ୍ଚା

**ଯାଜପୁର,୨୭।୭(ହର୍ଷବର୍ଦ୍ଧନ ବେହେରା) :**

ଯାଜପୁର ଜିଲାର ଦୁଇ ପ୍ରମୁଖ ସହର ଯାଜପୁର ଟାଉନ ଓ ବ୍ୟାସନଗରରେ ଟ୍ରାଫିକ ସମସ୍ୟାର ସମାଧାନ କରିବାକୁ କେହି ତତ୍ପର ନ ଥିବା ମନେ ହେଉଛି। ୧୦ ବର୍ଷର ପୂର୍ବ ଅବସ୍ଥାକୁ ଫେରି ଦେଖିଲେ ତା'ଠାରୁ ଏବେ ଟ୍ରାଫିକ ସମସ୍ୟା ଦ୍ୱିଗୁଣିତ ହେବା ଭଳି ଲାଗୁଛି। ଏଥିରୁ ସହରର ବିକାଶ କେତେ ହୋଇଛି ତାହା ଜଳଜଳ ହୋଇ ଦିଶୁଛି।

ବ୍ୟାସନଗର କଳିଙ୍ଗନଗର ଶିଳ୍ପାଞ୍ଚଳର ଅତି ନିକଟବର୍ତ୍ତୀ ସହର ହୋଇଥିଲେ ହେଁ ପ୍ରଶାସନ ପକ୍ଷରୁ ଆବଶ୍ୟକ ଯୋଜନା ହୋଇ ନ ଥିବାରୁ ଏହାର ପରିଣାମ ସହରବାସୀଙ୍କ ସହ ବାହାରୁ ଆସୁଥିବା ଆଗନ୍ତୁକଙ୍କୁ ଭୋଗିବାକୁ ପଡୁଛି । ସହରବାସୀଙ୍କ ପକ୍ଷରୁ ଏହି ବିପର୍ଯ୍ୟସ୍ତ ଟ୍ରାଫିକ ସମସ୍ୟାର ସୁଧାର ଆଣିବାକୁ ବାରମ୍ବାର ଜିଲା ପୋଲିସ ପ୍ରଶାସନର ଦୃଷ୍ଟି ଆକର୍ଷଣ କରୁଥିଲେ ହେଁ କିଛି ସୁଫଳ ମିଳି ପାରୁନାହିଁ । ଫଳରେ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ବିଶେଷ କରି ଯାଜପୁର ରୋଡ଼ ଷ୍ଟେଶନ ସମ୍ମୁଖ ରାସ୍ତାଠାରୁ ଗୋପବନ୍ଧୁ ଛକ ପର୍ଯ୍ୟନ୍ତ ରାସ୍ତା ଅତି ସଙ୍କୁଚିତ ହେବାରେ ଲାଗିଛି। ଏହି ରାସ୍ତା ପାର୍ଶ୍ୱରେ ବହୁ ଛୋଟ ବଡ ବ୍ୟବସାୟିକ ପ୍ରତିଷ୍ଠାନ ରାସ୍ତା ଉପରକୁ ଧୀରେ ଧୀରେ ମାଡି ବସୁଥିବା ଲକ୍ଷ୍ୟ କରାଯାଉଛି। ଏଥିଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ବାଇକ, କାର ଆଦି ପାର୍କିଂ ହେଉଥିବାରୁ ଚଳାଚଳ ଏକପ୍ରକାର କଷ୍ଟକର ହୋଇ ପଡୁଛି। ଜଣେ ରେଳଷ୍ଟେଶନରୁ ଓହ୍ଲାଇ ନିଜ ଗନ୍ତବ୍ୟସ୍ଥଳକୁ ଯିବାବେଳେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଏଠାରେ ବଡବଡିଆଙ୍କ କୋଠାଘର, ଦୋକାନ, ହୋଟେଲ ଇତ୍ୟାଦି ରହିଥିବାରୁ ପ୍ରଶାସନ ରାସ୍ତା ସମ୍ପ୍ରସାରଣ କରିବାକୁ ସାହାସ ଜୁଟାଇ ପାରୁ ନ ଥିବା ଚର୍ଚ୍ଚା ହେଉଛି। ହେଲେ ଜବରଦଖଲ ଉଚ୍ଛେଦରେ ରାସ୍ତା ଓ ନାଳ ପାର୍ଶ୍ୱରେ ଥିବା ଗରିବ, ମଧ୍ୟବିତ୍ତ ଓ ନିମ୍ନମଧ୍ୟବିତ୍ତ ପରିବାରଙ୍କ ଦୋକାନଗୁଡିକୁ ଭାଙ୍ଗିବାରେ ପ୍ରଶାସନ ପକ୍ଷରୁ ଆଦୌ ହେଳା କରାଯାଉ ନ ଥିବା ମତପ୍ରକାଶ ପାଇଛି। ତେଣୁ ଏଠାରେ ଜବରଦଖଲ ଉଚ୍ଛେଦ କ'ଣ କେବଳ ଗରିବ ଲୋକଙ୍କ ପାଇଁ ଉର୍ଦ୍ଦିଷ୍ଟ କି ବୋଲି ଏବେ ସହରର ସବୁଠି ଚର୍ଚ୍ଚା ହେଉଛି।



ଯାଜପୁର ରୋଡ୍ ଷ୍ଟେଶନଠାରୁ ଗୋପବନ୍ଧୁ ଛକ ରୋଡ୍ ସଙ୍କୁଚିତ ।

ନବେ ଦଶକରେ ଏଠାରେ ଶିଳ୍ପ ପ୍ରତିଷ୍ଠା ଆରମ୍ଭ ହୋଇଥିଲା। ସେହିଦିନଠାରୁ ବ୍ୟାସନଗରର ନବେକଳବର ବୃଦ୍ଧି ପାଇ ଆସୁଛି । ଏହିକ୍ରମରେ ୧୯୯୪ରେ ୨୬ଟି ୱାର୍ଡକୁ ନେଇ ବ୍ୟାସନଗର ପୌରପରିଷଦ ଗଠିତ ହୋଇଥିଲା । ଏହାସହ ଯାଜପୁର–କେନ୍ଦୁଝରରୋଡ ରେଳ ଷ୍ଟେଶନ ସହ ବ୍ୟାସସରୋବର ପର୍ଯ୍ୟଟନସ୍ଥଳୀ ସମସ୍ତଙ୍କୁ ଆକୃଷ୍ଟ କରିଥାଏ । କାର୍ଯ୍ୟଦିବସମାନଙ୍କରେ ପ୍ରାୟ ଶତାଧିକ ଲୋକେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି କାର୍ଯ୍ୟପାଇଁ ଏଠାକୁ ଆସିଥାନ୍ତି । ସହରର ପ୍ରତ୍ୟେକ ୱାର୍ଡ ମୁଖ୍ୟରାସ୍ତା ଏବଂ ଅନ୍ୟାନ୍ୟ ରାସ୍ତା ଏତେ ଖୁଦାଖୁନ୍ଦି ହୋଇ ନିର୍ମାଣ ହୋଇଛି ଯେ ଦୁଇଟି ବାଇକ୍ ଗଲେ ଲୋକେ ଚାଲିବାକୁ ରାସ୍ତା ପାଉନାହାନ୍ତି । ଏଭଳି ରାସ୍ତା ସମସ୍ୟା ପ୍ରତି ପୌରସଂସ୍ଥାର ଅଣଦେଖା ସହରର ଟ୍ରାଫିକ ବ୍ୟବସ୍ଥାକୁ ଅନେକ ପଛକୁ ଟାଣି ନେଇଯାଇଛି । ବିଭାଗୀୟ ଅଧିକାରୀ ସହରର ଭବିଷ୍ୟତ ପ୍ରତି ସମ୍ପୂର୍ଣ୍ଣ ଅଣଦେଖା କରୁଥିବାରୁ ଏଠାରେ ଜବରଦଖଲ ସମସ୍ୟା ବୃଦ୍ଧି ପାଇ ଚାଲିଛି। ମାଲଗୋଦାମଠାରୁ ଦଳାଛକ ପର୍ଯ୍ୟନ୍ତ ପ୍ରତିଦିନ ଟ୍ରାଫିକ ସମସ୍ୟା ଲୋକଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି । ମଧ୍ୟାହ୍ନ ହୋଇଗଲେ ଏପରିକି ଆମ୍ବୁଲାନ୍ସ ଗାଡ଼ି ମଧ୍ୟ ଫସି ରହୁଥିବାର ଦେଖିବାକୁ ମିଳୁଛି। ତାରିଣୀ ମାର୍କେଟଠାରେ ଥିବା ଏହି ମାଲଗୋଦାମକୁ ଅନ୍ୟତ୍ର ସ୍ଥାନାନ୍ତରଣ କରିବାକୁ ବାରମ୍ବାର ଦାବି, ଆନ୍ଦୋଳନ ହେଉଛି । ହେଲେ ରେଲୱେ କର୍ତ୍ତୃପକ୍ଷ ଏଥିପ୍ରତି ଆଦୌ ଧ୍ୟାନ ଦେଉନାହାନ୍ତି। ଚୋର୍ଦ୍ଦାଛକ, ବାଇପାସ ଛକ, ଇନ୍ଦିରାଗାନ୍ଧୀ ମହିଳା କଲେଜ ଛକରେ ଟ୍ରାଫିକ ସମସ୍ୟା ବିପଦଜ୍ଜନକ ହୋଇଛି। ଟ୍ରାଫିକ ସମସ୍ୟାର ସୁଧାର କରିବାକୁ ପୋଲିସ ପ୍ରଶାସନର ଆଦୌ ଆନ୍ତରିକତା ନ ଥିବା ମତ ପ୍ରକାଶ ପାଇଛି।

ଜିଲା ସଦର ମହାକୁମା ସମେତ ମା'ବିରଜା ମନ୍ଦିର, କୁସୁମା ପୋଖରୀ, ବରାହାନାଥ ମନ୍ଦିର ପାଇଁ ଯାଜପୁର ଟାଉନ ସର୍ବଜନବିଦିତ। ଏଠାରେ କେତେକ ରାସ୍ତା ସମ୍ପ୍ରସାରଣ ହୋଇ ବିକାଶ କାର୍ଯ୍ୟ ହୋଇଛି ବୋଲି ଦାବି କରାଯାଉଛି। କିନ୍ତୁ ଏବେ ବି ମେଡିକାଲ ଛକ, ଗାନ୍ଧୀ ଛକ, ଗରିଆପୁର, ମାନସାପୋଲ, ବିରଜା ମନ୍ଦିର ଠାରୁ ଯୋଡିପୁଅ ଛକ, ବଡବଜାର ଛକ ଆଦି ଅଞ୍ଚଳରେ ଟ୍ରାଫିକ ସମସ୍ୟା ଲାଗି ରହୁଛି। ଏଥିରେ ଜିଲାପାଳଙ୍କଠାରୁ ଆରମ୍ଭ କରି ବହୁ ପ୍ରଭାବଶାଳୀ ବ୍ୟକ୍ତି ହଇରାଣ ହେଉଥିଲେ ହେଁ ପ୍ରତିକାର ବ୍ୟବସ୍ଥା ନ ହେବା ବିଡମ୍ବନାର ବିଷୟ ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ଏ ସଂକ୍ରାନ୍ତରେ ଜିଲାପାଳ ନିଖିଳ ପବନ କଲ୍ୟାଣଙ୍କ ମତାମତ ନେବାକୁ ତାଙ୍କ ମୋବାଇଲକୁ ଗୁରୁବାର ସନ୍ଧ୍ୟାରେ ଏକାଧିକ ଥର ଯୋଗାଯୋଗ କରାଯାଇଥିଲା । ହେଲେ ସେ ଫୋନ କଲ ଗ୍ରହଣ କରି ନ ଥିଲେ।

# ମଲ୍‌ଟି ମୋଡାଲ କରିଡର ପାରାଦୀପ ବନ୍ଦର ପାଇଁ ଐତିହାସିକ ପଦକ୍ଷେପ

**ଜାହାଜ ଚଳାଚଳ ସଚିବଙ୍କ ପାରାଦୀପ ଗସ୍ତ**

■ ଏକାଧିକ ପ୍ରକଳ୍ପ ଉଦ୍‌ଘାଟନ, ଶିଳାନ୍ୟାସ, ସମୀକ୍ଷା

**ପାରାଦୀପ,୨୭।୭(ଶରତ ରାଉତ)**

କେନ୍ଦ୍ର ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ ସଚିବ ଟି.କେ.ରାମଚନ୍ଦ୍ରନ ଶନିବାର ପାରାଦୀପ ବନ୍ଦର ଗସ୍ତ କରିଥିଲେ। ପ୍ରଥମେ ତାଙ୍କୁ ମେରାଇନ ଜେଟି ପାଖରେ ଥିବା ୱେଟବେସିନ ପାଖରେ ସିଆଇଏସ୍‌ଏଫ ପକ୍ଷରୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ପରେ ବନ୍ଦର ପ୍ରଶାସନିକ ଭବନରେ ଆୟୋଜିତ ସମୀକ୍ଷା ବୈଠକରେ ସେ ଯୋଗ ଦେଇଥିଲେ। ତାଙ୍କୁ ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ବନ୍ଦର କାରବାର ଓ ନୂତନ ଭିତ୍ତିଭୂମି ସମ୍ପର୍କରେ ସୂଚନା ଦେଇଥିଲେ। ପରେ ବତୀଘର ସଂଲଗ୍ନ ଜଳଜୀବ ସଂଗ୍ରହାଳୟ ପାର୍ଶ୍ୱରେ ଏକ ମେରାଇନ ମ୍ୟୁଜିୟମର ଶିଳାନ୍ୟାସ କରିଥିଲେ। ୨୫ କୋଟି ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ଏହି ମ୍ୟୁଜିୟମ ନାମ କଳିଙ୍ଗ ମେରାଇନ ମ୍ୟୁଜିୟମ ରଖାଯାଇଛି। ପରେ ବନ୍ଦର ଚିକିତ୍ସାଳୟରେ ୨ କୋଟି ୯୦ ଲକ୍ଷ ଟଙ୍କାରେ ନବନିର୍ମିତ ଟ୍ରମାକେୟାର/ବର୍ନ ୟୁନିଟକୁ ଉଦ୍‌ଘାଟନ କରିଥିଲେ। ଅଠରବାଙ୍କୀଠାରେ ୧୦କୋଟି ୫୦ ଲକ୍ଷ ଟଙ୍କାର ନବନିର୍ମିତ ନୂତନ ଜଳ ଶୋଧନ ୟୁନିଟକୁ ଉଦ୍‌ଘାଟନ କରିଥିଲେ। ଏଥିସହ କଙ୍କର ପକ୍ଷରୁ ନିର୍ମିତ ମଲଟି ମୋଡାଲ କରିଡର ଗସ୍ତ କରିଥିଲେ। ଏହା ପାରାଦୀପ ବନ୍ଦର ପାଇଁ ଐତିହାସିକ ପଦକ୍ଷେପ ବୋଲି ସେ କହିଥିଲେ। କେତେକ ଘରୋଇ କମ୍ପାନୀ ବନ୍ଦର ମଧ୍ୟରେ ବିଓଟି (ବିଲ୍ଡ ଅପରେଟ ଟ୍ରାନ୍ସପୋର୍ଟ)ବେସିସ୍‌ରେ ନୂତନ ବର୍ଥ ପରିଚାଳନା କରୁଛନ୍ତି। ତାକୁ ମଧ୍ୟ ରାମଚନ୍ଦ୍ରନ ସମୀକ୍ଷା କରିଥିଲେ।



ପାରଦାପ ବନ୍ଦର କୋଇଲା ଯାନ୍ତ୍ରିକୀକରଣ ପ୍ରକଳ୍ପ ପାଖରେ ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ ସଚିବ ଟି.କେ.ରାମଚନ୍ଦ୍ରନ, ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ଓ ଅନ୍ୟମାନେ।

# ଥମୁନି ଝାଡ଼ାବାନ୍ତି, ମୃତ୍ୟୁସଂଖ୍ୟା ୩କୁ ବୃଦ୍ଧି

**ବଡ଼ଚଣା,୨୭।୭(ଦିଲୀପ କୁମାର ମହାନ୍ତି):**

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିତଳ ପଞ୍ଚାୟତର ତେଲିଗଡ଼ ଗ୍ରାମରେ ଝାଡ଼ାବାନ୍ତି ଥମିବାର ନାଁ ଧରୁନାହିଁ। ଶନିବାର ଚିକିତ୍ସାଧୀନ ଅବସ୍ଥାରେ ଆଉ ଜଣେ ରୋଗୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବିର୍ଷିଙ୍ଗା ଶୁଣ୍ଡିଙ୍କ ପୁଅ ଦୁମ୍ବି ଶୁଣ୍ଡି(୨୫)। ଏହାକୁ ମିଶାଇ ମୃତ୍ୟୁ ସଂଖ୍ୟା ୩ରେ ପହଞ୍ଚିଛି। ପୂର୍ବରୁ ବିକ୍ରମ ଶୁଣ୍ଡିଙ୍କ ପୁଅ ରାଜେଶ ଶୁଣ୍ଡି (୮) ଓ ଲାଦୁରା ଦେଗମଙ୍କ ଝିଅ ମଲ୍ଲି ଦେଗମ(୬)ଙ୍କ ମୃତ୍ୟୁ ହୋଇଥିଲା। ଏବେବି ଗ୍ରାମରେ ବହୁ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ପୂର୍ବରୁ ୧୧ ଜଣ ଅକ୍ରାନ୍ତ ହୋଇ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ୪ଜଣଙ୍କୁ କଟକ ବଡ଼ ମେଡିକାଲକୁ ପଠାଇ ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ ୩ଜଣ ସୁସ୍ଥ ହୋଇ ଫେରିଛନ୍ତି। ଏ ସମ୍ପର୍କରେ ବଡ଼ଚଣା ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରଶ୍ମିରଞ୍ଜନ ପଶାୟତଙ୍କୁ ପଚାରିବାରେ ଆକ୍ରାନ୍ତ ରୋଗୀଙ୍କୁ ଜଣେ ଆଶା କର୍ମୀ ଓ ଜଣେ ଷ୍ଟାଫ୍ ନର୍ସ ଦିନରାତି ଚିକିତ୍ସା କରୁଛନ୍ତି ବୋଲି କହିଛନ୍ତି। ଚଣ୍ଡିତଳ ସରପଞ୍ଚ ସାଗରିକା ବିହାରୀ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଅନ୍ୟମାନଙ୍କୁ ସଚେତନ କରିଛନ୍ତି। ଦୂଷିତ ଜଳ ବ୍ୟବହାର ଓ ଅଖାଦ୍ୟ ଖାଇବା ସହିତ ପ୍ରତିକୂଳ ପାଗ ଯୋଗୁ ଝାଡ଼ାବାନ୍ତି ରୋଗ ବ୍ୟାପୁଛି ବୋଲି ସ୍ୱାସ୍ଥ୍ୟ କର୍ମୀମାନେ କହିଛନ୍ତି।

# ବୃଦ୍ଧଙ୍କ ଅସ୍ୱାଭାବିକ ମୃତ୍ୟୁ

**ପାଣିକୋଇଲି,୨୭।୭(ବିକାଶ ମଲ୍ଲିକ):**

ପାଣିକୋଇଲି ଥାନା ଅନ୍ତର୍ଗତ ଅମୃତିଆ ପଞ୍ଚାୟତ ବନହରା ଗ୍ରାମର ଜଣେ ବୃଦ୍ଧଙ୍କ ଅସ୍ୱାଭାବିକ ଭାବେ ମୃତ୍ୟୁ ହୋଇଛି। ସେ ହେଲେ କାହ୍ନୁଚରଣ ସାହୁ। କାହ୍ନୁଚରଣ ତାଙ୍କ ବଡ଼ପୁଅ ଅଭିମନ୍ୟୁ ସାହୁଙ୍କ ପାଖରେ ୨୦୨୩ରୁ ରହି ଆସୁଥିଲେ। ଦେହ ଅସୁସ୍ଥ ହେବାରୁ ସେ ଚିକିତ୍ସାଧୀନ ଥିଲେ। ଶୁକ୍ରବାର ରାତିରେ ଔଷଧ ଖାଇବା ପରେ ତାଙ୍କର ହଠାତ୍ ମୃତ୍ୟୁ ଘଟିଥିଲା। ପାଣିକୋଇଲି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତ କରିଛି। ଏଥିସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।


ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବାପି



@ ଜୀବନଜ୍ୟୋତି



@ ଜୁଗଲ



@ ସୁନିଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# 'ନାୟକର ନାଁ ଋତୁରାଜ' ପୁସ୍ତକ ଉନ୍ମୋଚନ କଲେ ରାଜ୍ୟପାଳ



ତେଜସ୍ୱିନୀ ପଣ୍ଡାଙ୍କ ଲିଖିତ ପୁସ୍ତକକୁ ରାଜ୍ୟପାଳ ରଘୁବର ଦାସ ଉନ୍ମୋଚନ କରୁଛନ୍ତି ।

**ରଘୁନାଥପୁର,୨୭।୭ (ରାଜେନ୍ଦ୍ର ନାରାୟଣ ସିଂହ):**

ରଘୁନାଥପୁର ବ୍ଲକ ସାଦେଇପୁର ଅଞ୍ଚଳର ଯୁବ କବି ତଥା ଲେଖିକା ତେଜସ୍ୱିନୀ ପଣ୍ଡାଙ୍କ ଲିଖିତ ପୁସ୍ତକ 'ନାୟକର ନାଁ ଋତୁରାଜ' ରାଜ୍ୟପାଳ ରଘୁବର ଦାସଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ରାଜଭବନ ପରିସରରେ ଶୁକ୍ରବାର ମଧ୍ୟାହ୍ନରେ ଏହି ପୁସ୍ତକ ଉନ୍ମୋଚନ କରାଯାଇଥିଲା। ତେଜସ୍ୱିନୀ ପୂର୍ବରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜୀବନୀ ଉପରେ ବହି ଲେଖି ଚର୍ଚ୍ଚିତ ହେବା ସହ ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ। ଏହାଛଡା ରାଜ୍ୟର ବିଭିନ୍ନ ସଙ୍ଗଠନ ପକ୍ଷରୁ ମଧ୍ୟ ସେ ସମ୍ମାନିତ ହୋଇଥିଲେ। ଏହି ପୁସ୍ତକ ଉନ୍ମୋଚନ ସମୟରେ ତେଜସ୍ୱିନୀଙ୍କ ମା'କଳ୍ପନା ଦାଶ ଓ ବାପା ଶୁଭେନ୍ଦୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ଗୁରୁତର ଅଧ୍ୟାପକଙ୍କ ମୃତ୍ୟୁ

**ଯାଜପୁରରୋଡ୍,୨୭।୭ (ପବିତ୍ର ରଞ୍ଜନ ମହାନ୍ତି):**



ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଥିବା ଜଣେ ଅଧ୍ୟାପକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତକ ହେଲେ କେନ୍ଦୁଝର ଜିଲା ନନ୍ଦିପଦା ଥାନା ଧାନଘର ଗ୍ରାମର ଶଶିକାନ୍ତ ରଣସିଂହ। ଶୁକ୍ରବାର ଶଶିକାନ୍ତ ବାଇକରେ ଯାଜପୁରରୋଡ୍‌ସ୍ଥିତ ବାସଭବନକୁ ଫେରୁଥିଲେ। ଏହି ସମୟରେ କୋରେଇ ଥାନା କଣ୍ଟାଝରୀ ନିକଟରେ ଏକ ଗାଡି ବିପରୀତ ଦିଗରୁ ଦ୍ରୁତଗତିରେ ଆସି ତାଙ୍କ ବାଇକକୁ ଧକ୍କା ଦେଇଥିଲା। ଫଳରେ ଶଶିକାନ୍ତ ବାଇକରୁ ଛିଟିକି ପଡି ଗୁରୁତର ହୋଇଥିଲେ। ପ୍ରଥମେ ତାଙ୍କୁ ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ କଟକ ବଡ଼ ମେଡିକାଲକୁ ନିଆଯାଇଥିଲା। ସେଠାରେ ଶନିବାର ତାଙ୍କର ମୃତ୍ୟୁ ହେବାପରେ ପୁତୁରା ପରମେଶ୍ୱର ସ୍ୱାଇଁ କୋରେଇ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଶଶିକାନ୍ତ କେନ୍ଦୁଝର ଜିଲା ପଣ୍ଡାପଡା କଲେଜରେ ଅଧ୍ୟାପକ ଥିଲେ। ତାଙ୍କର ମୃତ୍ୟୁ ଖବର ଶୁଣି କୋପଣ୍ଡ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ୭୩୩୬ ଗ୍ରାମୀଣ ରାସ୍ତା ଅସମ୍ପୂର୍ଣ୍ଣ

■ ବର୍ଷା ଆରମ୍ଭରୁ ଜିଲାର ବହୁ ରାସ୍ତା ଅବସ୍ଥା ଶୋଚନୀୟ

■ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

■ ଧୋୟା ଅଞ୍ଚଳକୁ ଗମନାଗମନରେ ଅସୁବିଧା

**କେନ୍ଦ୍ରାପଡ଼ା,୨୭।୭(ଜଗନ୍ନାଥ ଧଳ):**

କେନ୍ଦ୍ରାପଡ଼ା ଜିଲାରେ ମୌସୁମୀ ବର୍ଷା ଲାଗି ରହିଛି । ଏହି ବର୍ଷା ଚାଷୀଙ୍କ ମନରେ ଆନନ୍ଦ ଦେଇଥିବା ବେଳେ ବହୁ ରାସ୍ତା ଅବସ୍ଥା ବେହାଲ ହୋଇଛି। ଧୋୟା ଅଞ୍ଚଳରେ ଗମନାଗମନ ଅସୁବିଧାକୁ ନେଇ ସ୍ଥାନୀୟ ଅଧିବାସୀ ସମସ୍ୟାରେ ଅଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ପରି ମୌଳିକ ଆବଶ୍ୟକତା ବିପର୍ଯ୍ୟସ୍ତ ହୋଇଛି। ଚଳିତ ଆର୍ଥିକ ବର୍ଷରେ କେବଳ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ହେବାକୁ ଥିବା ମଞ୍ଜୁରୀପ୍ରାପ୍ତ ୭୩୩୬ ଗ୍ରାମୀଣ ରାସ୍ତା ନିର୍ମାଣ ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇପାରି ନାହିଁ । ଅପରପକ୍ଷେ ୬୧୦୦ ଗ୍ରାମୀଣ ରାସ୍ତା ମଞ୍ଜୁରୀ ଅପେକ୍ଷାରେ ଅଛି।

ଜିଲା ପରିଷଦ କାର୍ଯ୍ୟାଳୟ ତଥ୍ୟ ଅନୁଯାୟୀ, ଜିଲାର ଆଳି ବ୍ଲକ ଅଞ୍ଚଳରେ ମୋଟ ୨୧୨ଟି ରାସ୍ତା ନିର୍ମାଣାଧୀନ ଅଛି। ସେହିପରି ୨୩୧ଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ । ଡେରାବିଶ ବ୍ଲକର ମଞ୍ଜୁରୀ ପ୍ରାପ୍ତ ୬୫୧ ରାସ୍ତା ପ୍ରକଳ୍ପରୁ ୫୦୦ଟି ରାସ୍ତା ନିର୍ମାଧୀନ ଅଛି । ଗରଦପୁର ବ୍ଲକର ୭୯୪ରୁ ୫୬୪ଟି ପ୍ରକଳ୍ପ, କେନ୍ଦ୍ରାପଡ଼ାର ୬୯୯ରୁ ୪୨୮ଟିପ୍ରକଳ୍ପ, ମହାକାଳପଡ଼ାର ୩୯୨ରୁ ୨୭୫ଟି ପ୍ରକଳ୍ପ, ମାର୍ଶାଘାଇର ୯୩୬ରୁ ୫୯୩ଟି ପ୍ରକଳ୍ପ, ପଟ୍ଟାମୁଣ୍ଡାଇର ୧୬୨୨ରୁ ୭୦୨ଟି ପ୍ରକଳ୍ପ, ରାଜକନିକାର ୧୦୩୦ରୁ ୭୧୪ଟି ପ୍ରକଳ୍ପ ଓ ରାଜନଗର ବ୍ଲକ ଅଞ୍ଚଳର ୭୬୯ରୁ ୪୨୪ଟି ଗ୍ରାମୀଣ ରାସ୍ତା ପ୍ରକଳ୍ପ ନିର୍ମାଣାଧୀନ ଅଛି । ଚଳିତ ଆର୍ଥିକ ବର୍ଷରେ ଅଦ୍ୟାବଧି ମାତ୍ର ୩୩୫ଟି ଗ୍ରାମ୍ୟ ରାସ୍ତା ନିର୍ମାଣ ହୋଇଥିବା ବେଳେ ଆଳି ଓ ଗରଦପୁର ବ୍ଲକ ଅଞ୍ଚଳରେ ଏହି ପ୍ରକଳ୍ପ ଅନ୍ତର୍ଗତ ଗୋଟିଏ ରାସ୍ତା ସମ୍ପୂର୍ଣ୍ଣ ହୋଇନାହିଁ ।



ଅସମ୍ପୂର୍ଣ୍ଣ ଅବସ୍ଥାରେ ଥିବା ଏକ ରାସ୍ତା ପାଣି କାଦୁଅରେ ଭର୍ତ୍ତି ।

ଏ ସମ୍ପର୍କରେ ବୁଦ୍ଧିଜୀବୀ ଚିତ୍ତରଞ୍ଜନ ସାହୁ, ଆଶିଷ କୁମାର ସେନାପତି, ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାସଂଘର ହରେକୃଷ୍ଣ ପାତ୍ର, ସାମାଜିକ କର୍ମୀ ଅମରବର ବିଶ୍ୱାଳ ପ୍ରମୁଖ କହିଛନ୍ତି, ଜିଲାର ବିକାଶ ପାଇଁ ଗମନାଗମନ ପଥର ଗୁରୁତ୍ୱ ଅଧିକ । ତେବେ ଜିଲା ପ୍ରଶାସନ ଏ ସମ୍ପର୍କରେ ଅଣଦେଖା କରି ଚାଲିଛନ୍ତି। ମୌସୁମୀ ବର୍ଷା ଆରମ୍ଭରୁ ସିଂହଗାଁ, ଏକମାଣିଆ, ବଟିଘର, ପଦନୀପାଳ ଆଦ ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତା ବର୍ଷା ଓ ସମୁଦ୍ର ଜୁଆର ପାଣିରେ ବେହାଲ ହୋଇଛି । ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ସହିତ ଅନ୍ୟ ମୌଳିକ ଆବଶ୍ୟକତା ପୂରଣ ହୋଇପାରୁନାହିଁ। ଧୋୟା ଅଞ୍ଚଳରେ ରାସ୍ତା ଉପରେ ପାଣି ଜମି ରହିବା ଫଳରେ ଯାତାୟାତ ବ୍ୟବସ୍ଥା ଏକ ପ୍ରକାର ବନ୍ଦ ହୋଇଛି। ଏବେ ବର୍ଷାଋତୁ ଆସି ଯାଇଥିବାରୁ ରାସ୍ତା ସମସ୍ୟା ଉତ୍କଟ ହୋଇଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି ।

ଏ ସମ୍ପର୍କରେ ଏଡିଏମ୍ ତଥା ଭାରପ୍ରାପ୍ତ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ନିଲୁ ମହାପାତ୍ର କହିଛନ୍ତି, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌କୁ ଏହି ଜିଲାରେ ଗୁରୁତ୍ୱ ଦିଆଯାଇଛି । ଜବ୍‌କାର୍ଡଧାରୀଙ୍କ ଡିମାଣ୍ଡ ମୁତାବକ କାମ ଦିଆଯାଉଛି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ପ୍ରକଳ୍ପଗୁଡ଼ିକ ସମାପ୍ତ କରାଯିବା ପାଇଁ ଜିଲାର ୯ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସେ ପ୍ରକାଶ କରିଛନ୍ତି ।

# ଆଳୁ ଦର ବୃଦ୍ଧି ପରେ ସବୁଠି ପ୍ରତିବାଦ

ନୟାଗଡ଼,୨୭।୭ (ଲୋକନାଥ ମିଶ୍ର)



■ ମଧ୍ୟମ ବର୍ଗ ଓ ଗରିବଲୋକଙ୍କୁ ବାଧୁଛି
■ ଯୋଗାଣ ବିଭାଗର ହସ୍ତକ୍ଷେପ ପରେ ବଦଳିଲା ରେଟ
■ ସକାଳେ ୬୨, ପୂର୍ବାହ୍ନରେ କେଜି ୫୦
■ ଦୋକାନରୁ ଉଭାନ ହୋଇ ଯାଉଛି ଆଳୁ

ଗରିବଙ୍କଠାରୁ ଆରମ୍ଭ କରି ଧନୀ ପର୍ଯ୍ୟନ୍ତ ସମସ୍ତେ ଆଳୁ ପ୍ରିୟ । ହେଲେ ଗତ କିଛି ଦିନ ହେବ ଆଳୁ ଦର ବୃଦ୍ଧି ପରେ ଜିଲା ସାରା ସବୁଠି ପ୍ରତିବାଦର ସ୍ୱର ଉଠିଛି। ଜିଲାର ବିଭିନ୍ନ ବଜାରରେ ଭିନ୍ନ ଭିନ୍ନ ଦରରେ ଆଳୁ ବିକ୍ରି ହେଉଛି। ଆଳୁର ଦର ବୃଦ୍ଧି ମଧ୍ୟମ ବର୍ଗ ଓ ଗରିବ ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଶନିବାର ସକାଳେ ନୟାଗଡ଼ର ବିଭିନ୍ନ ବଜାରରେ କେଜି ପ୍ରତି ୬୨ ଟଙ୍କାରେ ଆଳୁ ବିକ୍ରି ହେଉଥିଲା। ଜିଲା ଯୋଗାଣ ବିଭାଗର ହସ୍ତକ୍ଷେପ ପରେ ପୂର୍ବାହ୍ନରେ ସେହି ଦର ୫୦ ଟଙ୍କା ହୋଇଛି। ଅନ୍ୟପକ୍ଷେ ଦର ବୃଦ୍ଧି ପରେ ଲୋକମାନେ ଅଧିକ ଦାମରେ ଆଳୁ କିଣିବାକୁ ବାଧ୍ୟ ହେଉଛନ୍ତି। ଏହାକୁ ଆଖି ଆଗରେ ରଖି ନୟାଗଡ଼ ଜିଲାର ବିଭିନ୍ନ ବଜାରର ପନିପରିବା ଦୋକାନରୁ ଆଳୁ ଉଭାନ ହୋଇ ଯାଉଛି। ଦର ବୃଦ୍ଧି ବେଳେ ବ୍ୟବସାୟୀମାନେ ଆଳୁର କେଜି ପିଛା ଦର ଜାଣିଶୁଣି ଅଧିକ କରିବାକୁ ଚକ୍ରାନ୍ତ କରିଥାଆନ୍ତି। ସେଥିପାଇଁ ଆଳୁର କୃତ୍ରିମ ଅଭାବ ସୃଷ୍ଟି କରାଯାଉଛି ବୋଲି ଗ୍ରାହକମାନେ ଅଭିଯୋଗ କରିଛନ୍ତି।

ଏନେଇ ଦିନମଣି ମହାନ୍ତି କୁହନ୍ତି, ନୟାଗଡ଼ ବଜାରରେ ବ୍ୟବସାୟୀମାନେ ଜାଣିଶୁଣି ଆଳୁର ଦର ଅଧିକ ନେଉଛନ୍ତି। ଜିଲାର ବିଭିନ୍ନ ବଜାରରେ ଆଳୁ କେଜି ୪୦ରୁ ୫୦ ଟଙ୍କାରେ ଶନିବାର ସକାଳେ ମିଳୁଥିଲା। ତେବେ ଜିଲା ସଦର ମହକମାରେ ଆଳୁ ୬୨ ଟଙ୍କାରେ ବିକ୍ରି ହେଉଥିଲା। ଏନେଇ ଜିଲା ଯୋଗାଣ ବିଭାଗକୁ ଅଭିଯୋଗ କରିବା ପରେ ଆଳୁର ରେଟ ପୂର୍ବାହ୍ନରେ ୫୦ ଟଙ୍କା ହୋଇଥିଲା। ଆଳୁର ଦର ବଢ଼ିବା ପରେ ସାଧାରଣ ଲୋକ ହଇରାଣ ହେଉଛନ୍ତି। ଦଶପଲ୍ଲା ଦେଢ଼ଶର ଗାଁର ମାମିନା ପ୍ରଧାନ କୁହନ୍ତି, ଆଳୁ ହେଉଛି ଏପରି ଏକ ପରିବା ସବୁ ଘରେ ଏହାର ଚାହିଦା ରହିଛି। ଘରେ ପନିପରିବା ନ ଥାଇ ପାରେ , ଆଳୁ ନିଶ୍ଚିତ ଥିବ। ପନି ପରିବା ନ ଥିଲେ ଆଳୁ ପୋଡାରେ କାମ ଚଳିଯାଏ। ଆଳୁର ଦରବୃଦ୍ଧି ଚିନ୍ତାର କାରଣ ହୋଇଛି। ଦଶପଲ୍ଲାରେ ଶନିବାର କେଜି ପିଛା ଆଳୁ ୫୦ ଟଙ୍କାରେ ବିକ୍ରି ହୋଇଛି। ଗଣିଆ ବ୍ଲକ ଛାମୁଣ୍ଡିଆ ଗାଁର ବୀଣାପାଣି ସାହୁ କୁହନ୍ତି, ଆଳୁର ଦରବୃଦ୍ଧି ଆମ ପରି ଗରିବ ଲୋକଙ୍କ ପାଇଁ ଟେନଶନ ବଢ଼ାଇ ଦେଇଛି। ଘରେ ଖୋଜିଲେ ଆଳୁ ମିଳୁନି। ବଜାରରୁ ଆଳୁ କେଜି ପିଛା ୫୦ ଓ ୬୦ ଟଙ୍କାରେ କିଣିବା କଷ୍ଟ ହେଉଛି। ଏଣୁ ବାଧ ବାଧ୍ୟକତାରେ ବାଡ଼ି ପରିବାରେ କାମ ଚଳାଇବାକୁ ପଡୁଛି। ତେବେ କିଛି ଦୋକାନରୁ ଆଳୁ ଉଭାନ ହୋଇ ଗଲାଣି। ନୂଆଗାଁର ଜିତେନ୍ଦ୍ର ପ୍ରଧାନ କୁହନ୍ତି, ଆଳୁ ଦର କେଜି ପିଛା ୫୦ ଟଙ୍କାରେ ନୂଆଗାଁ ବଜାରରେ ବିକ୍ରି ହେଉଛି। ପ୍ରଶ୍ନ ଉଠୁଛି ଆଳୁଦର ଦର ବଢ଼ି ଚାଲିଛି। ସରକାର କାହିଁକି ଲଗାମ ଦେଉ ନାହାନ୍ତି। ପଶ୍ଚିମବଙ୍ଗରୁ ଆଳୁ ନ ଆସିବା କାରଣରୁ ଆଳୁ ଦର ବଢ଼ିଥିବାବେଳେ ପନିପରିବା ବ୍ୟବସାୟୀ ଜାଣି ଶୁଣି ଅଧିକ ଦରରେ ଆଳୁ ବିକ୍ରି କରୁଛନ୍ତି। ଯୋଗାଣ ବିଭାଗ ଓ ପ୍ରଶାସନର ହସ୍ତକ୍ଷେପ ରହୁ ନ ଥିବାରୁ ଆଳୁ ଦର ଉପରେ ଲଗାମ ରହି ପାରୁନି। ରଣପୁରର ଶିଶିର ଭଞ୍ଜ କୁହନ୍ତି, ଚାଉଳ ମାଗଣାକୁ ଆଳୁ କେଜି ୫୦ରୁ ୬୦ ଟଙ୍କା ଗରିବ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଛି। ଏପଟେ ବର୍ଷା ଲାଗି ରହିଥିବାବେଳେ ସେପଟେ ଦରବୃଦ୍ଧି ଯୋଗୁ ଘରେ ଆଳୁ ପରିବା ଖୋଜିଲେ ମଲୁନି। ସରକାର ଆଳୁ ସମସ୍ୟାର ତୁରନ୍ତ ସମାଧାନ କରିବା ଦରକାର। ନଚେତ୍ ଥିଲାବାଲା ଓ ନ ଥିଲାବାଲା ସମସ୍ତେ ରାଜରାସ୍ତାକୁ ଆସି ପ୍ରତିବାଦ କରି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଆଲୋଚନା ଚାଲିଛି ବୋଲି କହିଛନ୍ତି।

ଜିଲା ଯୋଗାଣ ଅଧିକାରୀ ବ୍ରଜେନ୍ଦ୍ର କୁମାର ମହାନ୍ତି କୁହନ୍ତି, ବ୍ୟବସାୟୀଙ୍କରଖର୍ଚ୍ଚ ଓ ଲାଭକୁ ଦୃଷ୍ଟିରେ ରଖି ଆଳୁର ରେଟ ଶନିବାର ଅଢ଼େଇ କିଲୋକୁ ୧୧୦ ଟଙ୍କା ରଖା ଯାଇଛି। ତେବେ ସକାଳେ ଆଳୁ କେଜି ୬୨ ଟଙ୍କା ଥିଲା ବୋଲି କହିଛନ୍ତି। ଜିଲା ଯୋଗାଣ ବିଭାଗ ପକ୍ଷରୁ ଆଳୁ ଉପରେ ନଜର ରଖାଯାଇଛି। ଅଧିକ ଦରରେ ବିକ୍ରି ନ କରିବାକୁ ବ୍ୟବସାୟୀମାନଙ୍କୁ ତାଗିଦ୍ କରାଯାଇଛି। ଆଳୁ ରେଟ ମନଇଚ୍ଛା ବଢ଼ାଇଲେ ଆଇନ ଅନୁସାରେ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

## ଆଳୁ କେଜି ୫୦, ପନିପରିବା ଦର ଆକାଶଛୁଆଁ

ଖଣ୍ଡପଡ଼ା,୨୭।୭
(ଅଜୟ କୁମାର ମହାରଣା)

ରାଜ୍ୟ ସରକାର ତଥା ବିଭାଗୀୟ ମନ୍ତ୍ରୀ ଆଳୁ କେଜି ପ୍ରତି ୩୨ ଟଙ୍କାରେ ବିକ୍ରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏପରିକି ସରକାରୀ ନିର୍ଦ୍ଦେଶକୁ ଅଣଦେଖା କଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଚେତାବନୀ ଦିଆଯାଇଛି। ଏହା ପରେ ବି ଆଳୁ ଦର ଉପରେ ପ୍ରଶାସନର ନିୟନ୍ତ୍ରଣ ରହୁ ନାହିଁ। ଏବେ ଆଳୁ ୫୦ରୁ ୬୦ ଟଙ୍କାରେ ବିକ୍ରି ହେଉଛି । ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ଅଧୀନ ସମସ୍ତ ଅଞ୍ଚଳରେ ଏବେ ଶ୍ରାବଣ ମାସରେ ପନିପରିବା ଦର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ପରିସ୍ଥିତି ଏଭଳି ହୋଇଛି ଯେ, ଖାଇବା ଥାଳିରୁ ପରିବା ତରକାରୀ ଉଭାନ ହୋଇଯିବା ଭଳି ପରିସ୍ଥିତି ସୃଷ୍ଟି ହେଉଛି । ପରିସ୍ଥିତିକୁ ଦେଖି ଜଣେ ସାଧାରଣ ଖାଉଟି ବଜାରକୁ ଯିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ବଜାରରେ ବିଭିନ୍ନ ପନି ପରିବା ତଥା ଅତ୍ୟାବଶ୍ୟକ ବାଇଗଣ, ଆଳୁ, ପୋଟଳ ସାଙ୍ଗକୁ ପିଆଜ, ରସୁଣ, ଅଦା ଦର ଶୁଣିଲେ ଜଣେ ସାଧାରଣ ଖାଉଟିର ମୁଣ୍ଡ ବ୍ୟଥା ହେଉଛି । ସ୍ୱଳ୍ପ ଆୟ କରୁଥିବା ଅବା ଜଣେ ଦିନ ମଜୁରିଆଙ୍କ ପାଇଁ ପନିପରିବା ଦର ସମସ୍ୟା ସୃଷ୍ଟି କରିଛି। ବ୍ୟବସାୟୀମାନେ ଦର ବୃଦ୍ଧି ପାଇଁ ଆଳୁ କିଣୁ ନ ଥିବା ବେଳେ ଆଉ କେତେଜଣ ବ୍ୟବସାୟୀ ଆଳୁ ମହଜୁଦ ରଖି ବିକ୍ରୀ କରୁ ନ ଥିବା ଅଭିଯୋଗ ହୋଇଛି । ଆଳୁ ଦର ବୃଦ୍ଧି ପାଉଥିବାରୁ କଳାବଜାର ଚାଲିଛି । ସରକାରଙ୍କ ଏହି ଖାଉଟି ବଜାର ଉପରେ କୌଣସି ନିୟନ୍ତ୍ରଣ ନାହିଁ । ଖଣ୍ଡପଡା, ଖଳିସାହି, ବାହାଡା, କଣ୍ଟିଲୋ ସମେତ ଆଖପାଖ ବଜାରରେ ଏବେ ଆଳୁ କେଜି ପ୍ରତି ୫୦ରୁ ୬୦ ଟଙ୍କାରେ ବିକ୍ରୀ ହେଉଛି । ଅପରପକ୍ଷେ ଖାଉଟିମାନେ ମଧ୍ୟ ଏତେ ଦର ଦେଇ ଆଳୁ, ପିଆଜ ଏବଂ ଟମାଟୋ କିଣିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି।

## ଆଳୁ ଦରବୃଦ୍ଧିରେ ଲଗାମ ଦେବାପାଇଁ କଂଗ୍ରେସର ଫେରାଦ

ନୟାଗଡ଼,୨୭।୭ (ଲୋକନାଥ ମିଶ୍ର)

ଆଳୁ ଦରବୃଦ୍ଧିରେ ଲଗାମ ଦେବାପାଇଁ ନୟାଗଡ଼ ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର ଓ ଟୁଇଟ୍ ଯୋଗେ ଅବଗତ କରାଯାଇଛି। କଂଗ୍ରେସର ଅଭିଯୋଗ ଅନୁଯାୟୀ, ଯୋଗାଣ ଖାଉଟି କଲ୍ୟାଣ ବିଭାଗ ରାଜ୍ୟରେ ଆଗାମୀ ୭ ଦିନ ପର୍ଯ୍ୟନ୍ତ ଆଳୁ ମହଜୁଦ ଥିବା ଦର୍ଶାଇ ଆଳୁ କେଜି ୩୨ ଟଙ୍କାରେ ବିକ୍ରି କରିବା ପାଇଁ ବ୍ୟବସାୟୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଏହି ନିର୍ଦ୍ଦେଶନାମା ଉଲ୍ଲଂଘନ ହେଲେ କଳାବଜାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଗଣମାଧ୍ୟମରେ ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ନୟାଗଡ଼ ଜିଲାର କେତେଜଣ ମୁଷ୍ଟିମେୟ ଆଳୁ ବ୍ୟବସାୟୀ ଆଳୁର କୃତ୍ରିମ ଅଭାବ ଆଳରେ ଚଡ଼ାଦରରେ ବିକ୍ରି କରୁଛନ୍ତି । ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଆଳୁ ୫୦ ରୁ ୬୦ ଟଙ୍କା ଦରରେ ବିକ୍ରି ଚାଲିଛି। ସାଧାରଣ ଖାଉଟି ମାନଙ୍କ ଉପରେ ଆଳୁ ଦର ଚିନ୍ତାର କାରଣ ହୋଇଛି । ଜିଲା ଯୋଗାଣ ଅଧିକାରୀ ଏବଂ ବିଭିନ୍ନ ବ୍ଲକ/ ପୌରାଞ୍ଚଳରେ କାର୍ଯ୍ୟରତ ମାର୍କେଟିଂ ଇନ୍ସପେକ୍ଟରମାନେ ଦାୟିତ୍ୱବାନ ହେଲେ ଆଳୁ କଳାବଜାରୀ ରୋକାଯାଇ ପାରନ୍ତା । ହେଲେ ଜିଲା ଯୋଗାଣ ଅଧିକାରୀଙ୍କ ନିଷ୍କ୍ରିୟତା ସାଧାରଣ ଖାଉଟିଙ୍କ ଚିନ୍ତା ବଢ଼ାଇ ଦେଉଛି । ଜିଲାବ୍ୟାପୀ ଆଳୁ କଳାବଜାରୀ ଉପରେ ରୋକ୍ ଲଗାଇ ସ୍ୱାଭାବିକ ଅବସ୍ଥା ଫେରିବା ଯାଏ ମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ ଆଳୁ କେଜି ପ୍ରତି ୩୨ ଟଙ୍କାରେ ସାଧାରଣ ଖାଉଟିମାନଙ୍କୁ ବିକ୍ରି କରିବା ପାଇଁ ଜିଲାପାଳ ଯତ୍ନବାନ ହେବା ପାଇଁ ଜିଲା କଂଗ୍ରେସ କମିଟି ଉଦବେଗ ପ୍ରକାଶ ପାଇଛି। ନଚେତ୍ ଖାଉଟିଙ୍କୁ ନ୍ୟାୟ ଦେବା ପାଇଁ ରାଜରାସ୍ତାକୁ କଂଗ୍ରେସ ଓହ୍ଲାଇବା ପାଇଁ ବାଧ ହେବ ବୋଲି ଜିଲା ସଭାପତି ରଣଜିତ ଦାଶ ଚେତାବନୀ ଦେଇଛନ୍ତି।

## ମହାନଦୀରୁ ପାଣି ନେବା ପାଇଁ କାଉଡ଼ିଆଙ୍କ ଭିଡ଼



ଯାତ୍ରାପଦା ରାସ୍ତାରେ ବିପର୍ଯ୍ୟସ୍ତ ଟ୍ରାଫିକ୍ ବ୍ୟବସ୍ଥା ।

## କଣ୍ଟିଲୋରେ ଟ୍ରାଫିକ୍ ସମସ୍ୟା ଅଣାୟତ୍ତ

ଖଣ୍ଡପଡ଼ା,୨୭।୭
(ଅଜୟ କୁମାର ମହାରଣା)

ଶ୍ରାବଣ ମାସର ଦ୍ୱିତୀୟ ସୋମବାର ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ କାଉଡିଆ ମହାନଦୀରୁ ଜଳାଭାର ନେବା ପାଇଁ କଣ୍ଟିଲୋ ଶ୍ରୀନୀଳମାଧବ ପୀଠକୁ ଆସିଛନ୍ତି। ସେମାନଙ୍କ ଗାଡ଼ି ମୋଟରରେ ଯାତ୍ରାପଦା ବଜାର ମୁଖ୍ୟରାସ୍ତାରେ ଟ୍ରାଫିକ୍ ସମସ୍ୟା ବିପର୍ଯ୍ୟସ୍ତ ହୋଇଛି । ସେହି ରାସ୍ତାରେ ସବୁଥିବା ପରିବା ବ୍ୟବସାୟୀମାନେ ରାସ୍ତା ଅବରୋଧ କରିଥିବାରୁ ଏହି ସମସ୍ୟା ଅଣାୟତ ହୋଇଛି । ପୁରୁଷଙ୍କ ତୁଳନାରେ ଶନିବାର ମହିଳା କାଉଡିଆଙ୍କ ସଂଖ୍ୟା ଅଧିକ ଥିବା ପରିଲକ୍ଷିତ ହୋଇଛି। ପୋଲିସ ଟ୍ରାଫିକ ନିୟନ୍ତ୍ରଣ କରିବାକୁ ପ୍ରୟାସ ଜାରି ରଖିଥିଲେ ମଧ୍ୟ ସେଥିରେ ବିଫଳ ହୋଇଛି।

ସୂଚନା ଅନୁଯାୟୀ, କଣ୍ଟିଲୋ ଯାତ୍ରାପଦା ବଜାରଠାରୁ ଶ୍ରୀନୀଳମାଧବ ମନ୍ଦିର ପଶ୍ଚିମ ପାର୍ଶ୍ୱ ରାସ୍ତା ଦେଇ ମହାନଦୀ ଘାଟ ଓ ମନ୍ଦିରକୁ ଯିବା ରାସ୍ତାର ଦୂରତା କମ୍ ଥିବାରୁ କାଉଡିଆମାନେ ସେହି ରାସ୍ତାଦେଇ ଯାଇଥାଆନ୍ତି । କାଉଡିଆମାନଙ୍କ ଯିବା ରାସ୍ତାର ଉଭୟ ପାର୍ଶ୍ୱରେ ରାସ୍ତାକୁ ଅବରୋଧ କରି ସ୍ଥାନୀୟ ଯୁବକମାନେ ଅସ୍ଥାୟୀ ଦୋକାନ ଖୋଲିଛନ୍ତି । ସେମାନେ ବୋଲବମ ଯାତ୍ରୀମାନଙ୍କୁ ବିଭିନ୍ନ ସାମଗ୍ରୀ ବିକ୍ରି କରୁଛନ୍ତି । ଫଳରେ ସେହି ରାସ୍ତାରେ ସ୍ଥାନୀୟ ଲୋକଙ୍କ ସହିତ ଛାତ୍ରୀଛାତ୍ରମାନେ ଯାତାୟତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାନବାହାନ ଚଳାଚଳ ବି ସେହି ରାସ୍ତାରେ ଟ୍ରାଫିକ୍ ସମସ୍ୟାକୁ ଦ୍ୱିଗୁଣିତ କରିଛି। ଏଥିପାଇଁ କଣ୍ଟିଲୋ ପଞ୍ଚାୟତ ଅଧୀନ ଖୁଦବେହେରା ପାଟଣା, କୃଷ୍ଣେଶ୍ୱର ପାଟଣା ଗ୍ରାମର ଲୋକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଏ ନେଇ କଣ୍ଟିଲୋ ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନା କୁହନ୍ତି, ପୋଲିସ ପକ୍ଷରୁ ଟ୍ରାଫିକ ସମସ୍ୟାର ସୁପରିଚାଳନା କରାଯାଉଛି । ଆଜି ପର୍ଯ୍ୟନ୍ତ ସେପରି କୌଣସି ଗୁରୁତର ସମସ୍ୟା ସୃଷ୍ଟି ହୋଇ ନ ଥିବା କହିଛନ୍ତି ।

## ସଚେତନତା ଶୋଭାଯାତ୍ରା

ନୟାଗଡ଼,୨୭।୭(ଲୋକନାଥ ମିଶ୍ର)

ମ୍ୟାଲେରିଆ, ଡେଙ୍ଗୁ, ଝାଡ଼ାବାନ୍ତି ନିରାକରଣ ଉଦ୍ଦେଶ୍ୟରେ ଏକ ସଚେତନତା ଶୋଭାଯାତ୍ରା ନୟାଗଡ଼ ସହର ପରିକ୍ରମା କରଥିଲା । ନୟାଗଡ଼ ମ୍ୟୁନିସିପାଲିଟି କାର୍ଯ୍ୟାଳୟଠାରୁ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ଦେଇ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ପହଞ୍ଚିଥିଲା । ପରେ ଅନୁଷ୍ଠିତ ସଭାରେ ମ୍ୟୁନିସିପାଲିଟି ଅଧ୍ୟକ୍ଷ ନିରୁପମା ଖଟେଇ ଓ ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, କାଉନସିଲର ଦୀନବନ୍ଧୁ ଗୁରୁ, ମଞ୍ଜୁ ଗୁମାନ ସିଂ, ରୁଦ୍ର ପ୍ରସାଦ ରଥ, ଅତିରିକ୍ତ ଜିଲା ସ୍ୱାସ୍ଥ୍ୟଅଧିକାରୀ ଡାକ୍ତର ବନମାଳୀ ପ୍ରଧାନ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଅଜୟ ବାହିନିପତି, ସାମାଜିକ କର୍ମୀ ଗଦାଧର ଜେନା ପ୍ରମୁଖ ଯୋଗ ଦେଇଥିଲେ । ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ଏହାକୁ ପରିଚାଳନା କରିଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ବାପି



@ ଜୀବନଜ୍ୟୋତି



@ ଜୁଗଲ



@ ସୁନିଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଟ୍ରାକ୍ଟର ଦୁର୍ଘଟଣାରେ ଜଣେ ମୃତ

ଓଡ଼ଗାଁ,୨୭।୭ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ସୁନାମୁହିଁ ପଞ୍ଚାୟତ ଲଡୁପଲ୍ଲୀ ଗାଁପୋଖରୀରୁ ଡିମାପଥର ଆଣୁଥିବା ଏକ ଟ୍ରାକ୍ଟର ନିୟନ୍ତ୍ରଣ ହରାଇ ଓଲଟି ପଡିବାରୁ ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଲଣ୍ଡାବାଦୁ ଗାଁର ନିରଞ୍ଜନ ସେଠୀ(୩୫)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି । ଓଡ଼ଗାଁ ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି।

## ଶିକ୍ଷା ସପ୍ତାହ କାର୍ଯ୍ୟକ୍ରମରେ ଚାରା ରୋପଣ

ଖଣ୍ଡପଡ଼ା,୨୭।୭(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, କଣ୍ଟିଲୋ କୁଞ୍ଜବିହାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ନୀଳମାଧବ ନୋଡାଲ ଉଚ୍ଚ ବିଦ୍ୟାଳୟ ଓ କୁମ୍ଭାରପଡ଼ା ରାମଚନ୍ଦ୍ର ଉଚ୍ଚ ପ୍ରାଥମିକ ମଧ ଇଂରାଜୀ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନଙ୍କ ଶିକ୍ଷାର ମାନବୃଦ୍ଧି ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶିକ୍ଷା ବିଭାଗ ନିର୍ଦ୍ଦେଶାନୁସାରେ ଗତ ୨୨ ତାରିଖଠାରୁ ଏହି ଶିକ୍ଷା ସପ୍ତାହ ଅନୁଷ୍ଠିତ ହେଉଛି । ଏହି କାର୍ଯ୍ୟକ୍ରମ ରବିବାର ସମ୍ପନ୍ନ ହେବ । ତେବେ ୨୮ ତାରିଖ ରବିବାର ଥିବାରୁ ସୋମବାର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକମାନେ ସୂଚନା ଦେଇଛନ୍ତି ।

ଶନିବାର ଇକୋ କ୍ଲବ୍ ପୋଷଣ ଦିବସ ପାଳନ ଅବସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଆରସି ହାଇସ୍କୁଲ ଖଣ୍ଡପଡ଼ାରେ ପ୍ରଧାନ ଶିକ୍ଷୟିତ୍ରୀ ଲିପ୍ସା ନନ୍ଦ, ସହକାରୀ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଖଟୁଆ, ଶିକ୍ଷକ ବିଶ୍ୱମ୍ଭର ପ୍ରଧାନ, ରବିନାରାୟଣ ଗୋଚ୍ଛି ,କଣ୍ଟିଲୋ କୁଞ୍ଜବିହାରୀ ସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀନିବାସ ପଣ୍ଡା, ସହକାରୀ ଶିକ୍ଷୟିତ୍ରୀ ବାସନ୍ତୀ ପଣ୍ଡା, ନିରଞ୍ଜନ କଦମସେଠ, ନୀଳମାଧବ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ମନୋଜ କୁମାର ନାୟକ ଏବଂ କୁମ୍ଭାରପଡା ସ୍କୁଲର ପ୍ରଧାନ ଶିକ୍ଷକ କ୍ଷୀରୋଦ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ସଂପୃକ୍ତ ବିଦ୍ୟାଳୟର ଅନ୍ୟାନ୍ୟ ସହକାରୀ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ମାନଙ୍କ ଗହଣରେ ବିଦ୍ୟାଳୟ ପରିସରରେ ବିଭିନ୍ନ ଫଳପ୍ରଦ ଆମ୍ବ ଲେମ୍ବୁ ଓ ବିଭିନ୍ନ କିସମର ଫୁଲ ଚାରା ରୋପଣ କରିଥିଲେ ।



ଛାତ୍ରୀଛାତ୍ରମାନେ ଚାରା ରୋପଣ କରୁଛନ୍ତି ।

## ଅଭିଭାବକଙ୍କ ସହ ମିଶି ଚାରା ରୋପଣ କଲେ ଛାତ୍ରୀଛାତ୍ର

ଓଡ଼ଗାଁ,୨୭।୭
(ଆଦର୍ଶ କୁମାର ପଟ୍ଟନାୟକ )

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଆନୁକୂଲ୍ୟରେ ଗତ ୨୨ ତାରିଖରୁ ଚାଲୁ ରହିଛି ଶିକ୍ଷା ସପ୍ତାହ। ଏହି ଅବସରରେ ଶିକ୍ଷଣ ସାମଗ୍ରୀ ଦିବସ, ମୌଳିକ ଭାଷା ଓ ସଂଖ୍ୟାଜ୍ଞାନ ଦିବସ,କ୍ରୀଡ଼ା ଦିବସ, ସାଂସ୍କୃତିକ ଦିବସ, ଦକ୍ଷତା ଓ ଡିଜିଟାଲ ପ୍ରୋତ୍ସାହନ ଦିବସ, ଇକୋକ୍ଲବ ତଥା ପୋଷଣ ଦିବସ ଏବଂ ଗୋଷ୍ଠୀ ସଂପୃକ୍ତି ଦିବସ ପାଳନ କରାଯିବା ପାଇଁ ନିର୍ଦ୍ଦେଶନାମା ରହିଛି। ଶନିବାର ଏହି ଷଷ୍ଠ ଦିବସରେ ଓଡ଼ଗାଁ ବ୍ଲକ ମଶାବାରୀ କ୍ଲଷ୍ଟର ଅନ୍ତର୍ଗତ ଉଦ୍ଧବ ସରକାରୀ ଉ.ପ୍ରା. ବିଦ୍ୟାଳୟ ରଙ୍ଗଣୀପାଟଣାରେ ପାଳିତ ହୋଇଛି ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ। ଏ ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରମାନେ ନିଜ ମା'ମାନଙ୍କ ସହ ମିଶି ବିଦ୍ୟାଳୟ ହତାରେ ଚାରା ରୋପଣ କରିଥିଲେ। ସ୍ଥାନୀୟ ସରପଞ୍ଚ, ମଶାବାରୀ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଯଶୋବନ୍ତ ପଟ୍ଟନାୟକ, ମାତମଞ୍ଚ ସଭାପତି ପ୍ରମୋଦିନୀ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ଦାଶ, ହସ୍ତକଳା ପ୍ରଶିକ୍ଷିକା ସ୍ମିତାଶ୍ରୀ ପାଣିଗ୍ରାହୀ ଓ କଳାଶିକ୍ଷକ ଏକଲବ୍ୟ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାରାରୋପଣ କରିବା ସହ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମିଳିବାଳା ସାହୁ, ଶୈଳବାଳା ରାଜ, ସୁନିତା ସାହୁ, ରଶ୍ମିତା ସେଠୀ, ସୁଜାତା ସାହୁ, ଲକ୍ଷ୍ମୀପ୍ରିୟା ଜେନା, ଝିଲିବାଳା ନାହାକ, ବିଦ୍ୟାଧର ବେହେରା, ଭଗବାନ ଦଳବେହେରା, ଲକ୍ଷ୍ମଣ ଦଳବେହେରା, ଅକ୍ଷୟ କୁମାର ଦାଶ,ପ୍ରସନ୍ନ କୁମାର ନାୟକ, ପ୍ରକାଶ ଚନ୍ଦ୍ର ସାହୁ,ଗୌରହରି ସାହୁ ଏବଂ ଛାତ୍ର ପ୍ରତିନିଧି ଅଶୋକ କୁମାର ଦାଶ,ଛାତ୍ରୀ ପ୍ରତିନିଧି ଅନ୍ନପୂର୍ଣ୍ଣା ଜେନା ପ୍ରମୁଖ ସାମିଲ ହୋଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ଉଷାରାଣୀ ଦାଶ ଓ ଶିକ୍ଷୟିତ୍ରୀ ସସ୍ମିତା କୁମାରୀ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟ ତରଫରୁ କଳା,ସାହିତ୍ୟ, ହସ୍ତକଳା ସମ୍ପର୍କୀୟ ଆଲୋଚନାଚକ୍ର ଓ ସଚେତନତା ସଭା ମଧ୍ୟ ଅନୁଷ୍ଠିତ ହୋଇଥିଲା।



ଚାରା ରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର, ଅଭିଭାବକ।

